


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-47 ◆SUNDAY ◆10 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୪୭ ◆ରବିବାର ◆୧୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଏକାସଙ୍ଗେ ଯା'ଆସ ଟିକଟ ବୁକିଂରେ ୨୦% ରିଆତି

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଦୀପାବଳି ଏବଂ ଅନ୍ୟ ପାର୍ବଣ ଋତୁକୁ ଧ୍ୟାନରେ ରଖି ଭାରତୀୟ ରେଳବାଇ ଏକ ନୂଆ ଯୋଜନା ଆରମ୍ଭ କରିଛି। ଏକାସଙ୍ଗେ ଯିବା ଏବଂ ଆସିବା ଟିକଟ ବୁକିଂ କଲେ ୨୦ ପ୍ରତିଶତ ରିଆତି ମିଳିବ ବୋଲି ଘୋଷଣା କରାଯାଇଛି। ତେବେ ଏହି ରିଆତି କେବଳ ରିଟର୍ଣ୍ଣ ଟିକଟ ଉପରେ ଦିଆଯିବ। ଘରକୁ ଯାଇ ପୁଣି ଟ୍ରେନରେ ଫେରିବାକୁ ଚାହୁଁଥିବା ଲୋକେ ଏହି ଯୋଜନାରେ ବେଶ ଉପକୃତ ହେବେ। ପାର୍ବଣ ଋତୁରେ ଟିକଟ ପାଇଁ ଭିଡ଼ ଏବଂ ଲୋକଙ୍କ ସମସ୍ୟାକୁ ଦେଖି ପରୀକ୍ଷାମୂଳକ ଭାବେ ଏହି ନିଷ୍ପତ୍ତି ନିଆଯାଇଛି।





### ରେଳବାଇର ନୂଆ ଯୋଜନା

ଯଦି କେହି ଅହମଦାବାଦ ଏକ୍ସପ୍ରେସରେ ପାଟନା ଯାଆନ୍ତି ଏବଂ ଏହି ଯୋଜନାର ଲାଭ ଉଠାଇବାକୁ ଚାହାନ୍ତି ତେବେ ସେଠାରୁ ଫେରୁଥିବା ଏହି ଟ୍ରେନରେ ଟିକଟ କାଟିବାକୁ ହେବ। ସେହିପରି ଟିକଟରେ ଦିଆଯାଇଥିବା ସବୁ ସୂଚନା ମଧ୍ୟ ସମାନ ହେବା ଉଚିତ। ଅର୍ଥାତ୍ କେଉଁଠାରୁ କେଉଁଠିକୁ ଯିବେ, ଯାତ୍ରୀଙ୍କ ନାମ, ବୟସ ଏବଂ କେଉଁ ଶ୍ରେଣୀ ଆଦି ଟିକଟରେ ସମାନ ହେବା ଉଚିତ। ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅକ୍ଟୋବର ୧୩ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ କରାଯାଉଥିବା ଟିକଟ ଏବଂ ଫେରିବା ପାଇଁ ନଭେମ୍ବର ୧୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଟିକଟ ବୁକିଂ କରିବାକୁ ହେବ। ଏଥିପାଇଁ ଅଗଷ୍ଟ ୧୪ରୁ ବୁକିଂ ଆରମ୍ଭ ହେବ।

## ପ୍ରଥମ ଥର କଶ୍ମୀରରେ ଗଡ଼ିଲା ମାଲବାହୀ ଟ୍ରେନ୍

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଭାରତୀୟ ରେଳବାଇ ପୁଣି ଏକ ଉପଲବ୍ଧି ହାସଲ କରିଛି। ପ୍ରଥମ ଥର ପାଇଁ ଶନିବାର ଏକ ମାଲବାହୀ ଟ୍ରେନ କଶ୍ମୀର ଘାଟୀରେ ପହଞ୍ଚିଛି। ଏହା ସହିତ କଶ୍ମୀର ଘାଟୀରେ ଲଜିଷ୍ଟିକ ଏବଂ ଆର୍ଥିକ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଯାଇଛି। ଏହି ମାଲବାହୀ ଟ୍ରେନ ପଞ୍ଜାବର ରୁପନଗରରୁ ସିମେଣ୍ଟ ନେଇ କଶ୍ମୀରର ଅନନ୍ତନାଗ ଗୁଡ୍ସ ସେଡ୍‌ରେ ପହଞ୍ଚିଛି। ଏହି ଐତିହାସିକ ପଦକ୍ଷେପ ଦ୍ୱାରା କଶ୍ମୀର କ୍ଷେତ୍ର ରାଷ୍ଟ୍ରୀୟ ମାଲ ପରିବହନ ନେଟୱର୍କ ସହ ସାମିଲ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ସେ ଏହାର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ମୁହୂର୍ତ୍ତ ବହୁତ ଖାସ୍ ଥିଲା ବୋଲି କହିଛନ୍ତି। ଟ୍ରେନ୍‌ରେ ସାମଗ୍ରୀ ପଠାଇବା ଦ୍ୱାରା କଶ୍ମୀର ବାସିନ୍ଦାଙ୍କ ଖର୍ଚ୍ଚ କମ୍ ହେବ। ଏହାର ଲାଭ ଲୋକଙ୍କୁ ମିଳିବ। ରେଳ ନେଟୱର୍କ ଦ୍ୱାରା ପରିବହନ ଶସ୍ତା ହେବ।



୨୧ ବିସିଏନ ୱାଗନରେ ସିମେଣ୍ଟ ନେଇ ଯାଉଥିବା ଏହି ଟ୍ରେନ ୬୦୦ କିମି ଅତିକ୍ରମ କରିବା ପାଇଁ ୧୮ ଘଣ୍ଟା ସମୟ ନେଇଥିଲା। ଏହା ଅନନ୍ତନାଗରେ ପହଞ୍ଚି ଥିଲା। ଘାଟୀରେ ସଡ଼କ, ପୋଲ, ସାର୍ବଜନୀନ ଭିତ୍ତିଭୂମି ଏବଂ ଭବନ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯିବ। ଏହା ଦ୍ୱାରା ବିକାଶକୁ ଗତି ମିଳିବ। ଲୋକଙ୍କ ଜୀବନଧାରଣ ମାନ ଉନ୍ନତ ହେବ।

## ଦିଲ୍ଲୀରେ ବର୍ଷା ବିଭ୍ରାଟ

# ଘର ଭୁଶୁଡ଼ି ୮ ମୃତ

### ୩୦୦ ବିମାନ ଉଡ଼ାଣ ବିଳମ୍ବିତ, ୧୦୦ ବାତିଲ

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ପ୍ରବଳ ବର୍ଷା ଯୋଗୁଁ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ସ୍ଥିତି ବେହାଲ ହୋଇପଡ଼ିଛି। ଗତକାଲି ରାତିରୁ ଲଗାତାର ବର୍ଷା ଯୋଗୁଁ ଏକ ପାଚେରି ଘର ଉପରେ ଭୁଶୁଡ଼ି ପଡ଼ିବାରୁ ୮ ଜଣ ପ୍ରାଣ ହରାଇଛନ୍ତି। ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ୩୦୦ରୁ ଅଧିକ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସେଥିମଧ୍ୟରୁ ୧୦୦ଟି ବିମାନ ସେବା ବାତିଲ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

### ବିପଦ ସଙ୍କେତ ଛୁଇଁବ ଯମୁନା, ଦିଲ୍ଲୀକୁ ବିପଦ

ଦିଲ୍ଲୀ-ଏନ୍‌ସିଆରରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଜାରି ରହିଛି। ଦିଲ୍ଲୀର ଜୋତପୁର ଥାନା ଇଲାକାରେ ଆଜି ସକାଳେ ଏକ ପାଚେରି ଭୁଶୁଡ଼ି କୁଡ଼ିଆ ଘର ଉପରେ ପଡ଼ିଥିଲା। ଫଳରେ ଘର ଭିତରେ ଥିବା ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ୪ଜଣ ପୁରୁଷ, ୨ଜଣ ମହିଳା ଓ ୨ ଜଣ ଛୋଟ ପିଲା ଥିବା ଜଣାପଡ଼ିଛି। ଏହାସହିତ ବିଭିନ୍ନ ▶ପୃଷ୍ଠା-୭



### ଆମେରିକାର ପୂର୍ବତନ ଏନ୍‌ଏସ୍‌ଏଙ୍କ ସମାଲୋଚନା

## ଦେଶକୁ ବର୍‌ବାଦ କରୁଛନ୍ତି ଟ୍ରମ୍ପ

■ **ୱାସିଂଟନ, ୯।୮ (ଏଜେନ୍ସି):** ଜବାବୀ ଶୁଳ୍କ ଲଗାଇ ବିଶ୍ୱରେ ଅର୍ଥନୈତିକ କମ୍ପନ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହୋଇଛନ୍ତି। ନାଗରିକଙ୍କଠାରୁ ପୂର୍ବତନ କୂଟନୈତିଜ୍ଞ ତଥା ବହୁ ବୁଦ୍ଧିଜୀବୀ ପର୍ଯ୍ୟନ୍ତ ଟ୍ରମ୍ପଙ୍କ 'ଟାରିଫ୍ ନୀତି'କୁ ତୀବ୍ର ସମାଲୋଚନା କରୁଛନ୍ତି। କାରଣ ଆମେରିକା ରାଷ୍ଟ୍ରପତିଙ୍କ ମନମୁଖୀ କାର୍ଯ୍ୟ ପାଇଁ ଦେଶବାସୀ ହନ୍ତସନ୍ତ ହେଉଛନ୍ତି। ମୁଦ୍ରାସ୍ଫୀତି ବଢ଼ିବା ସହିତ ନିଯୁକ୍ତି ସୁଯୋଗ ହ୍ରାସ ପାଇବାରେ ଲାଗିଛି। ନାଗରିକଙ୍କ ଉପରେ ଟ୍ରମ୍ପ ଆର୍ଥିକ ବୋଝ ବଢ଼ାଇ ଚାଲିଛନ୍ତି।

- ▶▶ ଟ୍ରମ୍ପଙ୍କ ଶୁଳ୍କ ନୀତି 'ବଡ଼ ଭୁଲ୍': ବୋଲ୍‌ଟନ୍
- ▶▶ ଜବାବୀ ଶୁଳ୍କର ପଡୁଛି ବିପରୀତ ପ୍ରଭାବ
- ▶▶ ଚୀନ୍ ଓ ରୁଷ୍‌ର ନିକଟତର ହେଉଛି ଭାରତ

ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଏକଚାଟିଆ ଆଭିମୁଖ୍ୟକୁ ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ତୀବ୍ର ସମାଲୋଚନା କରିଛନ୍ତି। ବୋଲ୍ଟନ୍ ଟ୍ରମ୍ପଙ୍କ ଟାରିଫ ନୀତିକୁ 'ବଡ଼ ଭୁଲ' ବୋଲି କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଦେଶକୁ ବର୍‌ବାଦ କରୁଛନ୍ତି। ଟ୍ରମ୍ପଙ୍କ ନୀତି ଯୋଗୁଁ ଆମେରିକାଠାରୁ ଭାରତ ଦୂରେଇ ଯିବାରେ ଲାଗିଛି। ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ବୋଲ୍ଟନ କହିଛନ୍ତି, ରୁଷ୍ ଏବଂ ଚୀନ୍‌ଠାରୁ ଭାରତକୁ ଦୂରେଇ ରଖିବା ପାଇଁ ଆମେରିକା ଦୀର୍ଘ ବର୍ଷ ହେଲା ପ୍ରୟାସ କରୁଥିଲା; ମାତ୍ର ଏବେ ଏହି ପ୍ରୟାସ ଦୁର୍ବଳ ହୋଇଯାଇଛି। ରୁଷ୍‌କୁ ଦୁର୍ବଳ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଛି। ଏହାର ଓଲଟା ପ୍ରଭାବ ଆମେରିକା ଉପରେ ପଡ଼ିପାରେ। ଏହାଦ୍ୱାରା ଭାରତ, ରୁଷ୍ ଏବଂ ଚୀନ୍ ନିକଟତର ହୋଇପାରନ୍ତି।

ବୋଲ୍ଟନ୍ କହିଛନ୍ତି, ରୁଷ୍‌ର ଆର୍ଥିକ କ୍ଷତି ପାଇଁ ଏହି କଟକଣା ଲଗାଯାଇଥିଲା; ମାତ୍ର ଭାରତ, ରୁଷ୍ ଏବଂ ଚୀନ୍ ଏକାଠି ହୋଇ ଏହି ଶୁଳ୍କକୁ ବିରୋଧ କରିପାରନ୍ତି। ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଥିବା ବେଳେ ଚୀନ୍ ସହ ଏପରି କରାଯାଇ ନାହିଁ। ଚୀନ୍ ସହ କିଛି ସମୟ ପାଇଁ ଶୁଳ୍କ ▶ପୃଷ୍ଠା-୭

## ପୁଣି ଘୁଞ୍ଚିଲା ନିଗମ, ବୋର୍ଡ ନିଯୁକ୍ତି

### ୨୦ ତାରିଖ ପରେ ହୋଇପାରେ ନିଯୁକ୍ତି: ମନମୋହନ

■ **ଭୁବନେଶ୍ୱର, ୯।୮ (ସମିସ):** ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରିବାକୁ ବସିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିଶନ ଏବଂ ଶିଶୁ ସୁରକ୍ଷା କମିଶନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ଗସ୍ତ ସାରି ଭୁବନେଶ୍ୱର ଫେରିବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ଆସନ୍ତା ୧୫ କିମ୍ବା୨୦ ତାରିଖ ପରେ ଦଳୀୟ ନେତୃତ୍ୱଙ୍କ ସହ ଆଲୋଚନା କରାଯାଇ ନିଗମ, ବୋର୍ଡରେ ନିଯୁକ୍ତି କରାଯିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଦଳ ପ୍ରତି ଆନୁଗତ୍ୟ, ଦକ୍ଷତା ଓ ବରିଷ୍ଠତା ଭିତ୍ତିରେ ବୋର୍ଡ ଓ ନିଗମରେ ନିଯୁକ୍ତି ଦିଆଯିବ। କେଉଁମାନେ ଦଳୀୟ ସଂଗଠନ ସମ୍ଭାଳିବେ ଆଉ କେଉଁମାନେ ସରକାରରେ ରହିବେ, ତାହା ଏକପ୍ରକାର ସ୍ଥିର ହୋଇଥିବା କୁହାଯାଉଛି। ତେବେ ଓଡ଼ିଶା ଖଣି ନିଗମ, ଓସାକ୍, ଓଏସ୍‌ଆଇସି, ଓଟିଡିସି, ଓପିଜିସି, ଇଡ୍‌କଲ୍, ଯୋଗାଣ ନିଗମ, ମଦ ନିଗମ ଏବଂ ଓମ୍‌ଫେଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଲାଭଦାୟକ ସଂସ୍ଥାର ଅଧ୍ୟକ୍ଷ ପଦ ଉପରେ ଆଶାୟୀ ଦଳୀୟ ନେତାଙ୍କ ଆଖି ରହିଥିବା ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ ଯେ ବିଜେପି ନେତୃତ୍ୱ ସ୍ତରରେ ବ୍ୟାପକ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସମାନ ଭାବେ ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ଦିଲ୍ଲୀରେ ତାଲିକା ପ୍ରସ୍ତୁତିରେ ବିଳମ୍ବ ହେଉଛି କି ପ୍ରଶ୍ନରେ ଶ୍ରୀ ସାମଲ କହିଛନ୍ତି ଯେ ଦିଲ୍ଲୀରେ ନୁହେଁ; ସବୁ ତାଲିକା ଓଡ଼ିଶାରେ ପ୍ରସ୍ତୁତ ହେବ। ଦିଲ୍ଲୀରେ ଆମେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ସ୍ୱାଭାବିକ ଭାବେ ଆଲୋଚନା କରିବାକୁ ଯାଇଥିଲୁ। ସେଠାରେ ଦଳୀୟ ସାଂସଦଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀ ଏବଂ ମୁଁ ବିଭିନ୍ନ ପ୍ରସଙ୍ଗରେ ରୁଟିନ୍ ବୈଠକ ଅନୁଯାୟୀ ଏକାଠି ହୋଇଥିଲୁ ବୋଲି ଶ୍ରୀ ସାମଲ କହିଛନ୍ତି।

### ଡାକ୍ତର ଆସିଲେନି, ପ୍ରସବ କରାଇଲେ ନର୍ସ

## ନବଜାତକ ମୃତ୍ୟୁରୁ ତୀବ୍ର ଉତ୍ତେଜନା

■ **ବଲାଙ୍ଗିର, ୯।୮ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ନବଜାତକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିନା ଡାକ୍ତରଙ୍କ ଉପସ୍ଥିତିରେ ଦୁଇଜଣ ନର୍ସ ଗର୍ଭବତୀଙ୍କ ପ୍ରସବ କରିଥିଲେ। କିନ୍ତୁ ଜନ୍ମ ପରେ ଶିଶୁଟି କୌଣସି ପ୍ରକାର ପ୍ରତିକ୍ରିୟା ଦେଇନଥିଲା। ଫଳରେ ନର୍ସମାନେ ତରବରିଆ ଭାବେ ଉଭୟ ଶିଶୁ ଓ ମହିଳାଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୨୦କିମି ଦୂରରେ ଥିବା ଡାକ୍ତରଖାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

### ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

ଡାକ୍ତରଖାନାରେ ଉଭୟ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରହିଥିବା ସତ୍ତ୍ୱେ ଏହିଭଳି ଘଟଣା ଡାକ୍ତରଖାନାରେ ରହିଥିବା ଦୋଷ ତ୍ରୁଟିକୁ ପଦାରେ ପକାଇଛି। କେବଳ ଏତିକି ନୁହେଁ, ସଂପୃକ୍ତ ମହିଳାଙ୍କୁ ଭର୍ତ୍ତି କରିବାଠାରୁ ଆରମ୍ଭ କରି ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ଜଣେ ବି ଁ ଡାକ୍ତର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ନଥିବା ▶ପୃଷ୍ଠା-୭

## 'ଉତ୍କଳ'ରେ ଅଧ୍ୟାପକ ମରୁଡ଼ି

### ଆଇନ ବିଭାଗ ଖାଁ ଖାଁ

### ୭୫ ପ୍ରତିଶତ ଉପସ୍ଥାନ ନେଇ ବିଭାଗର ତାଗିଦ

### ୱେବସାଇଟ୍‌ରେ ଅଛନ୍ତି ଅଧ୍ୟାପକ, ବାସ୍ତବରେ ଶୂନ




■ **ଭୁବନେଶ୍ୱର, ୯।୮ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘାରିଲାଣି ଉପସ୍ଥାନ ଚିନ୍ତା। ଶିକ୍ଷାବର୍ଷ ଆରମ୍ଭରୁ ଉପସ୍ଥାନ ପାଇଁ ଛାତ୍ରଛାତ୍ରୀଙ୍କୁ ତାଗିଦ୍ କଲେଣି। ହେଲେ ଛାତ୍ରଛାତ୍ରୀ ଆସିବାକୁ ଅମଙ୍ଗ। ପଢ଼ାଇବାକୁ କେହି ନାହାନ୍ତି, ଗଲେ କରିବୁ କ'ଣ ବୋଲି ରୋକଠୋକ୍ କହୁଛନ୍ତି। ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ କେହି ଅଧ୍ୟାପକ ନଥି ବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ମୋଟ୍ ୮୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ପ୍ରଥମ ବର୍ଷର ୨୩ ଜଣ ପିଲା ଏବଂ ଦ୍ୱିତୀୟ ବର୍ଷର ୧୫ ଜଣ ପିଲା ନିୟମିତ ଭାବେ ଆସୁନାହାନ୍ତି। ସେମାନଙ୍କ ଉପସ୍ଥାନ ୭୫ ପ୍ରତିଶତରୁ କମ୍ ରହିଛି। ଉପସ୍ଥାନ କମ୍ ଥିବା ପିଲାମାନଙ୍କ ତାଲିକା ଜାରି କରିବା ସହ ପରୀକ୍ଷା ଦେବାକୁ ଅତି କମରେ ୭୫ ପ୍ରତିଶତ ଉପସ୍ଥାନ ରଖିବାକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଛି। ଅପରପକ୍ଷରେ, ବିଭାଗରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ପାଠ ପଢ଼ାଇବାକୁ କେହି ଅଧ୍ୟାପକ ନାହାନ୍ତି। ବିଭାଗୀୟ ମୁଖ୍ୟ ମାସେ ତଳୁ ଅବସର ନେଇସାରିଛନ୍ତି। ଜଣେ ସଂଯୋଜକରେ ବିଭାଗ ଚାଲୁଛି। ନିୟମିତ ଭାବେ ପାଠପଢ଼ା ହେଉନାହିଁ। ତେଣୁ କାହିଁକି ନିୟମିତ ଯିବେ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରୁଛନ୍ତି।

ଜଣେ ପ୍ରଥମବର୍ଷ ଛାତ୍ରୀଙ୍କ କହିବା କଥା, ସେ ନାମ ଲେଖାଇବା ବେଳେ ଆବଶ୍ୟକ ଅଧ୍ୟାପକ ଥିବେ ବୋଲି ନିଶ୍ଚିତ ହୋଇଥିଲେ। କାରଣ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ବିଭାଗୀୟ ମୁଖ୍ୟଙ୍କ ସମେତ ପ୍ରାୟ ୩ଜଣ ଅଧ୍ୟାପକ କାର୍ଯ୍ୟରତ ଥିବା ଦର୍ଶାଯାଇଛି। ଯାହାକୁ ଦେଖି ସେ ବିଭାଗରେ ନାମ ଲେଖାଇଥିଲେ। ହେଲେ ବାସ୍ତବତା ପୂରା ଭିନ୍ନ। ▶ପୃଷ୍ଠା-୭

## ସୁବର୍ଣ୍ଣରେଖାରେ ଭାସିଗଲେ ୨ ଭଉଣୀ

■ **ଜଳେଶ୍ୱର, ୯।୮ (ସମିସ):** ମହାଦେବଙ୍କୁ ଜଳଲାଗି ପାଇଁ ପାଣି ଉଠାଇବାକୁ ଆସିଥିବା ଦୁଇ ଭଉଣୀ ସୁବର୍ଣ୍ଣରେଖା ନଦୀରେ ଭାସି ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଜଳେଶ୍ୱର ବ୍ଲକ ଶିଖରପୁର ଗାଁର କାହ୍ନୁ ଦାସଙ୍କ ଦୁଇ ଝିଅ ନନ୍ଦିତା (୧୪) ଓ ନନ୍ଦିନୀ (୧୨)। ସାଙ୍ଗମାନଙ୍କ ସହ ଦୁହେଁ ପାଣି ଉଠାଇବାକୁ ଶିଖରପୁର ପୋଲ ନିକଟ ଘାଟକୁ ଯାଇଥିଲେ। ନଦୀର ପ୍ରଖର ସ୍ରୋତରେ ନିୟନ୍ତ୍ରଣ ହରାଇ ୪ଜଣ ଭାସି ଯାଇଥିଲେ। ପାଖରେ ଥିବା କାଉଡ଼ିଆମାନେ ଜ୍ୟୋତିପ୍ରକାଶ ଦାସ, ଚାନ୍ଦିନୀ ଦାସଙ୍କୁ ଉଦ୍ଧାର କରିଥିଲେ। ହେଲେ ନନ୍ଦିତା ଓ ନନ୍ଦିନୀ ଦୂରକୁ ଭାସିଯିବାରୁ ସେମାନଙ୍କୁ ଉଦ୍ଧାର ସମ୍ଭବ ହୋଇପାରିନଥିଲା। ଖବର ପ୍ରଘଟ ହେବା ପରେ ଗ୍ରାମବାସୀ ଓ ପରିବାରଲୋକେ ନଦୀକୂଳରେ ଖୋଜାଖୋଜି କରିଥିଲେ। ଖବର ପାଇ ଜଳେଶ୍ୱର ଓ ବାଲିଆପାଳରୁ ୨ଟି ଓଡ୍ରାଫ୍ ଟିମ୍, ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ପରିସ୍ଥିତି ସଂପର୍କରେ ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ସହ ଜଳେଶ୍ୱର ପୁଲିସ ନଜର ରଖିଥିବା ଜଣାଯାଇଛି।



ଶୈବପୀଠରେ ଜଳଲାଗି ପାଇଁ ପାଣି ଉଠାଉଥିଲେ

## ରାଜ୍ୟବ୍ୟାପୀ ନକଲି ସାର ର୍‍ୟାକେଟ୍ ସକ୍ରିୟ

### ସରକାର ଉଦାସୀନ; ଫାଇଦା ଉଠାଉଛନ୍ତି ବ୍ୟବସାୟୀ

■ **ଭୁବନେଶ୍ୱର, ୯।୮ (ସମିସ):** ଚାଷୀର ଆବଶ୍ୟକତା ଅନୁସାରେ ସରକାରୀ ଭାବେ ସାର ମିଳୁନି। ବାଧ୍ୟହୋଇ ଚାଷୀମାନେ ବାହାର ଡିଲରଙ୍କଠାରୁ ସାର କିଣୁଛନ୍ତି। ଡିଲରମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଚାଷୀଙ୍କଠାରୁ ମୋଟା ଅଙ୍କର ମୁନାଫା କମାଇବା ସହ ନକଲି ସାରକୁ ଅସଲି ବୋଲି କହି ବିକ୍ରି କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ କୃଷି ବିଭାଗ ଚାହିଦା ଥିବା କଂପ୍ଲେକ୍ସ ସାର ଯୋଗାଇପାରୁନି। ଯେଉଁଠି ୧୦ ଟନ୍ ଆବଶ୍ୟକ ସେଠିକୁ ୭ ଟନ୍ ଦେଉଛି। ଏହାର ଫାଇଦା ନେଇ ନକଲି ସାର କାରବାର କରୁଥିବା ର୍‍ୟାକେଟ୍ ସକ୍ରିୟ ହୋଇ ଉଠିଛନ୍ତି। ରାଜ୍ୟ ବାହାରୁ ବେପାରୀମାନେ ଆସି ଓଡ଼ିଶାର ବିଭିନ୍ନ ବଡ଼ ବଡ଼ ମାର୍କେଟ୍‌ରେ ଡେରା ପକାଇଛନ୍ତି।

### କୃଷି ବିଭାଗର ଚଢ଼ଉ ନାହିଁ କି କାର୍ଯ୍ୟାନୁଷ୍ଠାନ ବି ନାହିଁ

### ମାଟିରେ ମିଶିପାରୁନି ନକଲି ସାର; ବଢୁଛି ପ୍ରଦୂଷଣ ଭୟ

ଯେଉଁଠି ଚାଷୀଙ୍କର ଅଧିକ ଆବଶ୍ୟକତା ଓ ସରକାରୀ ଉଦାସୀନତା ଦେଖୁଛନ୍ତି, ସେଠି ବ୍ୟାପକ ନକଲି ସାର ବିକ୍ରି କରାଯାଉଛି। ବିଶେଷକରି ଅନୁନ୍ନତ ବ୍ଲକ୍ ଓ ପଛୁଆ ଜିଲ୍ଲାଗୁଡ଼ିକୁ ଏମାନେ ଏବେ ଟାର୍ଗେଟ୍ କରିଥିବା ଜଣାପଡ଼ିଛି।

ରାଜ୍ୟ ବାହାର ବେପାରୀମାନେ ଡିଲରମାନଙ୍କୁ ବିଭିନ୍ନ ବ୍ରାଣ୍ଡର ନକଲି ସାର ଶସ୍ତାରେ ବିକ୍ରି କରୁଛନ୍ତି। ଏହି ସାର ର୍‍ୟାକେଟ୍ ବିଶେଷକରି ପଶ୍ଚିମ ଓଡ଼ିଶାକୁ ଟାର୍ଗେଟ୍ କରୁଛନ୍ତି। ନୂଆପଡ଼ା, ବରଗଡ଼, ବୌଦ୍ଧ ଆଦି ଜିଲ୍ଲାକୁ ଛତିଶଗଡ଼ ଅଞ୍ଚଳରୁ ସାର ଆସୁଛି। ସେଠିକାର ଏଜେଣ୍ଟ ପ୍ରଥମେ ଆସି ମାର୍କେଟ୍ ସର୍ଭେ କରୁଛନ୍ତି। ବ୍ୟବସାୟୀମାନଙ୍କୁ ମୋଟା ଅଙ୍କର ମୁନାଫା ସହ ଆକର୍ଷଣୀୟ ଅଫର୍‌ର ଲୋଭ ଦେଖାଉଛନ୍ତି। ଫଳରେ ବ୍ୟବସାୟୀମାନେ ପ୍ରଲୋଭନର ଶିକାର ହୋଇ ନକଲି ସାର ଚାଷୀଙ୍କୁ ବିକ୍ରି କରୁଛନ୍ତି। ସେହିଭଳି ଦକ୍ଷିଣ ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଛି। ଜିଲ୍ଲା ମୁଖ୍ୟାଳୟରୁ ଦୂରରେ ଥିବା ବ୍ଲକ୍‌ଗୁଡ଼ିକର ଛୋଟ ଛୋଟ ମାର୍କେଟ୍‌ଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ଏହି ସ୍ଥାନରେ ବ୍ଲକ୍ କୃଷି ଅଧିକାରୀଙ୍କ ନିଷ୍କ୍ରିୟତା ଓ ଜିଲ୍ଲା କୃଷି ଅଧିକାରୀଙ୍କ ▶ପୃଷ୍ଠା-୭



ନୂଆଦିଲ୍ଲୀରେ ରକ୍ଷାବନ୍ଧନ ଉତ୍ସବ ଅବସରରେ ସ୍କୁଲ ପିଲାଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## କୁଲଗାମ ଏନକାଉଣ୍ଟର: ୨ ଯବାନ ସହିଦ

କୁଲଗାମ୍, ୯।୮(ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମରେ ଅଖଲ ଜଙ୍ଗଲରେ ଆତଙ୍କବାଦୀମାନଙ୍କ ବିରୋଧରେ ଚାଲିଥିବା ଏନ୍‌କାଉଣ୍ଟରରେ ଶୁକ୍ରବାର ଭାରତର ଦୁଇଜଣ ଯବାନ ଶହୀଦ ହୋଇଛନ୍ତି। ଏଥିରେ ୪ ଜଣ ଯବାନ ଆହତ ହୋଇଛନ୍ତି। ଲାନ୍ସ ନାୟକ ପ୍ରିତପାଲ ସିଂହ ଓ ହରମିନ୍ଦର ସିଂହ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ଏ ନେଇ ସୂଚନା ପ୍ରଦାନ କରାଯାଇଥିଲା। ଅଗଷ୍ଟ ୧ରୁ ଅପରେସନ ଅଖଲ ଜାରି ରହିଛି ଓ ଶନିବାର ଏହି ଅପରେସନ ୯ମ ଦିନରେ ପହଞ୍ଚିଛି। ଗତ ୨ ତାରିଖରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଏପର୍ଯ୍ୟନ୍ତ ୯ ଜଣ ଜବାନ ଏହି ଏନ୍‌କାଉଣ୍ଟରେ ଆହତ ହୋଇଛନ୍ତି ଓ ଏମାନଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିଛନ୍ତି। ଅଖଲ ଜଙ୍ଗଲ୍‌ରେ ଏବେ ମଧ୍ୟ କେତେକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏହି ଅପରେସନରେ ଜମ୍ମୁ-କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ କାର୍ଯ୍ୟକାରୀ କରୁଛନ୍ତି। ଏବେ ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅଗଷ୍ଟ ୨ରେ ନିହତ ହୋଇଥିବା ଆତଙ୍କବାଦୀ ହେଉଛି ପୁଲବାମାର ହାରିସ ନାଜିର ଦାର। ସେ ସି- ବର୍ଗର ଆତଙ୍କବାଦୀ ଥିଲା। ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୬ରେ ଜାରି କରାଯାଇଥିବା ୧୪ଜଣିଆ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଥିଲା। ଏଥିରେ ନାଜିର ସାମିଲ ରହିଥିଲା। ତା ପାଖରେ ଏକେ-୪୭ ରାଇଫଲ, ମ୍ୟାଗାଜିନ ଓ ଗୋଳାବାରୁଦ ଜବତ କରାଯାଇଥିଲା। ଏହି ୧୪ ଜଣଙ୍କ ମଧ୍ୟରୁ ୭ ଜଣ ସେନା ଗୁଳିରେ ପ୍ରାଣ ହରାଇଥିବା ବେଳେ ୭ ଜଣଙ୍କ ତଲାସ ଜାରି ରହିଛି।

## ଅମରନାଥ ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ଶନିବାର ରାକ୍ଷୀପୂର୍ଣ୍ଣିମା ଅବସରରେ ପବିତ୍ର ଅମରନାଥ ଯାତ୍ରା ସମାପନ ହୋଇଛି। ଛଡି ମୁବାରକ ପବିତ୍ର ଗୁମ୍ଫା ନିକଟରେ ପହଞ୍ଚିବା ପରେ ଏହି ଯାତ୍ରା ଆନୁଷ୍ଠାନିକ ଭାବେ ସମ୍ପର୍ଣ୍ଣ ହୋଇଛି। ଏଥିପାଇଁ ପାରମ୍ପରିକ ରୀତିନୀତିରେ ମହନ୍ତ ଦୀପେନ୍ଦ୍ର ଗିରିଙ୍କ ତତ୍ତ୍ୱାବଧାନରେ ଶହେରୁ ଅଧିକ ସାଧୁଙ୍କ ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହାପରେ ଭକ୍ତମାନଙ୍କୁ ବର୍ଷର ଅନ୍ତିମ ଦର୍ଶନ କରିବାରୁ ସୁଯୋଗ ମିଳିଥିଲା। ଜୁଲାଇ ୩ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ ହେବା ଯୋଗୁଁ ଅଗଷ୍ଟ ୩ରେ ଏହି ଯାତ୍ରାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବର୍ଷ ମୋଟ୍ ୪ ଲକ୍ଷ ୧୦ ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରିଥିଲେ। କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଭକ୍ତ ଅମରନାଥ ଦର୍ଶନ କରିଥିଲେ। ଏଥର ଯାତ୍ରା ଅବସରରେ ଏକାଧିକ ଅଘଟଣା ମଧ୍ୟ ଘଟିଥିଲା। ଜୁଲାଇ ୫ରେ କେତୋଟି ବସ ପରସ୍ପରକୁ ଧକ୍କା ଦେବା ଫଳରେ ୩୬ ଶ୍ରଦ୍ଧାଳୁ ଆହତ ହୋଇଥିଲେ।

## ଆମେରିକାରେ ୫ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରାଜ୍ୟସଭାରେ ଶନିବାର ଶିବସେନା (ୟୁବିଟି) ସାଂସଦ ଅନୀଲ ଦେଶାଇଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହିନ୍ଦୁଙ୍କ ଉପରେ ହୋଇଥିବା ଅତ୍ୟାଚାର ତଥା ଆକ୍ରମଣ ନେଇ ତଥ୍ୟ ଉପସ୍ଥାପନା କରିଥିଲେ। ବାଂଲାଦେଶରେ ଗତ ୫ ବର୍ଷ ମଧ୍ୟରେ ହିନ୍ଦୁଙ୍କ ଉପରେ ୩, ୫୮୨ ଆକ୍ରମଣ ହୋଇଥିବା ସେ ସୂଚନା ଦେଇଛନ୍ତି। ରଙ୍ଗପୁର ଓ ଛଟଗ୍ରାମ ଭଳି ଜିଲ୍ଲାରେ ଅଳ୍ପସଂଖ୍ୟକଙ୍କ ଉପରେ ହିଂସା ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ପାକିସ୍ତାନରେ ଅଳ୍ପସଂଖ୍ୟାକ ବିରୋଧରେ ୩୩୪ଟି ହିଂସାର ମାମଲା ହୋଇଛି ଓ ଏ ନେଇ ଭାରତ ପାକିସ୍ତାନ ସମ୍ମୁଖରେ ପ୍ରଶ୍ନ ଉଠାଇଛି। ସେହିପରି ଆମେରିକାର, କାନାଡା, ବ୍ରିଟେନ ଭଳି ପାଶ୍ଚାତ୍ୟ ତଥା ଉନ୍ନତ ଦେଶଗୁଡ଼ିକରେ ମଧ୍ୟ ହିନ୍ଦୁଙ୍କ ଉପରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ହୋଇଛି। ଏହି ଦେଶଗୁଡ଼ିକରେ ହିନ୍ଦୁ ମନ୍ଦିର ଉପରେ ଏକାଧିକ ଆକ୍ରମଣ ହୋଇଛି। ଆମେରିକାରେ ୫ ଓ କାନାଡାରେ ୪ଟି ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା କରାଯାଥିଲା ବୋଲି ସେ କହିଛନ୍ତି।

## କର୍ଣ୍ଣାଟକରେ ମହିଳାଙ୍କ କଟାମୁଣ୍ଡ

ବେଙ୍ଗାଲୁରୁ, ୯।୮(ଏଜେନ୍ସି): କର୍ଣ୍ଣାଟକର ଟୁମକୁର ଜିଲ୍ଲାରେ ଜଣେ ୪୨ ବର୍ଷୀୟ ମହିଳାଙ୍କ ଶରୀରର ୧୦ଟି ଅଲଗା ଅଲଗା ଅଂଶ ଭିନ୍ନ ଭିନ୍ନ ସ୍ଥାନରୁ ମିଳିଛି। ଶୁକ୍ରବାର ସିଦ୍ଧାରବେତ୍ତାରେ ତାଙ୍କ କଟା ମୁଣ୍ଡ ମିଳିଥିଲା। ଶନିବାର ଗୋଟିଏ କୁକୁର ମହିଳାଙ୍କ କଟା ହାତ ଟାଣୁଥିବାର ଦେଖି ଲିଙ୍ଗପୂରା ଗ୍ରାମର ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏହାର ଆଖପାଖ ଅଞ୍ଚଳରେ ଆଉ ଏକ ହାତକୁ ଖୋଜି ପାଇଥିଲା। ଏହାପରେ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରି ଶରୀର ଅନ୍ୟ ଅଂଶ ଖୋଜି ପାଇଥିଲା। ଏହି ମହିଳା ଜଣକ ଗତ ୪ ତାରିଖରୁ ନିଖୋଜ ଥିଲେ। ହାତର ଟାଟୁ ଓ ମୁହଁର ଆକୃତିକୁ ନେଇ ପୁଲିସ ତଦନ୍ତ କରିଥିଲା ଓ ଏହା ଲକ୍ଷ୍ମୀଦେବମ୍ମାଙ୍କ ମୃତଦେହ ବୋଲି ଜାଣିବାକୁ ପାଇଥିଲା। ଟୁମକୁରୁ ତାଲୁକସ୍ଥିତ ବେଲ୍ଲାଭି ଗାଁ ମହିଳା ଜଣକ ରହୁଥିଲେ। ମହିଳାଙ୍କ ସ୍ୱାମୀ ବାସଭାରାଜୁ ପତ୍ନୀ ନିଖୋଜ ହେବା ନେଇ ପୁଲିସରେ ଅଭିଯୋଗ କରିଥିଲେ। ସେ ତାଙ୍କ ଝିଅଙ୍କୁ ଭେଟିବାକୁ ଯିବା ପରେ ଫେରି ନଥିଲେ।

# ପାକିସ୍ତାନର ୬ଟି ଯୁଦ୍ଧ ବିମାନକୁ ଖସାଇଥିଲା ଭାରତ



## ଆକ୍ରମଣରେ ଆମେରିକା ନିର୍ମିତ ଏଫ୍-୧୬ ବି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପହଲଗାମର ଆକ୍ରମଣର ପ୍ରତିଶୋଧ ପାଇଁ ଭାରତ ଆରମ୍ଭ କରିଥଇବା 'ଅପରେସନ ସିନ୍ଦୂର'କୁ ନେଇ ଭାରତୀୟ ବାୟୁସେନା ମୁଖ୍ୟ ତଥା ଏୟାର ଚିଫ୍ ମାର୍ଶାଲ ଏପି ସିଂହ ବଡ଼ ସୂଚନା ଦେଇଛନ୍ତି। ଆମେରିକାର କିଛି ଏଫ-୧୬ ସହିତ ପାକିସ୍ତାନର ୬ଟି ଲଢୁଆ ବିମାନକୁ ଭାରତ ଧ୍ୱଂସ କରିଦେଇଛି ବୋଲି ସେ କହିଛନ୍ତି। ଏଗୁଡିକ ମଧ୍ୟରେ ୫ଟି ଲଢୁଆ ବିମାନ ଏବଂ ଗୋଟିଏ ବଡ଼ ବିମାନ ଏଇଡବ୍ଲ୍ୟୁଆଣ୍ଡସି (ଏୟାରବର୍ଣ୍ଣ ଆର୍ଲି ୱାର୍ଣ୍ଣି ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ ) ସାମିଲ ରହିଛି। ଏହା ପାକିସ୍ତାନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଥିଲା। ସବୁ ଲଢୁଆ ବିମାନକୁ ମଝି ଆକାଶରୁ ଖସାଇ ଦିଆଯାଇଥିଲା। ଗୋଟିଏ ବଡ଼ ବିମାନକୁ ତିନି ଶହ କିମି ଦୂରରୁ ଖସା ଯାଇଥିଲା। ଏହା ଇଏଲଆଇଏନ୍‌ଟି କିମ୍ବା ଏଇଡବ୍ଲ୍ୟୁଆଣ୍ଡିସି ହୋଇ ଥାଇପାରେ। ପ୍ରଥମ ଥର ପାଇଁ ତିନି ଶହ କିମି ଦୂରରୁ କୌଣସି ବିମାନକୁ ଖସା ଯାଇଛି। ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ପାକିସ୍ତାନର ଭୋଲାରି ଏବଂ ଜାକୋବାଦ ସ୍ଥିତ ହ୍ୟାଙ୍ଗରରେ ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା। ରକ୍ଷଣାବେକ୍ଷଣ ଲାଗି ସେଠାରେ କିଛି ଏଫ-୧୬ ଲଢୁଆ ବିମାନ ଥିଲା। ଏ ସବୁକୁ ଧ୍ୱଂସ କରିଦିଆଯାଇଥିଲା। ବେଙ୍ଗାଲୁରୁରେ ଅନୁଷ୍ଠିତ '୧୬ତମ ଏୟାର ଚିଫ୍ ମାର୍ଶାଲ ଏଲଏମ କାଟରେ ଲେକ୍ଚର'ରେ ସାମିଲ ହୋଇ ବାୟୁସେନା ମୁଖ୍ୟ ଏହି ସୂଚନା ଦେଇଛନ୍ତି।

ଏୟାର ଚିଫ୍ ମାର୍ଶାଲ କହିଛନ୍ତି ଯେ ଚଳିତ ଥର ବାଲାକୋଟ ଭୂତକୁ ଛଡ଼ାଇ ଦେଇଛୁ। ୨୦୧୯ ର ବାଲାକୋଟ ଷ୍ଟ୍ରାଇକ ସମୟରେ ଆମେ ପ୍ରମାଣ ସଂଗ୍ରହ କରିପାରି ନ ଥିଲୁ। ସେତେବେଳେ କିଛି ଲୋକ ପ୍ରମାଣ ମାଗିଥିଲେ, କିନ୍ତୁ ଅପରେସନ ସିନ୍ଦୂରକୁ ନେଇ କେହି ଭାରତକୁ ପ୍ରମାଣ ମାଗିନାହାନ୍ତି। ଭାରତର ଜବାବୀ ଆକ୍ରମଣରେ ପାକିସ୍ତାନର ହୋଇଥିବା ବିପୁଳ କ୍ଷୟକ୍ଷତି ସମ୍ପର୍କରେ ପାକିସ୍ତାନୀ ଗଣମାଧ୍ୟମ ହିଁ ଦେଖାଇଛି। ପୂର୍ବରୁ ଏବଂ ଭାରତ ଆକ୍ରମଣ ପରର ପାକିସ୍ତାନ ସାମରିକ ଘାଟିର ଦୃଶ୍ୟ ସବୁଠି ଉପଲବ୍ଧ ରହିଛି। ଭାରତ କ'ଣ ହାସଲ କରିଛି ତାହା ବିଶ୍ୱ ଦେଖିଛି। ବାହାବଲପୁର ସ୍ଥିତ ଆତଙ୍କବାଦୀ ଠିକଣା ବି ଧ୍ୱସ୍ତସ୍ତୁପରେ ପରିଣତ ହୋଇଯାଇଛି।

**'ଅପରେସନ ସିନ୍ଦୂର'କୁ ନେଇ ବାୟୁସେନା ମୁଖ୍ୟଙ୍କ ଘୋଷଣା**

**ଧ୍ୱଂସ କରିଛୁ ପାକିସ୍ତାନର ୬ ଲଢୁଆ ବିମାନ**

**ବାଲାକୋଟ ଭୂତ ଛାଡ଼ିଗଲା**

**ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା ଏସ୍-୪୦୦**



ବାୟୁସେନା ମୁଖ୍ୟଙ୍କ ଅନୁଯାୟୀ 'ଅପରେସନ ସିନ୍ଦୂର'ରେ 'ଏୟାର ଡିଫେନ୍ସ ସିଷ୍ଟମ' ବହୁତ ଭଲ କାମ କରିଥିଲା। ପାକିସ୍ତାନ ଭାରତର ଏୟାର ଡିଫେନ୍ସକୁ ଭେଦ କରିପାରି ନ ଥିଲା। ଏଥିରେ ଏସ-୪୦୦ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। ଦୀର୍ଘ ଦୂରଗାମୀ ଗ୍ଲାଇଡେଡ ବୋମା ଥିଲେ ବି ପାକିସ୍ତାନ ଏହାକୁ ବ୍ୟବହାର କରିପାରି ନ ଥିଲା। ରାଜନୈତିକ ଇଚ୍ଛାଶକ୍ତି ଯୋଗୁଁ ଏହି ସଫଳତା ମିଳିଥିଲା। ସେନା ଉପରେ କୌଣସି କଟକଣା ନ ଥିଲା। ଭାବିଚିନ୍ତି ଆକ୍ରମଣ କରାଯାଇଥିଲା। ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିଲା। ସେନାର ସବୁ ଶାଖାକୁ ଏକାଠି କରିବାରେ ସିଡିଏସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ଏକ ହାଇଟେକ୍ ଯୁଦ୍ଧ ଥିଲା। ୮୦ରୁ ୯୦ ଘଣ୍ଟିଆ ଏହି ଯୁଦ୍ଧ ଏତେ କ୍ଷତି ହୋଇଥିଲା ଯେ ଜାରି ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିବ ଭାବି ପାକିସ୍ତାନ ଡିଜିଏମଓ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ଭାରତ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ। ଏହି ଯୁଦ୍ଧକୁ ନେଇ ଲୋକେ ଅହଙ୍କାରୀ ହୋଇ ଯାଇଥିଲେ। ଲକ୍ଷ୍ୟ ହାସଲ ପରେ ଏହାକୁ ବନ୍ଦ କରିବା ପାଇଁ ସୁଯୋଗ ଖୋଜିବା ଉଚିତ। କିନ୍ତୁ ମୋର କିଛି ଘନିଷ୍ଠ ଆହୁରି ଅଧିକ ମାରିବା ପାଇଁ କହୁଥିଲେ। କିନ୍ତୁ ଯୁଦ୍ଧ ଜାରି ରଖିବା ଠିକ୍ ନ ଥିଲା। ଭାରତ ଏକ ଭଲ ନିଷ୍ପତ୍ତି ନେଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଅବସର ପୂର୍ବରୁ ପାକିସ୍ତାନ ଯିବାକୁ ସମସ୍ତେ ସୁଯୋଗ ଖୋଜିଥାନ୍ତି। ଏହି ଲକ୍ଷ୍ୟ ରଖି ଆମେ ବାୟୁସେନାରେ ବଡ଼ ହୋଇଛୁ। ସଂଯୋଗବଶତଃ ଅବସର ପୂର୍ବରୁ ମୋତେ ଏହି ସୁଯୋଗ ମିଳିଗଲା ବୋଲି ବାୟୁସେନା ମୁଖ୍ୟ ଉଲ୍ଲେଖ କରିଛନ୍ତି। ସେ ଏହି ଟିପ୍ପଣୀ ଦେବା ସମୟରେ ପାକିସ୍ତାନର ସରଗୋଧା ଘାଟୀକୁ ବାୟୁସେନା ନିଶାଣ କରିଥିଲା ବୋଲି କହିଛନ୍ତି।

**ଆରଜି କର ହସ୍ପିଟାଲ ଦୁଷ୍କର୍ମ ମାମଲାକୁ ବର୍ଷେ**

# ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ

କୋଲକାତା, ୯।୮(ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ଏକ ବର୍ଷ ପୂରଣ ହୋଇଛି। ଏଥିପାଇଁ ପୀଡିତାଙ୍କ ପରିବାର ଶନିବାର ପଶ୍ଚିମବଙ୍ଗ ସଚିବାଳୟ (ନବନ୍ନା) ଚଲୋ ଅଭିଯାନର ଆହ୍ୱାନ ଦେଇଥିଲେ। ଏଥିପାଇଁ ଏହି ରାଲିରେ ପୀଡିତାଙ୍କ ପରିବାର ସଦସ୍ୟଙ୍କ ସହିତ ବିଜେପିର କେତେଜଣ ବରିଷ୍ଠ ନେତା ଯୋଗ ଦେଇଥିଲେ। କିନ୍ତୁ ଏମାନଙ୍କ ଉପରେ ଶନିବାର କୋଲକାତା ପୁଲିସ ଲାଠି ଚାର୍ଜ କରିଥିଲା। ପୁଲିସର ଲାଠିମାଡରେ ପୀଡିତାଙ୍କ ମାତାପିତା ଆହତ ହୋଇଛନ୍ତି। ଏହି ଘଟଣାକୁ ଗୋଟିଏ ବର୍ଷ ପୁରଣ ହୋଇଥିବାରୁ ବିଜେପି ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମାର୍ଚ୍ଚରେ ସାମିଲ ହୋଇଥିଲେ। ପୁଲିସର ଏହି ବର୍ବରାତାକୁ ବିରୋଧ କରି ଶୁଭେନ୍ଦୁ କୋଲକାତା ପାର୍କ ଷ୍ଟ୍ରିଟ୍‌ରେ ଧାରଣାରେ ବସିଥିଲେ।

ମୃତ ମହିଳା ଡାକ୍ତରଙ୍କ ମାତାପିତା ଏହି ମାର୍ଚ୍ଚର ଆହ୍ୱାନ ଦେଇଥିଲେ। କିନ୍ତୁ ନବନ୍ନା ପରିସରରେ ପ୍ରଥମରୁ ଧାରା ୧୬୩ ଲାଗୁ କରାଯାଇଥିଲା। ଫଳରେ ସେଠାରେ କୌଣସି ପ୍ରକାର ଆନ୍ଦୋଳନକୁ ବାରଣ କରାଯାଇଥିଲା। କୋଲକାତା ପୁଲିସ ପ୍ରଥମରୁ ଚେତାବନୀ ଜାରି କରିଥିଲା। ଏହା ସତ୍ତ୍ୱେ ବ୍ୟାରିକେଡ ଭାଙ୍ଗି ଆନ୍ଦୋଳନକାରୀ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ମାର୍ଚ୍ଚ ଆଗକୁ ଯାଉଥିବା ବେଳେ କୋଲକାତାର ପାର୍କ ଷ୍ଟ୍ରିଟ୍‌ରୁ ଡୋରିନା କ୍ରସିଂ ଏବଂ ହାଓଡା ମେଇଦାନରୁ ସନ୍ତରାଗାଛି ପର୍ଯ୍ୟନ୍ତ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ିବା ବେଳେ ପୁଲିସ ଲାଠି ଚାର୍ଜ କରିଥିଲା। ଶୁଭେନ୍ଦୁଙ୍କୁ ରୋକିବା ଫଳରେ ପାର୍କ ଷ୍ଟ୍ରିଟ୍‌ରେ ହଙ୍ଗାମା ହୋଇଥିଲା। ଫଳରେ ସେ ଧାରଣାରେ ବସିଥିଲେ। ପୁଲିସ ଲାଠିମାଡରେ ମୁଣ୍ଡରେ ଆଘାତ ଲାଗିଛି ଓ ହାତର ଶଙ୍ଖା ଭାଙ୍ଗିଯାଇଛି ବୋଲି ମୃତକଙ୍କ ମା ଅଭିଯୋଗ କରିଛନ୍ତି।

**ପୁଲିସର ଲାଠିମାଡ଼: ପୀଡିତାଙ୍କ ମାତାପିତା ମଧ୍ୟ ଆହତ**



## ନିର୍ବାଚନ ପୂର୍ବରୁ ୧୬୦ ସିଟ୍ ଅଫର ମିଳିଥିଲା: ପାୱାର

ନାଗପୁର, ୯।୮(ଏଜେନ୍ସି): ଏନ୍‌ସିପି (ଏସ୍‌ପି) ସୁପ୍ରିମୋ ଶରଦ ପାୱାର ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଦୁଇଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲେ ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ୨୮୮ରୁ ୧୬୦ ସିଟ୍ ଜିତିବା ନେଇ ଗ୍ୟାରେଣ୍ଟି ଦେଇଥିଲେ। ସେ ଏହି ଦୁଇ ଲୋକଙ୍କୁ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଥିଲେ। ସେମାନେ ରାହୁଲଙ୍କୁ ମଧ୍ୟ ଏହି ପ୍ରସ୍ତାବ ଦେଇଥିଲେ। ତେବେ ଆମେ ଏହି ପ୍ରସ୍ତାବକୁ ଗ୍ରହଣ କରି ନଥିଲୁ। ଆମେ ଲୋକଙ୍କ ପାଖକୁ ଯାଇ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲୁ। ପାୱାର କିନ୍ତୁ ଏହି ଦୁଇ ଲୋକଙ୍କ ପରିଚୟ ପ୍ରକାଶ କରି ନାହାନ୍ତି। ତେବେ ସେ କହିଛନ୍ତି ଯେ ଏଥିରୁ ଜଣାପଡୁଛି ଯେ ନିର୍ବାଚନରେ ଜାଲିଆତି ହୋଇଛି। ପାୱାର କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ପ୍ରଶ୍ନ ଉଠାଉଛନ୍ତି, ନିର୍ବାଚନ କମିସନ ତାର ଜବାବ ଦିଅନ୍ତୁ। କମିସନ ବଦଳରେ ବିଜେପି କାହିଁକି ପ୍ରତିକ୍ରିୟା ଦେଉଛି ବୋଲି ପାୱାର ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ କହିଛନ୍ତି ଯେ ପାୱାର ପୂର୍ବରୁ ଏହା କହିନଥିଲେ। ବୋଧେ ସେ ରାହୁଲ ଗାନ୍ଧୀଙ୍କ ପ୍ରଭାବରୁ ଏପରି କହୁଛନ୍ତି। ନିର୍ବାଚନର ଏତେ ଦିନ ପରେ ପାୱାରଙ୍କୁ ଏହି କଥା କିଭଳି ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ପ୍ରତିଦିନ ମନଗଢ଼ା କାହାଣୀ କହୁଛନ୍ତି। ରାହୁଲଙ୍କ ଭଳି ପାୱାର ମଧ୍ୟ ଏଭଳି କହିବା ଆରମ୍ଭ କଲେଣି। ଏହାପୂର୍ବରୁ ରାହୁଲ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟର ତାଲିକାରେ ଜାଲିଆତି ହେବା ଓ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ହରିୟାଣା ବିଧାନସଭା ନିର୍ବାଚନରେ ଭୋଟଚୋରି ହେବା ନେଇ ଅଭିଯୋଗ କରିଥିଲେ।



## ଝାଡ଼ଖଣ୍ଡରେ ଦୁଇ ମାଲ୍‌ଗାଡି ଧକ୍କା, ରେଳ ଚଳାଚଳ ବାଧାପ୍ରାପ୍ତ


ରାଞ୍ଚି, ୯।୮(ଏଜେନ୍ସି): ଝାଡଖଣ୍ଡର ଜାମସେଦପୁର ନିକଟସ୍ଥ ଚାନ୍ଦିଲ୍‌ରେ ଶନିବାର ସକାଳ ୪.୧୫ରେ ଦୁଇଟି ମାଲଗାଡି ପରସ୍ପରକୁ ଧକ୍କା ଦେଇଥିଲେ। ଗାଡିର ଏକାଧିକ ଡବା ରେଳ ଲାଇନ ବାହାରକୁ ଚାଲିଯାଇଥିଲା। ଫଳରେ ଏହି ରୁଟ୍‌ରେ ସବୁ ରେଳ ଚଳାଚଳକୁ ବନ୍ଦ କରିଦିଆଯାଇଛି। ଦୁର୍ଘଟଣା ପରେ ରେଳ ଲାଇନ ଉପରେ ଆବର୍ଜନା ବିଛାଡି ହୋଇ ପଡ଼ିଥିଲା। ମିଳିଥିବା ସୂଚନା ମୁତାବିକ ଗୋଟିଏ ମାଲଗାଡି ଟାଟାନଗରରୁ ବୋକାରୋ ଯାଉଥିଲା। ଅନ୍ୟ ଗାଡିଟି ବୋକାରୋରୁ ଟାଟାନଗର ଆସିଥିଲା। ସିଗ୍‌ନାଲ ସିଷ୍ଟମ୍‌ରେ ବୈଷୟିକ ତ୍ରୁଟି କାରଣରୁ ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏକ ମାଲଗାଡି ଟାଟା ନଗରରୁ ପୁରୁଲିଆକୁ ଯାଉଥିଲା। ଚାନ୍ଦିଲ ଷ୍ଟେସନ ପାର କରିବା ପରେ ଏହି ଗାଡି ଲାଇନଚ୍ୟୁତ ହୋଇଥିଲା ଓ ଏହି ଗାଡିର ଏକାଧିକ ବଗି ସାମ୍ନା ପଟୁ ଆସିଥିବା ଟ୍ରାକ୍ ଉପରେ ପଡ଼ିଥିଲା। ସାମ୍ନା ପଟୁ ଆସୁଥିବା ଗାଡି ଏହି ବଗିଗୁଡିକୁ ଧକ୍କା ଦେଇଥିଲା। ଫଳରେ ଦ୍ୱିତୀୟ ମାଲଗାଡିର ବଗିଗୁଡିକ ମଧ୍ୟ ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣା ପିତକୀ ଗେଟ୍ ଓ ଚାଣ୍ଡିଲ ଷ୍ଟେସନ ମଧ୍ୟରେ ହୋଇଛି।

## ୧୫ରେ ଆଲାସ୍କାରେ ପୁତିନଙ୍କୁ ଭେଟିବେ ଟ୍ରମ୍ପ

ୱାସିଂଟନ, ୯।୮(ଏଜେନ୍ସି): ଆଲାସ୍କାରେ ଅଗଷ୍ଟ ୧୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଶିଖର ବୈଠକ ହେବ। ଟ୍ରମ୍ପ ଶୁକ୍ରବାର ରାତିରେ ଏ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ବୈଠକ ସହିତ ଜଡିତ ବିଭିନ୍ନ ସୂଚନା ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ରୁଷିଆ ଆମ ଅଞ୍ଚଳ ଉପରେ କବ୍‌ଜା କରିଛି ଓ ଏହାକୁ ଆମେ କେବେବି ଦେବୁନାହୁଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଶାନ୍ତି ପାଇଁ ଯୁଦ୍ଧ ରୋକିବାକୁ ଆମେ ପ୍ରସ୍ତୁତ ବୋଲି ଜେଲେନସ୍କି କହିଛନ୍ତି।

# 'ଫ୍ୟାଟ୍‌ମ୍ୟାନ୍' ପ୍ରଳୟକୁ ପୂରିଲା ୮୦: ପ୍ରିୟଜନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ 'ହିବାକୁଶା'

ଟୋକିଓ, ୯।୮(ଏଜେନ୍ସି): ଜାପାନର ନାଗାସାକିରେ ୧୯୪୫ରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଶନିବାର ୮୦ ବର୍ଷ ପୂରିଛି। ଆମେରିକା ଅଗଷ୍ଟ ୯ରେ ସକାଳ ୧୧ଟାରେ ହିଁ ଜାପାନର ଏହି ସହରରେ ପରମାଣୁ ବୋମା ମାଡ କରିଥିଲା ଓ ଏହାପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ବିଶ୍ୱରେ ଶେଷଥର ପାଇଁ ନାଗାସାକିରେ ପରମାଣୁ ବୋମା ପଡ଼ିଥିଲା। ଏହି ବୋମାର ନାମ ଥିଲା 'ଫ୍ୟାଟମ୍ୟାନ'। ଏହି ଆକ୍ରମଣରେ ୭୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ ଅଗଷ୍ଟ ୬ରେ ହିରୋସିମାରେ ଆମେରିକା ପ୍ରଥମ ପରମାଣୁ ବୋମା ମାଡ କରିଥିଲା ଓ ଏହାର ନାମ 'ଲିଟିଲ ବଏ' ଥିଲା। ଏହି ଆକ୍ରମଣରେ ୧ ଲକ୍ଷ ୪୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ପରମାଣୁ ବୋମା ମାଡ଼ ପରେ ଜାପାନ ୧୯୪୫ ଅଗଷ୍ଟ ୧୫ରେ ଆତ୍ମ ସମର୍ପଣ କରିଥିଲା ଓ ଏଥିସହ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏହି ଦୁଇଟି ପରମାଣୁ ବୋମା ବିଭୀଷିକାରୁ ବର୍ତ୍ତିଯାଇଥିବା ୯୯ ହଜାର ୧୩୦ ଜଣ ଲୋକ ଏବେ ଜୀବିତ ଅଛନ୍ତି। ଏହି ଲୋକମାନଙ୍କୁ ହିବାକୁଶା କୁହାଯାଉଛି। ଏମାନଙ୍କ ହାରିହାରି ବୟସ ହେଉଛି ୮୬ ବର୍ଷ। ପରମାଣୁ ବୋମା ଆକ୍ରମଣରେ ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗ ଦେବାକୁ ନାକାସାକି ପ୍ରଶାସନ ସବୁଦେଶକୁ ନିମନ୍ତ୍ରଣ କରିଥିଲା। କିନ୍ତୁ ଚୀନ୍ ଏହି ନିମନ୍ତ୍ରଣକୁ ଗ୍ରହଣ କରିନାହିଁ। ନାଗାସାକିର ପିସ୍ ପାର୍କରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ୯୫ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଓ ନାଗାସାକି ମେୟର ଶିରୋ ସୁଜୁକି ଯୋଗ ଦେଇଥିଲେ।



୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ଯାଉଥିବା ବେଳେ ଆମେରିକା ଓ ଜାପାନ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଥିଲା। ଜାପାନ ଇଷ୍ଟ- ଇଣ୍ଡିଜ କ୍ଷେତ୍ରକୁ ଅକ୍ତିଆର କରିବାକୁ ନିଜ ସେନାକୁ ଆଗକୁ ବଢ଼ାଇଥିଲା। ଜାପାନକୁ ଆତ୍ମସମର୍ପଣ କରାଇବା ପାଇଁ ଆମେରିକାର ରାଷ୍ଟ୍ରପତି ହ୍ୟାରୀ ଟ୍ରୁମ୍ୟାନ ଏହି ପରମାଣୁ ବୋମା ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାପାନ ଆତ୍ମସମର୍ପଣ କରୁ କିମ୍ବା ସମ୍ପୂର୍ଣ୍ଣ ଭାବେ ବିନାଶ ହେବାକୁ ପ୍ରସ୍ତୁତ ରହୁ ବୋଲି ଟ୍ରୁମ୍ୟାନ ସେତେବେଳେ ଚେତାବନୀ ଦେଇଥିଲେ।

**ବିଶ୍ୱ ଆଦିବାସୀ ଦିବସରେ ବର୍ଷିଲା ବିଜେଡି**

# ଆଦିବାସୀଙ୍କ ସ୍ୱାର୍ଥକୁ ଭୁଲି ସରକାର ଗପ ଶୁଣାଉଛନ୍ତି



- **ଆଦିବାସୀ ଛାତ୍ରଛାତ୍ରୀଙ୍କ ବର୍ଦ୍ଧିତ ବୃତ୍ତିରାଶି କାଟି ଦିଆଯାଇଛି**
- **ଆଭିମୁଖ୍ୟରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ ଚେତାବନୀ**
- **ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରନ୍ତୁ ଡବଲ ଇଞ୍ଜିନ ସରକାର**

ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟ ସରକାର ଗତ ୧୩ ମାସର ଶାସନରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ବିଜେଡି ଆଦିବାସୀ ସେଲର ଆବାହକତ୍ୱରେ ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀଙ୍କ ମନ୍ଥର ବିକାଶକୁ ନେଇ କ୍ଷୋଭ ପ୍ରକାଶ ପାଇଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲର ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ। ଶ୍ରୀ କିଷାନ କହିଥିଲେ ଯେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଛନ୍ତି। ମାତ୍ର ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି। ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନଆଣିଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ହେବ। ଶ୍ରୀ ମାର୍ଣ୍ଡି କହିଥିଲେ ଯେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହି ଦିବସକୁ ଭୁଲିଗଲେଣି। ଜଣେ ଆଦିବାସୀ ଭାଇ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ମଧ୍ୟ ଆଜିର ଦିନରେ ଆଦିବାସୀ ସମାଜ ପାଇଁ ଗୋଟିଏ ବାର୍ତ୍ତା ନ ଦେବା ଦୁର୍ଭାଗ୍ୟର ବିଷୟ। ରାଜ୍ୟରେ ପ୍ରତିଦିନ ଆଦିବାସୀ ମହିଳା ଓ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହେଉଥିବା ବେଳେ ସରକାରୀ ଛାତ୍ରାବାସରେ ଆଦିବାସୀ ଛାତ୍ରୀମାନେ ଗର୍ଭବତୀ ହେବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଡ. ମାଝୀ କହିଥିଲେ ଯେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ୩୮.୫ ପ୍ରତିଶତ ସଂରକ୍ଷଣ ମିଳୁ। ହୋ, ମୁଣ୍ଡାରୀ, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ ୧୩୫ ଆଦିବାସୀ ସମ୍ପ୍ରଦାୟକୁ ଆଦିବାସୀ ଜନଜାତିରେ ସାମିଲ କରିବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନିଅନ୍ତୁ। ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ଶନିବାର ସକାଳେ ଭଗବାନ ବିର୍ସା ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅଶୋକ ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ମଙ୍ଗଳା କିଷାନ, ସୁଦାମ ମାରାଣ୍ଡି, ସୁଶାନ୍ତ ରାଉତ, ସୁଲୋଚନା ଦାସ, ବାସନ୍ତୀ ହେମ୍ବ୍ରମ୍, ମଞ୍ଜୁଲତା କହଁର, ମନ୍ମଥ ରାଉତରାୟ, ରାଜଶ୍ରୀ ମଲ୍ଲିକ, ପ୍ରଦୀପ ଦିଶାରୀ, ଡ. ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ଅରୂପ ଶ୍ରୀଚନ୍ଦନ, ସୋଫିଆ ଆଲାମ୍, ବିଜୟ ନାୟକ, ନାରାୟଣ ଜେନା, ଭାରତୀ ସିଂ, ବାସନ୍ତୀ ସିଂ, ସାଲଖାନ୍ କିସ୍କୁ, କାରୁ ମୁର୍ମୁ ପ୍ରମୁଖ ଯୋଗଦେଇ ଆଦିବାସୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ଓଡ଼ିଶାରେ ବି ଭୋଟ୍ ଚୋରି

## ନିର୍ବାଚନ କମିଶନଙ୍କ ଉପରେ ବର୍ଷିଲେ ଭକ୍ତ

- **ରାଜ୍ୟରେ ପଡ଼ିଛି ଅଧିକ ୪୨ ଲକ୍ଷ ଭୋଟ**
- **ଭୋଟଚୋରି ପାଇଁ ବିଜେପିରୁ ୨୦ ସାଂସଦ**
- **ବିଜେଡି ଦୋହରାଇଲା ସମାନ ଅଭିଯୋଗ; ୧୯ରେ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହେବ**

ଭୁବନେଶ୍ୱର, ୯।୮ (ସମିସ): କର୍ଣ୍ଣାଟକରେ ଭୋଟ ଚୋରି ନେଇ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁତର ଅଭିଯୋଗ ଆଣିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହୋଇଥିବା ନେଇ ଅଭିଯୋଗ କରିଛନ୍ତି କଂଗ୍ରେସ ଓ ବିଜେଡି। ପୂର୍ବରୁ ବିଜେଡି ଏନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ କରିଥିବା ବେଳେ ଶନିବାର ପିସିସି ସଭାପତି ଭକ୍ତଚରଣ ଦାସ କେନ୍ଦ୍ର ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ଏନେଇ ନିଶାଣ କରିଛନ୍ତି। ରାଜ୍ୟରେ ୨୧ ଲୋକସଭା ଆସନରେ ୪୨ ଲକ୍ଷ ଅଧିକ ଭୋଟ ପଡ଼ିଛି।

ଅପରପକ୍ଷେ ୫୧ ବିଧାନସଭା ଆସନରେ ବିଜେଡି ଜିତିଥିବା ବେଳେ ଗୋଟେ ହେଲେ ବି ଲୋକସଭା ଆସନ ଜିଣିପାରିଲା ନାହିଁ। ସେହିପରି କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଲୋକସଭା ଆସନରେ ମାତ୍ର ଗୋଟିଏ ଲେଖାଁଏ ବିଧାନସଭା ଆସନ ଜିତି ବିଜେପି ଲୋକସଭା ଆସନ କିଭଳି ଜିତିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଶନିବାର କଂଗ୍ରେସ ଭବନରେ ଶ୍ରୀ ଦାସ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ଯେ ନିର୍ବାଚନ କମିଶନ ଓ ଶାସକ ଦଳ ହାତ ମିଶାଇ ଭୋଟ ଚୋରି କରିଛନ୍ତି। ସେଥିପାଇଁ ରାହୁଲ ଗାନ୍ଧୀ ବାରମ୍ବାର ମାଗିବା ସତ୍ତ୍ୱେ ନିର୍ବାଚନ କମିଶନ ଭୋଟରଙ୍କ ତଥ୍ୟ କିମ୍ବା ମତଦାନ ବେଳର ତଥ୍ୟ ଦେଲେନାହିଁ। ଗତ ନିର୍ବାଚନ ନିରପେକ୍ଷ ଭାବେ ହୋଇଥିଲେ ରାଜ୍ୟରେ କଂଗ୍ରେସ ୩୫-୪୦ ବିଧାନସଭା ଆସନ ହାସଲ କରିପାରିଥାନ୍ତା। ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହେବାରୁ ବିଜେପିର ୨୦ ସାଂସଦ ଜିତିବାରେ ସକ୍ଷମ ହେଲେ। ଆସନ୍ତା ସୋମବାରରୁ ଏ ନେଇ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। କଂଗ୍ରେସର ଭୋଟଚୋରି ପ୍ରସଙ୍ଗକୁ ବିଜେଡି ମଧ୍ୟ ବଳ ଯୋଗାଇଛି। ଅନୁରୂପ ଅଭିଯୋଗ ଆଣି ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ରାଜ୍ୟରେ ଭୋଟ ଜାଲିଆତି ନେଇ ପୂର୍ବରୁ କହିଥିଲେ। ଫର୍ମ -୧୭ ସି ଏଯାଏଁ ବିଜେଡିକୁ ଦିଆଗଲା ନାହିଁ। ଆସନ୍ତା ୧୯ ତାରିଖରେ ପୁଣି ବିଜେଡି ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବ ବୋଲି ସେ ସୂଚନା ଦେଇଛନ୍ତି।

**ଅସହ୍ୟ ହେଲା ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯାତନା**

# ୩ ମହଲା କୋଠାରୁ ଡେଇଁ ପଡ଼ିଲେ ଛାତ୍ରୀ

ବେତନଟୀ, ୯।୮ (ସମିସ): ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ୩ ମହଲା ହଷ୍ଟେଲ ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଏସ୍. ଏସ୍ ନହଣ୍ଡାଶୋଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ଏପରି ଏକ ଘଟଣା ଘଟିଛି। ୪ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଛାତ୍ରୀଙ୍କ ବାପା ଆଜି ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଗୁରୁତର ଛାତ୍ରୀଜଣଙ୍କ ହେଲେ, ବେତନଟୀ ବ୍ଲକ୍ ଅଧୀନ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ସାଇନା ଖାତୁନ। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାଲେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ମେରୁଦଣ୍ଡ ହାଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଅପରପକ୍ଷେ, ଛାତ୍ରୀଙ୍କ ବାପା ସେକ ମେଜବୁଲଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା କରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।



- **ଭାଙ୍ଗିଛି ମେରୁଦଣ୍ଡ ହାଡ଼; ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ**
- **ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ**

ସୂଚନାନୁଯାୟୀ, ସାଇନା ଅଷ୍ଟମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ତାଙ୍କୁ କମ ନମ୍ବର ଦେଇଥିଲେ। ଏହାର ସେ ପ୍ରତିବାଦ କରିଥିଲେ। ଏନେଇ ସେ ବାରମ୍ବାର ପ୍ରଶ୍ନ କରିବାରୁ ଗତ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ ବିଭିନ୍ନ ସମୟରେ ପ୍ରଧାନଶିକ୍ଷୟିତ୍ରୀ ରାଗ ରଖି ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରିକି, ବିନା କାରଣରେ ଗାଳିଗୁଲଜ କରି ପ୍ରବଳ ମାଡ଼ ମାରୁଥିଲେ। ଏ ସଂପର୍କରେ ଛାତ୍ରୀଙ୍କ ବାପା ଜାଣିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ବହୁବାର ଅଭିଯୋଗ କରିଛନ୍ତି।

ଗତ ରବିବାର ସାଇନା ସଜ ହେଉଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ କଟୁ ମନ୍ତବ୍ୟ ଦେଇ ଅପମାନିତ କରିଥିଲେ। ଏହା ସହି ନପାରି ସାଇନା ଏକ ସୁଇସାଇଡ ନୋଟ୍ ଲେଖି ୩ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁବାର ଥାନାରେ ଅଭିଯୋଗ ପରେ ଶୁକ୍ରବାର ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଓ ଆଇଆଇସି ସସ୍ମିତା ମହାନ୍ତ, ବିଡିଓ ସୁଶାନ୍ତ ସୂତାର ଛାତ୍ରୀନିବାସ ଓ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ କର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଙ୍କ ବୟାନ ନେବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କରଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।



ପବିତ୍ର ରକ୍ଷା ବନ୍ଧନ ଅବସରରେ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ବାନ୍ଧୁଛନ୍ତି

**ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ**

# ପ୍ରଥମରେ ୪୨ ମୌଜା, ଦ୍ୱିତୀୟରେ ବଡ଼ଗଡ଼ ଥାନା

ଭୁବନେଶ୍ୱର, ୯।୮ (ସମିସ): ଗତ ୭ ମାସ ମଧ୍ୟରେ ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟ ଅପରାଧ ନଥି ସଂସ୍ଥା (ଏସସିଆରବି) ଓ ସିସିଟିଏନ୍ଏସ୍ ପକ୍ଷରୁ ସ୍ଥିର ହୋଇଥିବା ଉପୋରକ୍ତ ପରିମାପକ ଅନୁସାରେ ଗତ ୭ ମାସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ଥାନା ଅଧିକାରୀମାନେ କରୁଥିବା ଏସ୍ଆର୍ କେସ୍, ନନ୍ ଏସ୍ଆର୍ କେସର ତଦନ୍ତ, ସୁପରଭିଜନ୍ ନୋଟ୍ ଓ ବିଭିନ୍ନ ମାମଲା ତଦାରଖ କାର୍ଯ୍ୟକୁ ନେଇ ଏହି ରିପୋର୍ଟ ପ୍ରକାଶ ପାଇଛି। କମିସନରେଟ ପୁଲିସ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାର ୪୨ମୌଜା ଥାନା ରାଜ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବଡ଼ଗଡ଼ ଥାନା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଶ୍ରୀ ଲିଙ୍ଗରାଜ ଥାନା ରାଜ୍ୟରେ ୮ମ ସ୍ଥାନ ହାସଲ କରିଛି। ସଫଳତା ପାଇଁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କୁ ପ୍ରଶଂସା କରିବା ସହ ସମ୍ମାନିତ କରିଛନ୍ତି।

# ଅପରାଧୀଙ୍କୁ କାଳ ପୁଲିସ୍‌ର 'ଗରୁଡ଼'

- **୧୪ ଯାଏଁ ଚାଲିବ ଅପରେସନ୍**
- **ଜବତ ହେଲାଣି ୮୮୮ କିଲୋ ଗଞ୍ଜେଇ**
- **୩୧୮୯ ଏନବିଡବ୍ଲୁ, ୮୯୦ ଅବକାରୀ ମାମଲା**

ଭୁବନେଶ୍ୱର, ୬।୮ (ସମିସ): ଅପରାଧ ଦମନ ପାଇଁ ଗତ ୧ ତାରିଖରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା 'ଗରୁଡ଼' ଅଭିଯାନରେ ଓଡ଼ିଶା ପୁଲିସ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ପୁଲିସ୍ ୧୧ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରିଥିବା ବେଳେ ୮୮୮ କେଜି ଗଞ୍ଜେଇ, ୬୯ ଗ୍ରାମ ବ୍ରାଉନସୁଗର, ୨ଟି କାର୍ ଓ ୬୮ ହଜାର ଟଙ୍କା ଜବତ କରିଛି। ସେହିପରି ୫୧ବେଆଇନ ଅସ୍ତ୍ରଶସ୍ତ୍ର, ୯୫ଗୁଳିଗୋଳା, ୧ଲକ୍ଷ ୪୫ହଜାର ଟଙ୍କା, ୮୯୦ ଅବକାରୀ ମାମଲାରେ ୧୭ ହଜାର ଲିଟର ମଦ ଜବତ ହୋଇଛି। ଏହା ବାଦ୍ ୧୧ଟି ଜୁଆ ଆଡ଼ାରେ ଚଡ଼ଉ କରାଯାଇ ୨ଲକ୍ଷ ୮୦ ହଜାର ଟଙ୍କା ଜବତ କରାଯିବା ସହ ୩୧୮୯ ଏନ୍‌ବିଡବ୍ଲୁ କାର୍ଯ୍ୟକାରୀ କରାଯାଇଛି। ମଦ୍ୟପ ଚାଳକଙ୍କଠାରୁ ୧୧୫ଟି ଗାଡ଼ି ଜବତ କରାଯାଇଥିବା ବେଳେ ବିଭିନ୍ନ ମାମଲାରେ ୧୨୯ଜଣ ଗିରଫ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଇଛନ୍ତି।

# ଅଭିଯୋଗ ସହ ସତ୍ୟପାଠ ଦାଖଲ ନ କରିବା ଏକ ଗୁରୁତର ପ୍ରକ୍ରିୟାଗତ ତ୍ରୁଟି: ହାଇକୋର୍ଟ

କଟକ, ୯।୮ (ସମିସ): କୌଣସି ଅଭିଯୋଗ ସହ ଏ ସମ୍ପର୍କିତ ସତ୍ୟପାଠ ଦାଖଲ କରାନଯିବା ଏକ ଗୁରୁତର ପ୍ରକ୍ରିୟାଗତ ତ୍ରୁଟି। ଏହା ମାମଲାର ଅଭିଯୋଗ ଉପରେ ଆଧାରିତ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭକୁ ଅକାମି କରିଦିଏ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ଫୌଜଦାରୀ କାର୍ଯ୍ୟବିଧି ସଂହିତା (ସିଆରପିସି)ର ଧାରା ୧୫୬(୩)ରେ ଏହା ଉଲ୍ଲେଖ ରହିଛି। ଉପରୋକ୍ତ ପ୍ରକ୍ରିୟାଗତ ତ୍ରୁଟି ଯୋଗୁଁ ଆବେଦନକାରୀଙ୍କୁ ମାମଲାରୁ ମୁକ୍ତ କରିବାକୁ ଦୁଇଟି ନିମ୍ନ ଅଦାଲତଙ୍କ ଅଗ୍ରାହ୍ୟ ଆଦେଶକୁ ଖାରଜ କରି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି କହିଛନ୍ତି। ଏହି ସତ୍ୟପାଠ ଅଭିଯୋଗକାରୀଙ୍କୁ ଅଭିଯୋଗର ସତ୍ୟତା ପାଇଁ ବ୍ୟକ୍ତିଗତ ଭାବେ ଉତ୍ତରଦାୟୀ କରିଥାଏ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଶାଖା ପରିଚାଳକ (ପ୍ରତିପକ୍ଷ ନମ୍ବର ୨) ସୁନ୍ଦରଗଡ଼ର ସବ-ଡିଭିଜନାଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ (ଏସଡିଜେଏମ)ଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରି ସିଆରପିସିର ଧାରା ୧୫୬(୩) ଅନୁଯାୟୀ ତଦନ୍ତ ପାଇଁ ପୁଲିସକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଏସଡିଜେଏମଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁଲିସ ତଦନ୍ତ ଶେଷ କରି ଆବେଦନକାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଆବେଦନକାରୀ ସିଆରପିସିର ଧାରା ୨୩୯ ଅନୁଯାୟୀ ମାମଲାରୁ ଦୋଷମୁକ୍ତ କରିବାକୁ ଆବେଦନ କରିଥିଲେ। କିନ୍ତୁ, ଆବେଦନକାରୀଙ୍କ ଏପରି ଆବେଦନକୁ ଏସଡିଜେଏମ୍ ଅଦାଲତ ଓ ପରେ ଅତିରିକ୍ତ ଦୌରା ଅଦାଲତ ଖାରଜ କରିଦେଇଥିଲେ। ଉଭୟ ଆଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଆବେଦନକାରୀ। ଅଭିଯୋଗକାରୀଙ୍କ ଅଭିଯୋଗ ସହ ଏ ସମ୍ପର୍କିତ ସତ୍ୟପାଠର ଅନୁପସ୍ଥିତିରେ, ଆବେଦନକାରୀଙ୍କୁ ମାମଲାରେ ମୁକ୍ତ କରାଯିବା ଉଚିତ ବୋଲି ଦର୍ଶାଯାଇଥିଲା। ଅଭିଯୋଗକାରୀଙ୍କୁ ପ୍ରକ୍ରିୟାଗତ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ପାଳନ କରି ତାଙ୍କର ଅଭିଯୋଗକୁ ପୁନର୍ବାର ଆପତ୍ତି କରିବାକୁ ଅନୁମତି ଦେଇଥିଲେ ଅଦାଲତ।

**ଡକାୟତି ଯୋଜନା ପଣ୍ଡ**

# ପୁଲିସ୍ ପଞ୍ଝାରେ ଡକାୟତ ଗ୍ୟାଙ୍ଗ

- **୮ ଡକାୟତ ଗିରଫ**
- **ଦୁଇ କାର୍, ୪ ପିସ୍ତଲ ଜବତ**

ଅନୁଗୋଳ, ୯।୮ (ସମିସ): ଅନୁଗୋଳ ପୁଲିସ୍ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିବା ସହ ୮ ଡାକୟତଙ୍କୁ ଗିରଫ କରିଛି। ସେମାନେ ହେଲେ, ଅନୁଗୋଳ ସଦର ଥାନା ଅନ୍ତର୍ଗତ ଅଙ୍ଗାରବନ୍ଧ ଗାଁର ପାର୍ଥସାରଥି ପ୍ରଧାନ(୨୫), ବବୁଲୁ ପ୍ରଧାନ (୧୮), ଦିଲୀପ ସାହୁ (୨୨), ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହୁଲସୁରିଙ୍ଗା ଘାସିସାହିର ସୁଜାଲ ଓରଫ ବୁଦ୍ଧ ମୁଖୀ (୧୯), ଘୁଞ୍ଚାପାଳ ଗାଁର ସୌମ୍ୟ ଓରଫ ସମୟ ନାଏକ (୨୨), ବନ୍ତଲା ଥାନା କଲେଇପଦା ଗାଁର ତନ୍ମୟ ନାଏକ ଓରଫ ମଣ୍ଟୁ (୨୧), ମାଣପୁରର ସିଲୁ ଓରଫ ଜଗନ ନାଏକ (୧୯), ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ପୋଡ଼ାପଡ଼ାର ମିଲନ୍ ଓରଫ ରୁଦ୍ରନାରାୟଣ ଭୁତିଆ (୨୫)। ଏନେଇ ଅନୁଗୋଳ ପୁଲିସ୍ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଅପରାହ୍ଣରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ମହାଳିକ ସୂଚନା ଦେଇଛନ୍ତି। ପୁଲିସ ସେମାନଙ୍କ ନିକଟରୁ ଦୁଇଟି କାର୍, ୪ଟି ଦେଶୀ ପିସ୍ତଲ, ୭ଟି ମୋବାଇଲ ଓ ୭ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

ଏମାନେ ଜାତୀୟ ରାଜପଥରେ ଡକାୟତି ଉଦ୍ଦେଶ୍ୟରେ ଏକ ଧଳା ରଙ୍ଗର ସ୍କର୍ପିଓ ଓ ଥାର୍‌ରେ ବୁଲୁଥିବା ଖବର ପାଇ ପୁଲିସ୍‌ର ଏକ ପାଟ୍ରୋଲିଂ ଟିମ୍ ଅନୁଗୋଳ ଟାଉନ୍ ଅଞ୍ଚଳରେ ସେମାନଙ୍କୁ ଖୋଜାଖୋଜି କରି ହେମସୁରପଡ଼ା ଛକରେ ଠାବ କରିଥିଲା। ପୁଲିସକୁ ଦେଖି ଦୁର୍ବୃତ୍ତମାନେ ରାଜ୍ ହୋଟେଲ ଛକ ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ପିଛା କରି ଶନିବାର ଭୋର୍ ୪ଟାରେ ହାଟଛକ ନିକଟ ଅନୁଗୋଳର ପୁରୁଣା ଗୋରୁ ହାଟ ଭିତରୁ ଧରିବାରେ ସଫଳ ହୋଇଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତମାନେ ଅନେକ ମାମଲାରେ ଜଡ଼ିତ ଏବଂ ସଂଗଠିତ ଭାବେ ଅସାମାଜିକ କାର୍ଯ୍ୟକଳାପ କରୁଥିବା ଜଣାପଡ଼ିଥିଲା। ଏହି ଡକାୟତ ଗ୍ୟାଙ୍ଗକୁ ଧରିବାରେ ଆଇଆଇସି ଧୀରେଶ ଦାସ, ଏସଆଇ ଆଶିଷ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ, ଆଦିତ୍ୟ କୁମାର ପଟ୍ଟନାୟକ, ଏଏସଆଇ ଚିତ୍ରସେନ ବିଶୋଇଙ୍କ ସମେତ କର୍ମଚାରୀ ମହେଶ ନାୟକ, ଲିଙ୍ଗରାଜ ବେହେରା, ନୀଳାମ୍ବର ଦଳବେହେରା, ସଂଗ୍ରାମ କେଶରୀ ମହାପାତ୍ର, ସୁଶୀଳ ସୁହୁଲା, ସାଗର ବୋଇତା, ବଳରାମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।




**ପୁଲିସ ନିଷ୍କ୍ରିୟତାର ଆଉ ଏକ ନମୁନା**

# ଆଖି ବୁଜିଲେ ନବରଙ୍ଗପୁର ନର୍ସିଂ ଛାତ୍ରୀ

- **ଯୁବକ ନିର୍ଯାତନା ଅସହ୍ୟ ହେବାରୁ ବିଷ ପିଇଥିଲେ**
- **ଅଭିଯୋଗ ସତ୍ତ୍ୱେ ପୁଲିସ ନିରବ ରହିଥିଲା**

ଭୁବନେଶ୍ୱର, ୯।୮: ଏକତରଫା ପ୍ରେମ କରୁଥିବା ଯୁବକ ନିର୍ଯାତନାର ଶିକାର ହୋଇ ବିଷ ପିଇଥିବା ନବରଙ୍ଗପୁରର ଜଣେ ନର୍ସିଂ ଛାତ୍ରୀଙ୍କର ଆଜି ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ଘର ହେଉଛି ନବରଙ୍ଗପୁର ଜିଲ୍ଲା ଡୁମୁରିମୁଣ୍ଡାରେ। ସେ ଜୟପୁରରେ ଏକ କଲେଜରେ ଦ୍ୱିତୀୟ ବର୍ଷ ବିଏସ୍‌ସି ନର୍ସିଂ ଛାତ୍ରୀ ଥିଲେ। ଗତମାସ ୧୭ ତାରିଖରେ ସେ ବିଷ ପିଇଦେଇଥିଲେ। ପୁଲିସ ଏହି ମାମଲାରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ ସତ୍ୟଜିତ ସର୍କାର ନାମକ ଜଣେ ଯୁବକ ସଂପୃକ୍ତ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲା। ବିଭିନ୍ନ ସମୟରେ ସେ ଛାତ୍ରୀ ଜଣଙ୍କୁ ହଇରାଣ କରୁଥିଲା। ଏପରିକି ତାଙ୍କୁ ଜୟପୁର ବଜାରରେ ଆକ୍ରମଣ ମଧ୍ୟ କରିଥିଲା। ଛାତ୍ରୀ ଏବଂ ତାଙ୍କ ପରିବାର ଏସଂପର୍କରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କିଛି ପଦକ୍ଷେପ ନେଇନଥିଲା। ଅନ୍ୟପକ୍ଷରେ ସତ୍ୟଜିତ ଏହି ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କର ଫଟୋ ଭାଇରାଲ କରିଥିଲା। ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ଜଣକ ଗତ ୧୭ ତାରିଖରେ ବିଷ ପିଇଦେଇଥିଲେ। ତାଙ୍କୁ ଏକ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟପୁର ହସପିଟାଲକୁ ନିଆଯାଇଥିଲା। ସେଠାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ସମୟରେ ଆଜି ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।

ଇତିମଧ୍ୟରେ ପରିବାର ଅଭିଯୋଗକୁ ଭିତ୍ତି କରି ପୁଲିସ ସତ୍ୟଜିତ ଏବଂ ଆଉ ଜଣେ ଯୁବକକୁ ଗିରଫ କରିଛି ପୁଲିସ।

**ଆଜି ବଲାଙ୍ଗୀରେ କଂଗ୍ରେସର ନାରୀ ନ୍ୟାୟ ପଦଯାତ୍ରା**

# କଂଗ୍ରେସର ଅଭିଯୋଗ, ସରକାର ଏବଂ ପ୍ରଶାସନ ଜାଣିଶୁଣି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି



ଭୁବନେଶ୍ୱର, ୯।୮ (ସମିସ): ବଲାଙ୍ଗୀ ନାବାଳିକା ମୃତ୍ୟୁ ଘଟଣାର ତିନି ଅଭିଯୁକ୍ତଙ୍କୁ ଗିରଫ ଏବଂ ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ବିରୁଦ୍ଧରେ ଆସନ୍ତାକାଲି ବଲାଙ୍ଗୀରେ କଂଗ୍ରେସ ପକ୍ଷରୁ ନାରୀ ନ୍ୟାୟ ପଦଯାତ୍ରା ଅନୁଷ୍ଠିତ ହେବ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଆସନ୍ତାକାଲି ସକାଳ ୯ ଘଣ୍ଟା ସମୟରେ ନାବାଳିକା ପୋଡ଼ି ଘଟଣାସ୍ଥଳରୁ ପଦଯାତ୍ରା ଆରମ୍ଭ ହେବ। ନିମାପଡ଼ାରେ ପଦଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ନାରୀ ନ୍ୟାୟ ପଦଯାତ୍ରାରେ ପିସିସି ସଭାପତିଙ୍କ ସମେତ ରାଜ୍ୟ କଂଗ୍ରେସର ବହୁ ବରିଷ୍ଠ ନେତା ଓ ବହୁ ସଂଖ୍ୟାରେ ପୁରୀ ଜିଲ୍ଲା କଂଗ୍ରେସର କାର୍ଯ୍ୟକର୍ତ୍ତା ସାମିଲ ହେବେ। ବଲାଙ୍ଗୀ ଝିଅକୁ ନ୍ୟାୟ ଦେବା ଏବଂ ନାରୀଙ୍କ ସୁରକ୍ଷା ପାଇଁ କଂଗ୍ରେସ ଦଳର ଏହି ନାରୀ ନ୍ୟାୟ ପଦଯାତ୍ରାରେ ସାମିଲ ହେବା ସକାଶେ ପିସିସି ସଭାପତି ଶ୍ରୀ ଦାସ ପୁରୀ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ନାରୀ ନିର୍ଯାତନାକୁ ନେଇ ସରକାର ତିଳେମାତ୍ର ବିଚଳିତ ନାହାନ୍ତି। ସରକାର ଯଦି ସାମାନ୍ୟ ପଦକ୍ଷେପ ଗ୍ରହଣ କରି ପୀଡ଼ିତାମାନଙ୍କ ଦୁଃଖ ଶୁଣିଥା'ନ୍ତେ, ତେବେ ସେମାନଙ୍କୁ ନ୍ୟାୟ ମିଳିଥାନ୍ତା ଏବଂ ଜୀବନ ହରିବାକୁ ପଡ଼ି ନ ଥା'ନ୍ତା। ବଲାଙ୍ଗୀ ଛାତ୍ରୀ ପୋଡ଼ି ଘଟଣାରେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୁଲିସ ଧରି ପାରିଲା ନାହିଁ। ପୀଡିତାଙ୍କ ମାଆ ନିଜ ଏତଲାରେ କହିଛନ୍ତି ଯେ ତାଙ୍କ ଝିଅକୁ ତିନି ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଟେକି ନେଇ ଜାଳି ଦେଇଛନ୍ତି। ମାତ୍ର ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ପକ୍ଷରୁ କୁହାଯାଉଛି ଯେ ପୋଡି ଘଟଣାରେ କେହି ସାମିଲ ନ ଥିଲେ। ଏଠାରେ ପୁଲିସ କାହା ଚାପରେ ପଡି ଏଭଳି ବୟାନ ଦେଉଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସରକାର ଏବଂ ପ୍ରଶାସନ ଜାଣିଶୁଣି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# ସୁଭଦ୍ରା କିସ୍ତି ପ୍ରଦାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



**ଯାଜପୁର, ୯।୮ (ସମିସ):** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ ଜିଲ୍ଲାର ଜୟପୁରଠାରେ ୩ୟ କିସ୍ତି ସୁଭଦ୍ରା ସହାୟତା ପ୍ରଦାନ ଉତ୍ସବର ସିଧା ପ୍ରସାରଣ କାର୍ଯ୍ୟକ୍ରମ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲାରେ ଗୌତମ ବୁଦ୍ଧସଂସ୍କୃତି ଭବନଠାରେ ଆୟୋଜିତ ସିଧାପ୍ରସାରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର ଅଧ୍ୟକ୍ଷତା କରିଥିଲେ। ମହିଳାମାନଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନଟ କରି ତାଙ୍କୁ ପ୍ରଶିକ୍ଷିତ କରି ଆଗକୁ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ଉପରେ ଅନ୍ୱେଷଣ ଥିଏଟର ଗ୍ରୁପ କଳାକାରମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଜି ଯାଜପୁର ଜିଲ୍ଲାର ୪,୬୨,୭୫୧ ଜଣ ହିତାଧିକାରୀ ସୁଭଦ୍ରା ତୃତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ତିନି ଜଣ ସୁଭଦ୍ରା ହିତାଧିକାରୀ ବାସନ୍ତୀ ପଣ୍ଡା, ଅନୁପମା ରଣା ଓ ପ୍ରଜ୍ଞାନଲତା ସ୍ୱାଇଁ ସେମାନଙ୍କର ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଯାଜପୁର ବିଡିଓ ହେମନ୍ତ କୁମାର ମହନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବୁଦ୍ଧିଜୀବୀ, ଏସ୍‌ଏଚ୍‌ଜି ମହିଳାମାନେ, ଅଙ୍ଗନବାଡି କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# କଂଗ୍ରେସର ୮୪ତମ କ୍ରାନ୍ତି ଦିବସ ପାଳିତ

**ଯାଜପୁର, ୯।୮ (ସମିସ):** ଜିଲ୍ଲା କଂଗ୍ରେସ ପକ୍ଷରୁ ୮୪ତମ ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ପ୍ରଥମେ ସକାଳ ୯ ଘଟିକା ସମୟରେ ଗାନ୍ଧି ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ରାଉତଙ୍କ ସମେତ ସମସ୍ତ ନେତୃମଣ୍ଡଳୀମାନେ ଉପସ୍ଥିତ ହୋଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପରେ ୯ ଘଟିକା ୧୫ ମିନିଟ ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ନଗର କଂଗ୍ରେସ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ସାମନ୍ତ ଜାତୀୟ କଂଗ୍ରେସ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମ ସଂଘର୍ଷନୀୟ ଇତିହାସରେ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଭାରତ ଛାଡ଼ ଆନ୍ଦୋଳନର ସ୍ମାରକୀ ସଦୃଶ ଆଜିର ଦିନଟି ସମସ୍ତ ଭାରତବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦିଗମ୍ବର କର, ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଆଲୋକ ବେହେରା, ଭାସ୍କର ମହାନ୍ତି, ବିଭୁତି ମହାପାତ, ଅକ୍ଷୟ ଶତପଥି, ନିକୁଞ୍ଜ ସାମଲ, ଅକ୍ଷୟ ଶତପଥି, ସଂଗ୍ରାମ ସାହାଣୀ, ପରିମଳ ବିଶ୍ୱାଳ, ରଘୁନାଥ ସାହୁ, ପ୍ରଶାନ୍ତ ଦାସ, ପ୍ରମୁଖ ଯୋଗଦେଇଥିଲେ।

# ମାଦକ ଦ୍ରବ୍ୟର କାରବାର ବୃଦ୍ଧି

**ଧର୍ମଶାଳା, ୯।୮ (ସମିସ):** ଧର୍ମଶାଳା ବ୍ଲକ ବିଭିନ୍ନ ଅଞ୍ଚଳରେ ମାଦକ ଦ୍ରବ୍ୟର କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଏବେ ଏହି କାରବାର ଗାଁ ଗଣ୍ଡାକୁ ବ୍ୟାପିବାରେ ଲାଗିଛି। ବେଆଇନ ମଦ, ଗଞ୍ଜେଇ ସହିତ ବ୍ରାଉନସୁଗାର କାରବାର ଏହି ଅଞ୍ଚଳରେ ବହୁଳ ମାତ୍ରାରେ ବୃଦ୍ଧି ପାଉଛି। ଚୋରା ମଦ ସହିତ ଅନ୍ୟ ନିଶା ଦ୍ରବ୍ୟ କାରବାରକୁ ରୋକିବାରେ ନିକଟସ୍ଥ ପୁଲିସ ପ୍ରଶାସନ କିମ୍ବା ଅବକାରୀ ବିଭାଗ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ନିଶାଦ୍ରବ୍ୟ ବ୍ୟବସାୟୀମାନେ ଏହି ଅଞ୍ଚଳରେ ନିଜର ସାମ୍ରାଜ୍ୟ ବିସ୍ତାରରେ ଲାଗିପଡିଛନ୍ତି। ଏହି ନିଶା ଦ୍ରବ୍ୟ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ଏତେ ପରିମାଣରେ ବଢିଯାଇଛି ଯେ ସାଧାରଣ ଲୋକମାନେ ଏବେ ସୁରକ୍ଷିତ ମଣୁ ନାହାନ୍ତି। ଏହି ବ୍ଲକ ଅଧୀନ ଦେଓଦା, କାଏମା କୋଟପୁର, ରମାପୁର, ଧର୍ମଶାଳା ବଜାର, ଜାରକା, ପଣ୍ଡୁଆ, ଜାମୁବଣିଆ, ଆରୁହା, ନେଉଳପୁର, ଜେନାପୁର, କବାଟବନ୍ଧ, ଗଡ଼ମଧୁପୁର, ଚଢ଼େଇଧରା ଓ ନାକପୋଲ ଆଦି ବିଭିନ୍ନ ବଜାରରେ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ସହିତ ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାର ବହୁଳ ମାତ୍ରାରେ ହେଉଥିବା ଜଣାପଡିଛି।ହାତପାହାନ୍ତାରେ ମାଦକ ଦ୍ରବ୍ୟ ମିଳୁଥିବାରୁ ଯୁବକମାନେ ନିଶାଶକ୍ତ ହୋଇ ନାନାଦି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କେହି କେହି ନିଶା ସେବନ ପାଇଁ ଲୁଟ୍‌ପାଟ କିମ୍ବା ଚୋରି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏବେ ଗ୍ରାମାଞ୍ଚଳରେ ପାନ ଦୋକାନ, ଚା' ଦୋକାନମାନଙ୍କରେ ମଦ, ଗଞ୍ଜେଇ ବ୍ରାଉନସୁଗାର ମିଳୁଥିବା ଅଭିଯୋଗ ହେଉଛି। ଯାହାଦ୍ୱାର କି ରାସ୍ତା ଘାଟରେ ସ୍କୁଲ କଲେଜର ଛାତ୍ରଛାତ୍ରୀ ଯାତାୟାତ ପାଇଁ ସୁରକ୍ଷିତ ମଣୁନାହାନ୍ତି। ଏପରି କି ନିଶାଶକ୍ତ ଯୁବକର କାର୍ଯ୍ୟକଳାପ ଓ ବ୍ୟବହାରରେ ଅତିଷ୍ଠ ହୋଇ ପରିବାର ଲୋକେ କେତେକ ଯୁବକକୁ ନେଇ କଟକ, ଭୁବନେଶ୍ୱରରେ ଥିବା ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରୁଛନ୍ତି। ଏ ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ପୁଲିସ ଓ ଅବକାରୀ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରି କି ଗତ କିଛିଦିନ ତଳେ ଧର୍ମଶାଳା ଥାନାର ୧୦୦ମିଟର ଦୂର ଚହଟା ଗ୍ରାମର ଗ୍ରାମବାସୀ ନିଜ ଗ୍ରାମରେ ବ୍ରାଉନସୁଗାର ବିକ୍ରି ଅଭିଯୋଗ କରି ଥାନାକୁ ଘେରଉ କରିଥିଲେ। ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଏହି ଗ୍ରାମରେ ଚଢ଼ଉ କରି ବ୍ରାଉନସୁଗାର ଜବତ କରିବା ସହିତ ମାମଲାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଥିଲେ। ସେହିପରି ଗତ କିଛିଦିନ ତଳେ ମିର୍ଜାପୁର ଗ୍ରାମରେ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ୨ଜଣ ଯୁବକକୁ ଧର୍ମଶାଳା ପୁଲିସ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିଲା। ଏଣୁ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି।

## ରକ୍ତତୀର୍ଥ କଳାମାଟିଆରେ ସହିଦ ଦିବସ

# 'ବରୀକୁ ବାଦ ଦେଇ ଓଡ଼ିଶା ସଂଗ୍ରାମର ଇତିହାସ ଅଧୁରା'

ବରୀ, ୯।୮ (ସମିସ)

ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅର୍ନ୍ତଗତ ସହିଦ ପୀଠ କଳାମାଟିଆଠାରେ ସହିଦ ସ୍ମାରକୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୀରମାଟି ବରୀର ସହିଦ ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡିବନ୍ଧୁ ପଣ୍ଡା ଓ ମୟାଧର ଭୂୟାଁଙ୍କ ବଳିଦାନ ସ୍ମୃତିଦିବସ ଉଦ୍ଦେଶ୍ୟରେ ଏକ ୮୩ତମ ସ୍ମୃତିଚାରଣ ସଭା ପ୍ରାଧ୍ୟାପକ ଦେବପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି, ବଶିଷ୍ଟ ପରିବେଶ ବିଜ୍ଞାନୀ ଓ ସାହିତ୍ୟିକ ଡ.ମିହିର ପଟ୍ଟନାୟକ ମୁଖ୍ୟବକ୍ତା ଓ ବରୀ ବିଡିଓ ଅସିତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବିଜୟ କୁମାର ସାମଲ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଅବସରପ୍ରାପ୍ତ ସୈନିକ ସଙ୍ଘ ସଭାପତି ମଦନ ମୋହନ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରୀକୁ ବାଦ ଦେଇ ଓଡ଼ିଶା ସଂଗ୍ରାମର ଇତିହାସ ଅଧୁରା ରହିଯିବ। ଏହି ମାଟିର ସଂଗ୍ରାମୀ ସହିଦ ବଳିଦାନ ସମଗ୍ର ଦେଶ ପାଇଁ ଗୌରବର କଥା। ଏ ମାଟିରେ ଜନ୍ମ ନେଇଥିବା ପ୍ରତ୍ୟେକ ଶିଶୁ ଭାଗ୍ୟବାନ ବୋଲି ଅତିଥିମାନେ କହିଥିଲେ। ମହାଥା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମୟରେ ଅବିଭକ୍ତ କଟକ ଜିଲ୍ଲା ସହିତ ଅନେକ ସ୍ମୃତି ଜଡ଼ିତ ହୋଇରହିଛି।




କେନ୍ଦ୍ରାପଡ଼ାରୁ ଯାଜପୁର ଅଞ୍ଚଳକୁ ଗାନ୍ଧିଜୀ କଳାମାଟିଆ ଦେଇ ଗସ୍ତ କରିଥିଲେ। ତାହା ଫଳରେ ବହୁ ଦେଶପ୍ରେମୀ ସଂଗ୍ରାମୀଙ୍କ ଜନ୍ମ ବରୀ ମାଟିରେ ହୋଇଥିଲା ଆମେ ସେହି ସଂଗ୍ରାମୀ ମାନଙ୍କ ସ୍ମୃତିକୁ ମନେ ପକାଇବା ସହ ବଳିଦାନ ଦିବସକୁ ପାଳନ କରିବା ଗୌରବର କଥା ଓ ବରୀ ମାଟିରେ ଜନ୍ମ ନେବା ଗର୍ବର କଥା। ଗହ୍ମା ପୁନେଇଁରେ ଇଂରେଜମାନଙ୍କୁ ବିରୋଧ କରି ସହିଦ ହୋଇଥିବା ୪ଜଣ ସଂଗ୍ରାମୀଙ୍କ ସ୍ମୃତି ବଜାୟ ରଖିବା ପାଇଁ ବିଧାୟକ ଶ୍ରୀ ମଲ୍ଲିକ୍ ଆହ୍ୱାନ ଦେଇଥିଲେ। ବରୀ ମାଟି ସାହିତ୍ୟ, ସଂସ୍କୃତି ଓ ବଳିଦାନର ମାଟି ଏ ମାଟିର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଏବଂ ଉପଦେଶର ଆବଶ୍ୟକତା ରହିଛି ବୋଲି ଅତିଥି ମାନେ କହିଥିଲେ। ଏହି ଅବସରରେ ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ତଥା ଶିଶୁ ସାହିତ୍ୟିକ ମହେଶ୍ୱର ବଳ, ପରିବେଶବିତ ମିତାଲି ପାଲିତ, ଆଦର୍ଶ ଶିକ୍ଷକ ସୁନନ୍ଦ କୁମାର ରାଉତ, ମହିଳା ଚାଷୀ ସବିତା ସେଠୀ, ଯୁବ ଶିଳ୍ପ ଉଦ୍ୟୋଗୀ ସ୍ନେହାଂଶୁ ମହାପାତ୍ର, ମେଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ସୌମ୍ୟଜିତ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ସଭାପତି ଶୁକଦେବ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ମନୋଜ କୁମାର ଜେନା ମଞ୍ଚ ପରିଚାଳନା କରିଥଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ୟାରେଡ ଓ ସରସ୍ୱତୀ ଶିଶୁମନ୍ଦିର ବିଦ୍ୟୁପାର ପିଲାମାନଙ୍କ ଦ୍ୱାରା ପରିବେଷିତ ଗୀତିନାଟ୍ୟ "କଳାମାଟିଆ ସହିଦ୍ ସ୍ମୃତି' ଏବଂ ଖୁବ୍ ଚିତ୍ତାକର୍ଷକ ହୋଇଥିଲା।

# ବରିଷ୍ଠ ଆଇନଜୀବୀଙ୍କ ହୃଦ୍‌ଘାତରେ ମୃତ୍ୟୁ



**ପାଣିକୋଇଲି, ୯।୮ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ପଲସା (ଆମ୍ବଗଡିଆ) ଗ୍ରାମର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ପଣ୍ଡା (୭୫, ଟିପୁ ନନା)ଙ୍କ ଆଜି ମଧ୍ୟାହ୍ନରେ ଯାଜପୁର ବାସଭବନରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ଯାଜପୁରରେ ସରକାରୀ ଓକିଲ ଭାବେ କାର୍ଯ୍ୟରତ ଥିବା ବେଳେ ଯାଜପୁର ବାର୍ କାଉନସିଲର ପୂର୍ବତନ ସଭାପତି, ବିରଜା ମଣ୍ଡଳୀର ସଦସ୍ୟ, କରଦା ବିଦ୍ୟାଳୟର ଉପଦେଷ୍ଟା, କରଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, କରଦା ହରିହାଟ ମହୋତ୍ସବ କମିଟିର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ମୃତ୍ୟୁ ଖବରପାଇ ତାଙ୍କ ବାସଭବନରେ ଯାଜପୁରର ରାଜନେତା, ଆଇନଜୀବୀ, ବୁଦ୍ଧିଜୀବୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇଥିବା ବେଳେ କରଦା ସ୍କୁଲ ଓ କରଦା ହରିହାଟ ମନ୍ଦିର ପାର୍ଶ୍ୱକୁ ନିଆଯାଇଥିଲା। ମହୋତ୍ସବ କମିଟି ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ରାଣିଗୋଡ଼ା ଠାରେ ବିଜେପି ମଣ୍ଡଳ ସଭାପତି ଭାସ୍କର ସାହୁ ଓ ପଞ୍ଚାୟତ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ କର୍ମୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ବଡପୁଅ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ପୁଅ, ବୋହୂ, ନାତିନାତୁଣୀ, ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ମରଶରୀର ନିକଟରେ ଉପସ୍ଥିତ ଥିଲେ। ଗ୍ରାମର ଶେଷ ଦର୍ଶନ ପାଇ ସଂଗ୍ରାମ ସାହୁ, ମାୟାଧର ସାହୁ, ଅଭିରାମ ସାହୁ, ଅରୁଣ ମହାପାତ୍ର, ଶରତ ଖଣ୍ଡାଇ, ହାଡିବନ୍ଧୁ ସାହୁ, ରମାକାନ୍ତ ବାରିକ, ଭଗବାନ ପଣ୍ଡା କାହ୍ନୁ ଚରଣ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବିଶ୍ୱହିନ୍ଦୁ ପରିଷଦର ଗୋପୂଜନ କାର୍ଯ୍ୟକ୍ରମ

**ବରୀ, ୯।୮ (ସମିସ):** ପବିତ୍ର ଶ୍ରାବଣ ପୂର୍ଣ୍ଣିମା ବଳଦେବଜୀଉଙ୍କ ଜନ୍ମ ଓ ରାକ୍ଷୀ ପୂର୍ଣ୍ଣିମା ଅବସରରେ ବରୀ ପ୍ରଖଣ୍ଡ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବିଭିନ୍ନ ଦଳିତ ବସ୍ତିରେ ବରିଷ୍ଠ ନାଗରିକ ଓ ଛୋଟ ଛୋଟ ପିଲାମାନଙ୍କୁ ରକ୍ଷା ବନ୍ଧନ କରାଯାଇଥିଲା। ଏହି ଅବସରରେ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀଙ୍କ ସହିତ ବରୀ ରାମଚନ୍ଦ୍ରପୁର ଥାନାରେ ଥିବା ସମସ୍ତ କର୍ମଚାରୀଙ୍କୁ ରକ୍ଷାବନ୍ଧନ କରାଯାଇଥିଲା। ସେହିପରି ଭାବେ ସାହୁପଡ଼ାଠାରେ ବଳଦେବଜୀଉଙ୍କ ଜନ୍ମ ଉଦ୍ଦେଶ୍ୟରେ ପ୍ରତି ବର୍ଷ ଭଳି ଗୋମାତାଙ୍କୁ ଫୁଲ, ଧୂପ, ଦୀପ ଦ୍ୱାରା ବନ୍ଦାପନା କରାଯାଇ ରକ୍ଷାବନ୍ଧନ କରାଯାଇ ଖାଦ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ସଭାପତି ଡ. ବିଶ୍ୱନାଥ ତ୍ରିପାଠୀ, ସମରସତ୍ତା ପ୍ରମୁଖ ଚିତ୍ତ ଞ୍ଜନ ପରିଡ଼ା, କଲ୍ୟାଣି ଅପା, ସମାଜସେବୀ କବିର ଦାସ, ଗୋ ସେବକ ଦଶରଥ ଜେନା, ବଜରଙ୍ଗ ଦଳ ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର, ପାର୍ଥସାରଥୀ ନାଥଶର୍ମା, ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ଶ୍ରୀକାନ୍ତ ଦାସ, ରଞ୍ଜନ କୁମାର ସାହୁ, ଶୁଭମ୍ ଦାସ, ଜଗନ୍ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡି ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ



**ବିଞ୍ଝାରପୁର, ୯।୮ (ସମିସ):** ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ ଶନିବାର ସ୍ଥାନୀୟ ସୋନି ମଣ୍ଡପରେ ବିଞ୍ଝାରପୁର ବିଜେଡି ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ରକ୍ଷାବନ୍ଧନ ଉତ୍ସବରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଉପସ୍ଥିତ ରହି ଶ୍ରଦ୍ଧାର ସହିତ ନିଜର ଅଗଣିତ ସମର୍ଥକଙ୍କ ହାତରେ ରାକ୍ଷୀ ବାନ୍ଧି ସମସ୍ତଙ୍କ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ନିକଟରେ ସୁଖ, ଶାନ୍ତି ଓ ସମୃଦ୍ଧିର ଶୁଭ କାମନା କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, ଯୁବ ବିଜେଡି ସଭାପତି ଦିଲ୍ଲିପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ମିଶ୍ର, ମୁରଲୀଧର ବେହେରା, ପ୍ରଦୀପ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସାମାଜିକ କର୍ମୀ କୈଳାସ ସେଠୀ, ଯୁବ ସଂଗଠକ ଶ୍ୟାମସୁନ୍ଦର ବେହେରା, ଅଶୋକ ସାହୁ, ସୁଖରଞ୍ଜନ ପରିଡା, ସରପଞ୍ଚ ଏମ୍‌ଡି ସବିର, ନାରାୟଣ ଚନ୍ଦ୍ର ଜେନା, ସୁଶାନ୍ତ ଦାସ, ଦେବୀଦତ୍ତ ସେଠୀ, କାମଦେବ ଧଳ, କାର୍ତ୍ତିକ ଚନ୍ଦ୍ର ଧଳଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ମଇଁନ୍ଦା, ୯।୮ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତ ଦୁର୍ଯ୍ୟୋଧନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସେକ୍ ନିଜାମୁଦ୍ଦିନ, ପ୍ରଫୁଲ୍ଲ କୁମାର ବଳ, ସରପଞ୍ଚ ହରପ୍ରିୟା ମଲିକ, ସମିତିସଭ୍ୟ ସଞ୍ଜୟ କୁମାର ମଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପତି, ସନାତନ ଦାଶ, ସମାଜସେବୀ ଜନ୍ମେଜୟ ସାମଲ, ନିରୋଦ କୁମାର ମଲିକ, ଅନ୍ନଦା ପ୍ରଶାଦ ସାମଲ, ଅଭୟ କୁମାର ପଣ୍ଡା, ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଧଳ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ କିଶୋର ବେହେରା, ସୁକାନ୍ତୀ ସାମଲ, ଅନିଳା ସାମଲ, ଜୋସ୍ନା ମଲିକ, ତ୍ରିଲୋଚନ ମଲ୍ଲିକ, ସୁବ୍ରତ ବେହେରା, ପ୍ରଭାତ ସାହୁ, ମହେଶ୍ୱର ଦାସ, ପ୍ରଫୁଲ୍ଲ କୁମାର ସାମଲ ସହଯୋଗ କରିଥିଲେ। ବସନ୍ତ କୁମାର ସାହୁ, ଅଭୟ ଚରଣ ଖୁଣ୍ଟିଆ, ସୁବାସ ଚନ୍ଦ୍ର ସାହୁ, ସୁବଳ ପାତ୍ର, ଦିଲିପ କୁମାର ସାମଲ, ଆରତୀ ବେହେରା, ଅନାଦି ଚରଣ ସାମଲ, ହେମେନ୍ଦ୍ର ରାଉତ, ସନାତନ ବେହୁରାୟା, ପ୍ରଭାତ କୁମାର ସାହୁ, ସୋମେନ୍ଦ୍ର କୁମାର ସାମଲ, ମନୋଜ କୁମାର ମହାଲିକ, ବୈଦ୍ୟନାଥ ପରିଡା, ଅକ୍ଷୟ କୁମାର ମଲିକ, ଆଦି ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ଚୋରା ଦେଶୀ ବନ୍ଧୁକ ଜବତ; ଜଣେ ଗିରଫ

**ସୁକିନ୍ଦା, ୯।୮ (ସମିସ):** ସୁକିନ୍ଦା ଖଣି ଅଞ୍ଚଳରୁ ପୁଲିସ ଏକ ଦେଶୀ ଚୋରା ବନ୍ଧୁକ ଜବତ କରିବା ସହ ବନ୍ଧୁକ ରଖିଥିବା ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଦଳକସାହିର ସୂପେଇ ମାରାଣ୍ଡିଙ୍କ ପୁଅ ମିର୍ଜା ମାରାଣ୍ଡି (୩୦) ନିକଟରେ ଏକ ବନ୍ଧୁକ ଥିବା ସୂଚନା ପାଇ ପୁଲିସ ଚଢ଼ଉ କରି ବନ୍ଧୁକ ଜବତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ପୁଲିସ ୮୮/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଅଭିମନ୍ୟୁ ବାଲିଆରେ ରାଷ୍ଟ୍ରାୟତ ବ୍ୟାଙ୍କ ଖୋଲିବାକୁ ଦାବି

ବରୀ, ୯।୮ (ସମିସ)

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ଅଭିମନ୍ୟୁ ବାଲିଆଠାରେ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ଶାଖା ଖୋଲିବାକୁ ଦାବି ହୋଇଛି। ବରୀ ବ୍ଲକ ୨୯ ଗୋଟି ପଞ୍ଚାୟତକୁ ନେଇ ଗଠିତ ବ୍ରାହ୍ମଣୀ ନଦୀର ବାମ ପଟେ ୧୬ ଗୋଟି ପଞ୍ଚାୟତ ଥିବା ବେଳେ ଦକ୍ଷିଣ ପଟେ ୧୩ ଗୋଟି ପଞ୍ଚାୟତ ରହିଛି। ଦକ୍ଷିଣ ପଟେ ବରୀମାଉଣ୍ଟ, କାଇପଡ଼ା ଓ ଆଙ୍ଗାଳ ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ତିନି ଗୋଟି ଶାଖା ରହିଥିବା ବେଳେ ବାଲିଆପାଳ ଠାରେ ଇଣ୍ଡିଆନ ବ୍ୟାଙ୍କର ଗୋଟିଏ ଏବଂ ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ କାନାରା ବ୍ୟାଙ୍କର ଗୋଟିଏ ଶାଖାକୁ ମିଶାଇ ୫ ଗୋଟି ଜାତୀୟ କରଣ ବ୍ୟାଙ୍କର ଶାଖା ରହିଛି। ସେହିପରି ବରୀ ମାଉଣ୍ଟ, ରାମଚନ୍ଦ୍ରପୁର ଓ ରାଜାତୋଟା ଠାରେ ୩ ଗୋଟି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ରହିଛି। ମୋଟା ମୋଟି ୧୬ ପଞ୍ଚାୟତ ପାଇଁ ୮ଟି ବ୍ୟାଙ୍କର ଶାଖା ରହିଛି। ଅପର ପକ୍ଷରେ ନଦୀର ଦକ୍ଷିଣ ପାଶ୍ୱର୍ରେ ଥିବା ୧୩ ଗୋଟି ପଞ୍ଚାୟତ ପାଇଁ ରତ୍ନଗିରି ଠାରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଗୋଟିଏ ଶାଖା ଓ ଅଭିମନ୍ୟୁ ବାଲିଆରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଗୋଟିଏ ଶାଖା ରହିଛି। ଅର୍ଥାତ ୧୩ ପଞ୍ଚାୟତ ପାଇଁ ମାତ୍ର ୨ ଗୋଟି ବ୍ୟାଙ୍କ ଶାଖା ରହିଛି। ଏଠାରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ସ୍ମୃତିପୀଠ ସମେତ କବିଙ୍କ ନାମରେ ନାମିତ ଡିଗ୍ରୀ କଲେଜ, ଜୁନିୟର କଲେଜ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ସଂସ୍କୃତ ବିଦ୍ୟାଳୟ ଓ ଐତିହାସିକ ମା' ବୁଢ଼ି ଜଗୁଳାଇଙ୍କ ପୀଠ ରହିଥିବା ବେଳେ ଏଠାରେ ୧୫୦ରୁ ଉର୍ଦ୍ଧ୍ୱ ଛୋଟ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ବାଲିଆ ଠାରୁ ରତ୍ନଗିରି ଷ୍ଟେଟ ବ୍ୟାଙ୍କ ଶାଖାର ଦୂରତା ପ୍ରାୟ ୧୫ କିଲୋମିଟର ହୋଇଥିବାରୁ ଏଠାରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଉପରେ ସମସ୍ତେ ନିର୍ଭର କରିଥାନ୍ତି। ଶହ ଶହ ସଂଖ୍ୟାର ସ୍ୱୟଂ ସହାୟକା ଗୋଷ୍ଠୀର ମହିଳା ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ସେହିପରି ହଜାର ହଜାର ସଂଖ୍ୟକ ପେନ୍‌ସନ ଭୋଗି ବଶିଷ୍ଠ ନାଗରିକ ରାଷ୍ଟ୍ରାୟତ ବ୍ୟାଙ୍କ ନଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଠାରେ ଥିବା ଗ୍ରାମ୍ୟ ବ୍ୟାଙ୍କ ଶାଖାଟି କଲେଜ ପରିସରରେ ଥିବା ଏକ ସଂକୀର୍ଣ୍ଣ କୋଠରିରେ ଚାଲୁ ଥିବାରୁ ଏଠାରେ ଗ୍ରାହକଙ୍କ ବସିବା ପାଇଁ କୌଣସି ସ୍ଥାନ ନଥିବା ବେଳେ ଧାଡ଼ିରେ ଛିଡ଼ା ହେବା ପାଇଁ ସ୍ଥାନ ମଧ୍ୟ ନାହିଁ। ତା' ସହିତ ଇନଭେଟର ନ ଥିବାରୁ ଲାଇନ ଚାଲିଗଲେ କାରବାର ବନ୍ଦ ରହୁଛି। ବହୁ ସମୟରେ ଇଣ୍ଟରନେଟ ଫେଲ୍ ପାଇଁ କାରବାର ବନ୍ଦ ରହୁଛି। ଏହିସବୁ ଅସୁବିଧା ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଏଠାରେ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ଶାଖା ଖୋଲା ଯିବାର ବ୍ୟବସ୍ଥା କରିବାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ମରଣାନ୍ତକ ଆକ୍ରମଣରେ ବୃଦ୍ଧା ଗୁରୁତର

**ଦଶରଥପୁର, ୯।୮ (ସମିସ):** ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଲାଗିଥିବା କଳିଝଗଡ଼ା ବନ୍ଦ କରିବାକୁ ଯାଇଥିବା ଜନୈକା ବୃଦ୍ଧା ମରଣାନ୍ତକ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିବା ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ରାତି ପ୍ରାୟ ୯. ୩୦ ସମୟରେ କୌଣସି ଘଟଣାକୁ ନେଇ ଦଶରଥପୁର ବ୍ଲକ ତଥା ଯାଜପୁର ଟାଉନ ଥାନା ଅନ୍ତର୍ଗତ ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମର ଗୌତମ ସେଠୀ ଓ ରାକା ସ୍ୱାଇଁଙ୍କ ମଧ୍ୟରେ କଳିଝଗଡା ଲାଗିଥିଲା। ରାକା ସ୍ୱାଇଁଙ୍କ ସମ୍ପର୍କୀୟ ବଡ଼ ମାଆ ବୀଣାପାଣି ସ୍ୱାଇଁ(୬୨) ଘଟଣା ସ୍ଥଳରେ ପହଞ୍ଚି ନିଜ ପୁତୁରା ରାକାକୁ



କଳିଝଗଡାରୁ ନିବୃତ କରିବାକୁ ଉଦ୍ୟମ କରୁଥିବା ବେଳେ ଗୌତମ ସେଠୀ ଅତର୍କିତ ଭାବେ ବୀଣାପାଣିଙ୍କୁ ନିକଟରେ ପଡ଼ିଥିବା ଏକ ବାଉଁଶ ଠେଙ୍ଗାରେ ଲଗାତାର ପିଟି ଚାଲିବାରୁ ବୃଦ୍ଧା ବୀଣାପାଣିଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ସେ ଚେତାହରାଇ ତଳେ ପଡି ଯାଇଥିଲେ। ତାଙ୍କ ଗୋଡ଼, ହାତ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ଯନ୍ତ୍ରଣାରେ ଛଟପଟ ବୀଣାପାଣିଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିବା ଦେଖି ଗୌତମ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ପଡୋଶୀଙ୍କ ସହାୟତାରେ ବୀଣାପାଣିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଯାଜପୁର ଟାଉନ ଥାନାରେ ବୀଣାପାଣିଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ଗୌତମ ସେଠୀ ଗାଁରୁ ଫେରାର ଥିବା ଜଣାଯାଇଛି।

# ଭାଇଚାରା ବଢ଼ାଇଛି ସଂପର୍କର ଡୋରୀ

# ବୃକ୍ଷରୁ ରାଜନେତା; ସମସ୍ତଙ୍କ ହାତରେ ବନ୍ଧା ଗଲା ରାକ୍ଷୀ












ଯାଜପୁର, ୯।୮ (ସମିସ):

ଭାଇଭଉଣୀ ସଂପର୍କର ଏକ ନିବିଡ଼ ଡୋରୀ ରାକ୍ଷୀ। ଭାଇଚାରା ଓ ସଂପର୍କର ପର୍ବ ରକ୍ଷାବନ୍ଧନ। ଏହି ପର୍ବ ପାଇଁ ସହରଠୁ ପଲ୍ଲୀ ସବୁଠି ଉତ୍ସବ ମୁଖର। କେଉଁଠି ଭଉଣୀ ଶୁଭମନାସୀ ଭାଇ ହାତରେ ରାଖୀ ବାନ୍ଧିଛି ତ ଆଉ କେଉଁଠି ଭାଇଚାରାର ସଂପର୍କ ସୃଷ୍ଟି କରିବାକୁ ରାଜନେତାଙ୍କ ହାତରେ ରାକ୍ଷୀ ବନ୍ଧାଯାଇଛି। "ଆମ ପାଇଁ ଗଛ ରକ୍ଷା କବଚ' ଏ ବାର୍ତ୍ତାକୁ ପ୍ରଚାର କରିବାକୁ କେଉଁଠି ବୃକ୍ଷରେ ରାକ୍ଷୀ ବନ୍ଧାଯାଇଛି। ପୁଣି କେଉଁଠି ନିଶା ନିବାରଣର ସଚେତନତା କରିବାକୁ ରାକ୍ଷୀକୁ ସଂପର୍କ ସୂତା ଭାବେ ବ୍ୟବହାର କରାଯାଇଛି। ପୁଣି ଗହ୍ମାପୂର୍ଣ୍ଣିମାରେ ଗୋମାତାକୁ ପୂଜା କରିବା ସହ ବାଟୋଇ ହାତରେ ରାକ୍ଷୀ ବାନ୍ଧି ସ୍ନେହ, ପ୍ରୀତି, ଭାଇଚାରାକୁ ବଢାଇବାକୁ ଉଦ୍ୟମ କରାଯାଇଛି।

**ଯାଜପୁର:** ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ଯାଜପୁର ପୌରପାଳିକା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜଗରଣ ପରିଷଦ ପକ୍ଷରୁ ରକ୍ଷା ବନ୍ଧନ ଏବଂ ଗୋ-ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ପ୍ରତିମା କରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜଗନ୍ନାଥ ରକ୍ଷୀ ପୂର୍ଣ୍ଣିମା ଓ ବଳଭଦ୍ରଙ୍କ ତତ୍ତ୍ୱ ଉପରେ ବକ୍ତାମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜଗନ୍ନାଥ, ଭଳଭଦ୍ର ଓ ସୁଭଦ୍ରାଙ୍କୁ ରକ୍ଷା ବନ୍ଧନ କରାଯାଇଥିଲା ଏବଂ ଗୋ-ପୂଜନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ, ସମ୍ପାଦିକା କାଞ୍ଚନବାଳା ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଗୁଣମଣୀ ପାଣିଗ୍ରାହୀ, ଜନାର୍ଦ୍ଦନ ମିଶ୍ର, ଅକ୍ଷୟ ମିଶ୍ର, ହରେକୃଷ୍ଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ବୃନ୍ଦାବନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





**ଯାଜପୁର:** ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କୋର କମିଟିର ସଦସ୍ୟା ସୌଭାଗ୍ୟ ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ସହସମ୍ପାଦିକା ଶକୁନ୍ତଳା ବେହେରା ଓ ବରିଷ୍ଠ ସଦସ୍ୟା ଟୁନି ବେହେରା ଓ ମଧୁସ୍ମିତା ରଥଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ ସଦସ୍ୟମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ମହାନ ପରମ୍ପରା କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବଦୁଲ୍ ସାଜିଦ୍ (.ନବାବୁ), କୋର କମିଟିର ସଦସ୍ୟ ଶିକ୍ଷାବିତ୍ ଭରତ ଚନ୍ଦ୍ର ବେହେରା, ସୁରଜ କୁମାର ପଣ୍ଡା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଡିଜେନ୍ଦ୍ର କୁମାର ରାଉତ, ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ, ଶିଶିର କୁମାର ମହାପାତ୍ର, ରଜତ୍ କୁମାର ମିଶ୍ର, ଜୟ ପ୍ରକାଶ ନାୟକ, ସଚିଦାନନ୍ଦ ବେହେରା, ଦାମୋଦର ନନ୍ଦ, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତଙ୍କର ସହଯୋଗ କାମନା କରିଥିଲେ।

**ସିଂହପୁର:** ବିଞ୍ଝାରପୁର ବ୍ଲକର ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁରରେ ନିଆରା ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ନଳିନୀ ପ୍ରଭା ଦାସଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଉପସ୍ଥିତ ଅଭିଭାବକ ବୃକ୍ଷମାନଙ୍କରେ ରାକ୍ଷୀ ବାନ୍ଧି ପୂଜା ବନ୍ଦାପନା କରିଥିଲେ। "ଆମ ପାଇଁ ଗଛ ରକ୍ଷା କବଚ'ଶୀର୍ଷକ ଉପରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। "ବୃକ୍ଷୋ ରକ୍ଷତି ରକ୍ଷିତଃ' ଶୀର୍ଷକରେ ଇକୋ କ୍ଲବର ପିଲାମାନଙ୍କଦ୍ୱାରା ସଚେତନତାର ବାର୍ତ୍ତା ଦିଆଯାଇଥିଲା। ପ୍ରଧାନଶିକ୍ଷକ ଏବଂ ଇକୋ କ୍ଲବର ଇନଚାର୍ଜ ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷ ରୋପଣ କରି ପରିବେଶକୁ ସୁରକ୍ଷା ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀ ସମ୍ପୂର୍ଣ୍ଣ ସହଯୋଗ କରି ସଫଳ କରିଥିଲେ।

**ଧର୍ମଶାଳା:** ଜାରକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଦସ୍ୟ ବିକେ କୃଷ୍ଣ ଭାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରକ୍ଷାବନ୍ଧନ ଉତ୍ସବରେ ଶାଖା ସଂଯୋଜିକା ବିକେ ଅଳି ଭଉଣୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପରେ ପ୍ରେସକ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ତତ୍‌ସହିତ ସମସ୍ତେ ନିଶାଦ୍ରବ୍ୟରୁ ଦୂରେଇ ରହିବା ପାଇଁ ଛାଡିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ବିକେ ବାଙ୍କବିହାରୀ ଭାଇ, ପ୍ରେସକ୍ଲବ ସଭାପତି ରମାକାନ୍ତ ଜେନା, ବିକେ କଳାକାର ଭାଇ, ବିକେ ମାନୁ ଭଉଣୀ ଓ ବିକେ ଲିମା ଭଉଣୀ ଯୋଗଦେଇ ରକ୍ଷାବନ୍ଧନ ଭାଇଚାରା ସୃଷ୍ଟି କରିବା ସହିତ ସମାଜକୁ ସଠିକ ମାର୍ଗରେ ପରିଚାଳିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସହ ସମ୍ପାଦକ ମାନସ ରଞ୍ଜନ ଜେନା, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ସଭ୍ୟ ବିବେକାନନ୍ଦ ରାୟ, ଗିରିଧାରୀ ବେହେରା, କପିଳେନ୍ଦ୍ର ରାଉତ, ବିକ୍ରମ କେଶରୀ ମହାନ୍ତି, ବିନୋଦ ବିହାରୀ ସାହୁ, ଅକ୍ଷୟ କୁମାର ରାଉତ, କିଶୋର ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ଷାବନ୍ଧନ କରିଥିଲେ। ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆଖିଆ:** ରସୁଲପୁର ବ୍ଲକ ଅନ୍ତର୍ଗତ କୋଳଥଳ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କେନ୍ଦ୍ରରେ କିଛି ନିଆରା ଢଙ୍ଗରେ ରାକ୍ଷୀପୂର୍ଣ୍ଣିମା ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ବଡ଼ଚଣା ଶାଖା କେନ୍ଦ୍ରର ସଂଚାଳିକା ବ୍ରହ୍ମକୁମାରୀ ମାନସୀ ଭଉଣୀ ଓ କୋଳଥଳ ଶାଖା କେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ସୁଧା ଭଉଣୀ ପାଖାପାଖି ୧୫୦ ଜଣ ଭାଇଭଉଣୀଙ୍କ ହସ୍ତରେ ଶିବ ପରମାତ୍ମଙ୍କ ପ୍ରତୀକ ରାକ୍ଷୀ ବାନ୍ଧିବା ସହିତ ତିଳକ ଲଗାଇଥିଲେ। ବ୍ରହ୍ମାକୁମାରୀ ତିଲୋତ୍ତମା ଭଉଣୀ ଆଜିର ଆଧ୍ୟାତ୍ମିକ ରହସ୍ୟ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ପୂର୍ଣ୍ଣିମା, ବ୍ରହ୍ମାକୁମାରୀ ମାନୁ, ବ୍ରହ୍ମାକୁମାରୀ ବିନତି, ବ୍ରହ୍ମାକୁମାର ସରୋଜ ପ୍ରମୁଖ ଯୋଗଦାନକରିଥିଲେ।

**ମଙ୍ଗଳପୁର:** ରକ୍ଷାବନ୍ଧନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ଈଶ୍ୱରପୁର ଶାଖା। ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ଆଜି ସକାଳ ୮ ଘଟିକା ସମୟରେ ଗ୍ରାମର ପ୍ରାୟ ୨୦୦ ଗୋମାତାଙ୍କୁ ଆଣି ଈଶ୍ୱରପୁର କୀର୍ତ୍ତନ ପଡିଆ ନିକଟରେ ଏକତ୍ରିତ କରି ଫୁଲ ଚନ୍ଦନ ଦେଇ ନୂତନ ପଘା ପିନ୍ଧାଇ ପୂଜା କରିବା ସହିତ ଭୋଗ ଦେଇଥିଲେ। ଗୋରୁ ମାନଙ୍କ ଖାଇବା ପାଇଁ ବିଭିନ୍ନ ଗୋଖାଦ୍ୟ ବଣ୍ଟନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ଏପ୍ରକାର କାର୍ଯ୍ୟକୁ ବେଶ ପ୍ରଶଂସା କରିଛନ୍ତି ଅଞ୍ଚଳବାସୀ। ଆଜିର ଏହି କାର୍ଯ୍ୟକ୍ରମଟି ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗଦଳ ଯାଜପୁର ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ପ୍ରଭୁଦେବ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଦଶରଥପୁର ପ୍ରଖଣ୍ଡ ସଂଯୋଜକ ଲୋକନାଥ ଦାସ, ବିଶ୍ୱହିନ୍ଦୁ ପରିଷଦ ପ୍ରଖଣ୍ଡ ଉପସଭାପତି ବିଶ୍ୱଜିତ ଦାସ, ପ୍ରଖଣ୍ଡ ବଜରଙ୍ଗଦଳ ସହ ସୁରକ୍ଷା ପ୍ରମୁଖ ରାମକୃଷ୍ଣ ଦାସ, ପ୍ରଖଣ୍ଡ ବଜରଙ୍ଗଦଳ ସହ ସଂଯୋଜକ ସନ୍ତୋଷ ପଣ୍ଡା, ଈଶ୍ୱରପୁର ଶାଖା ସଂଯୋଜକ ଦୀପକ ଜେନା, ଶୁଶୁଆ ଶାଖା ସଂଯୋଜକ ସରୋଜ ବାରିକ, ବିଶ୍ୱହିନ୍ଦୁ ପରିଷଦ ଈଶ୍ୱରପୁର ଶାଖା ସଭାପତି କୈଳାଶ ବାରିକ, ଟୁଟୁମଣି ସାମଲ, ବିଚିତ୍ର ଦାସ, ବୈକୁଣ୍ଠ ଜେନା, ଧନଞ୍ଜୟ ସାହୁ, ଅଭୟ ମଲ୍ଲିକ, ବ୍ରହ୍ମାନନ୍ଦ ନାୟକ, ଲକ୍ଷ୍ମଣ ବାଇ ପ୍ରମୁଖ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

**କନ୍ୟାଁଗୋଲା:** ଦଶରଥପୁର ବ୍ଲକ ବିଭିନ୍ନ ବେସରକାରୀ ଶିକ୍ଷା ଅନୁଷ୍ଠାନ ମାନଙ୍କ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାଳକୁଡ଼ି, ଦକ୍ଷିଣବନ୍ଧ, ଚାଉଳିଆ, ଗ୍ରାମ ଅଞ୍ଚଳରେ ମଧ ଏହି ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

**ଦଶରଥପୁର:** ଦଶରଥପୁର ବ୍ଲକରେ ନିଶା ନିବାରଣ ମିଳିତ ମଞ୍ଚ ଓ ମିର୍ଜାପୁର ଶିଶୁ ବିଦ୍ୟାମନ୍ଦିର ସହଯୋଗରେ ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ଏକ ଜନ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ନିକଟରୁ ବାହାରି ଗ୍ରାମ ନନ୍ଦିପୁର ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଉପସ୍ଥିତ ଅତିଥି ଓ ଅନ୍ୟମାନଙ୍କୁ ଏକ ସ୍ୱତନ୍ତ୍ର ରାକ୍ଷୀ ଗୁରୁମା'ମାନେ ବାନ୍ଧି ନିଶା ଛାଡ଼ିବା ପାଇଁ ଶପଥ ପାଠ କରାଇଥିଲେ। ଏହି ଅବସରରେ ସେଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଛତ୍ରୀମାନେ ରାମବାଗ - ଛତ୍ରପଡା ରାସ୍ତା ଗ୍ରାମ ନନ୍ଦିପୁର ଛକରେ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଅଟକାଇ ରାକ୍ଷୀ ପିନ୍ଧାଇବା ସହ ମିଠା ଖୁଆଇ ସଚେତନତା ପତ୍ର ପ୍ରଦାନ କରି ନିଶା ଛାଡିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ଶେଷରେ ଛାତ୍ରଛାତ୍ରୀ ନୃତ୍ୟ ମାଧ୍ୟମରେ ରାକ୍ଷୀ ବନ୍ଧନ ଓ ନିଶା ନିବାରଣ ପାଇଁ ନୃତ୍ୟ ପରିବେଷଣ କରିଥିଲେ। ଏହି ସଭାରେ ସମ୍ବାଦିକ ଚନ୍ଦ୍ରଶେଖର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାପତି ବଳରାମ ତ୍ରିପାଠୀ ଯୋଗଦେଇଥିବାବେଳେ ଅତିଥି ଭାବେ ଦେବେନ୍ଦ୍ର ପଣ୍ଡା, ଡ. ହରିଶ ଚନ୍ଦ୍ର ପଣ୍ଡା, ଦୁର୍ଗାଚରଣ ବାରିକ, ମଳୟ ପଣ୍ଡା, ସରୋଜ ବିଶ୍ୱାଳ, ଦିଲ୍ଲୀପ ଦଳାଇ, ବିଷ୍ଣୁ ଚରଣ ଧଳ, ଜ୍ଞାନରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ୟତମ ଅତିଥିଭାବେ ନଳିନୀକାନ୍ତ ମିଶ୍ର, ଦେବେନ୍ଦ୍ର ନାୟକ, ରାଜକିଶୋର ପଣ୍ଡା, ମିହିର ପରିଡା, ରୁଦ୍ରନାରାୟଣ ପତି, ରମେଶ ଚନ୍ଦ୍ର ଦେବତା, ନିହାର ପରିଡା, ହୃଷୀକେଶ ଯେନା, ପ୍ରଭୁକୃଷ୍ଣ ମହାନ୍ତି, ସାଗର ପରିଡା, ସୌମ୍ୟ ରଞ୍ଜନ ବେହେରା, ଇତିଶ୍ରୀ ପତି, ସନ୍ଧ୍ୟା ରଣୀ ସାମଲ, ରଶ୍ମିରେଖା ମିଶ୍ର, ଶ୍ରଦ୍ଧାଞ୍ଜଳି ମହାଳିକ, ସୁଦୀପ୍ତା ପଟ୍ଟନାୟକ, ଶୁଚିସ୍ମିତା ପଟ୍ଟନାୟକ, ଶୁଚିସ୍ମିତା ସାମଲ, ଶୁଭଲକ୍ଷ୍ମୀ ଯେନା, ରିଙ୍କିତା ସେଠି ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ହଲରେ ଏକ ନିଆରା ଢଙ୍ଗରେ ରାକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ମହିଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ରାକ୍ଷୀ ବାନ୍ଧି ତାଙ୍କର ଶୁଭ ମନାସୀ ଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସଦୀପ୍ତ ମହାନ୍ତି, ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ଶରତ ଓଝା, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ,ଉପେନ୍ଦ୍ର କର, ମୁରଲୀ ପାଣ୍ଡବ, ପ୍ରଦୀପ ପରିଡା, ଦେବଦତ୍ତ ପଣ୍ଡା, ପ୍ରଶାନ୍ତ ନାୟକ,ନେତ୍ରାନନ୍ଦ ପାତ୍ର, ସ୍ରୀବତ୍ସ ଧିର, ତୀର୍ଥରାଜ ପଣ୍ଡା, ଅଂଶୁମାନ ପ୍ରିୟଦର୍ଶନ, ଗୌତମ ସାହୁ, ରାକେଶ ରାଉତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।



ଡାକ୍ତରଖାନା ଶଯ୍ୟାରେ ବନ୍ଧା ଗଲା ରାକ୍ଷୀ। ଯାଜପୁର ଜିଲ୍ଲା ବିରଜାପୁର ଗ୍ରାମର ସ୍ୱୟମ୍ପ୍ରଭା ଦାସ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ଭାଇ ଅରୂପାନନ୍ଦ ପାତ୍ରଙ୍କୁ ମେଡିକାଲକୁ ଡାକି ରାକ୍ଷୀ ବାନ୍ଧିଥିଲେ।

## ବିଦ୍ୟୁତ୍ ଆଘାତରେ ଗାଈ ମୃତ

କନ୍ୟାଁଗୋଲା, ୯।୮ (ସମିସ): ବିଦ୍ୟୁତ୍ ଆଘାତରେ ଗର୍ଭଣୀ ଗାଈର ମୃତ୍ୟୁ ଘଟିଛି। ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା ଯୋଗୁଁ ଅଧିକାଂଶ ସମୟରେ ଅଘଟଣ ଘଟୁଛି। ହେଲେ ବିଭାଗ ଚେତୁନି। ଖୋଲା ମେଲାରେ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଉଛି। ଏଭଳି ଘଟଣା ଘଟିଛି ଏହି ବ୍ଲକ ବିରିପଟା ପଞ୍ଚାୟତର ବଡ଼ କୁଆଁଲ ଗ୍ରାମରେ। ଏହି ଗ୍ରାମର ଅକ୍ଷୟ କୁମାର ଦାସଙ୍କ ଗର୍ଭଣୀ ଗାଈଟି ବଡ଼ କୁଆଁଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଚରୁଥିବା ବେଳେ ଜୀବନ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଏହି ବିଦ୍ୟୁତ୍ ତାରଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଲାଗି ଏଭଳି ଘଟିଥିଲା। ଗାଈ ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୂର୍ବତନ ତହସିଲଦାରଙ୍କ ନାଁରେ ଥାନାରେ ଅଭିଯୋଗ

ଦଶରଥପୁର, ୯।୮ (ସମିସ): ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ରଣୁଆ ମୌଜାରେ ୨୩୩ କେଭିର ବିଦ୍ୟୁତ ଗ୍ରୀଡ଼ ସ୍ଥାପନ ନିମନ୍ତେ କାର୍ଯ୍ୟାଦେଶ ହାତେଇ ଥିବା ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଅହେତୁକ ଅନୁକମ୍ପା ପୂର୍ବକ ଜମି ଅଧିଗ୍ରହଣରେ ତତକାଳୀନ ଦଶରଥପୁର ତହସିଲଦାର ଏବଂ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଚକ୍ରାନ୍ତ କରି ଜମି ମାଲିକଙ୍କ ଅଗୋଚରରେ ସେମାନଙ୍କ ଜାଲ ଦସ୍ତଖତ କରି ଜମି ଦଖଲ କରିଥିବା ସମ୍ପୃକ୍ତ ଜମିମାଲିକଙ୍କ ପକ୍ଷରୁ ଯାଜପୁର ଟାଉନ ଥାନାରେ ଲିଖିତ ଏତଲା ହେବା ସହିତ ଉକ୍ତ ଅନିୟମିତତା ସମ୍ପର୍କରେ ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି। ଜମି ଦେବାକୁ ଗ୍ରାମସଭାରେ ଗ୍ରାମବାସୀ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବକୁ ଖାରଜ କରିଥିଲେ। କିନ୍ତୁ ତତକାଳୀନ ଦଶରଥପୁର ତହସିଲଦାର ଏବଂ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଜମି ମାଲିକ ଏବଂ ଗ୍ରାମବାସୀଙ୍କୁ ଜମି ଅଧିଗ୍ରହଣ ପକ୍ରିୟାରେ ସହଯୋଗ କରିବାକୁ ଯେତେ ବୁଝାସୁଝା କରିଥିଲେ ମଧ ଗ୍ରାମସଭା ଫେଲ ମାରିଥିଲା। ପ୍ରବଳ ବିରୋଧ ଯୋଗୁ ଜମି ଅଧିଗ୍ରହଣ ପକ୍ରିୟା ବନ୍ଦ ରହିଥିଲା। ମାତ୍ର ପ୍ରଶାସନ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ପ୍ରସ୍ତାବିତ ଜମିରେ ବିଦ୍ୟୁତ ଗ୍ରୀଡ଼ ସ୍ଥାପନ କରିବାକୁ ଯାଇ ଜମି ମାଲିକଙ୍କ ଅଗୋଚରରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ହୋଇଥିବା ଜାଲ କାଗଜପତ୍ର ପ୍ରସ୍ତୁତ କରି ଅପ୍ରେଲ ମାସରେ ହଠାତ ବହୁ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରି ଜମି ଚିହ୍ନଟ କରିଥିଲା। ପୁଲିସ ଭୟରେ ଗ୍ରାମବାସୀ ଜମି ଚିହ୍ନଟକୁ ବିରୋଧ କରିବାକୁ ସାହସ ଜୁଟାଇ ପାରିନଥିଲେ। ଏ ନେଇ ହାଇକୋର୍ଟରେ ମାମଲା ବିଚାରଧୀନ ଥିବା ବେଳେ ତତ୍କାଳୀନ ଦଶରଥପୁର ତହସିଲଦାର ଏବଂ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଚକ୍ରାନ୍ତ ପୂର୍ବକ ଜମି ମାଲିକଙ୍କ ଜାଲ ଦସ୍ତଖତରେ ଜମି ଅଧିଗ୍ରହଣରେ ଜମିମାଲିକଙ୍କ ସହମତି ରହିଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ନକଲି କାଗଜପତ୍ର ପ୍ରସ୍ତୁତ କରିଥିବା ସୂଚନା ଅଧିକାର ଆଇନରୁ ଜଣାପଡିବା ପରେ ସମ୍ପୃକ୍ତ ଜମିମାଲିକଙ୍କ ପକ୍ଷରୁ ଗୌତମ ପ୍ରସାଦ ସାହୁ, କୁନାଲ ସାହୁ, ହର୍ଷବର୍ଦ୍ଧନ ସାହୁ, ସୁନୀଲ କୁମାର ସାହୁ, ଅନାଦି ଚରଣ ପଣ୍ଡା, ଆଶୁତୋଷ ସାହୁ, ଯାଜପୁର ଟାଉନ ଥାନାରେ ତତ୍କାଳୀନ ଦଶରଥପୁର ତହସିଲଦାର ଏବଂ ଜିଲ୍ଲା ଭୂ-ଅର୍ଜନ ଅଧିକାରୀଙ୍କ ବିରୁଦ୍ଧରେ ଲିଖିତ ଏତଲା ଦାଏର କରିବା ସହିତ ଜିଲ୍ଲପାଳ ଅମ୍ବର କୁମାର କରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଓଡ଼ିଶାର ବିଶିଷ୍ଟ ଜନନାୟକ, ସମାଜସେବୀ ଓ
ପୂର୍ବତନ ବିଧାୟକ, ଜଟଣୀ
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟଙ୍କ
୮୨ତମ ଜନ୍ମଦିନ ଅବସରରେ ଆନ୍ତରିକ ଶୁଭେଚ୍ଛା।
ତାଙ୍କ ସେବା ମନୋବୃତି ଓ ପରୋପକାର ଆଦର୍ଶ ଆଗାମୀ ଯୁବପିଢୀ ପାଇଁ ପ୍ରେରଣାର ଉତ୍ସ ହେଉ।

ଶୁଭେଚ୍ଛା ସହ: ଇନ୍ଦୁଭୂଷଣ ଭଞ୍ଜ, ଅରୁଣାଭ ଭଞ୍ଜ ଦେଓ, ରଞ୍ଜନ କୁମାର ଭଞ୍ଜ ଦେଓ ଓ ଅଲେଖ ଲେଙ୍କା

# ପାଗଳା



ଅଞ୍ଜନ ଚାନ୍ଦ



ମଡ଼ିକାକା ସବୁବେଳେ ହସୁଥିଲେ । ସେଥିପାଇଁ ବୋଧେ ସମସ୍ତେ ତାଙ୍କୁ ପାଗଳା ବୋଲି କହୁଥିଲେ ।

ଗାଁରେ ମଡ଼ିକାକାଙ୍କର ନିଜଘର ଥିଲା । ଜମିବାଡ଼ି ଥିଲା । ତାଙ୍କ ଭାଇମାନେ ଚାଷ କରୁଥିଲେ । ପରିବାର ସହିତ ସ୍ୱଚ୍ଛଳ ଜୀବନ ଯାପନ କରୁଥିଲେ । ସେ କିନ୍ତୁ ଘରେ ନରହି ଚଇନ ଦାଦା ଘରେ ବାରମାସୀ ଭାତିଆ ହୋଇ ରହିଥିଲେ ।

ସେତେବେଳେ ଆମ ଗାଁରେ ଗୋଟିଏ ମାତ୍ର ପକ୍କାଘର ଏବଂ ସେଇଟା ଚଇନ ଦାଦାଙ୍କର । ଆଗରୁ ଜମିଦାରୀ ଥିଲା । ଏବେ ବି ଭୁଆବିଲରେ ନାଳକୂଳିଆ ଭଲ ଜମି ସବୁ ତାଙ୍କର । ଖଳା ବାଡ଼ିରେ ବଡ଼ ବଡ଼ କଳେଇଗଦା । ଧାନ ଅମାରରେ ଏତେ ଧାନ, ଗାଁ ଯାକ ସମସ୍ତେ ଖାଇଲେ ବି ସରିବନି । ଖଳାବାଡ଼ିକୁ ଲାଗି ଗୁହାଳଘର । ଗୁହାଳରେ ଗୁହାଳେ ଗୋରୁ,ଗାଈ । ସାନ ବଡ଼ ହୋଇ ପଲେ ବାଛୁରୀ । ସେତେ ବଡ଼ ଗୁହାଳ ଆଉ ଗୋରୁଗାଈ ଆମ ଅଞ୍ଚଳରେ କେଉଁଠି ନଥାଏ । ମଡ଼ିକାକା ଥିଲେ ସେଇ ଗୁହାଳ ଘରର ଅଧିକାରୀ । ସକାଳରୁ ରାତିଯାଏ କେତେ କାମରେ ଲାଗିଥା'ନ୍ତି । ଗୋରୁଗାଈଙ୍କୁ କୁଟା, କୁଣ୍ଡା, ପାଣି, ତୋରାଣି ଖୁଆଇବା, ପଡ଼ିଆକୁ ଚରାଇ ନେବା, ରୋଗ ବୈରାଗରେ ଔଷଧ, ସେବା ଶୁଶ୍ରୁଷା, ଗୁହାଳଘର ସଫା, ଆଉକାମ କରିବାକୁ ତାଙ୍କୁ ଡର ନଥାଏ । ଗୁହାଳକୁ ଲାଗିଥିବା ଅମାର ଘରର ପିଣ୍ଡାରେ ସେ ରୁହନ୍ତି । ଖଣ୍ଡେ ସପ, ତେଲଚିକିଟା ତକିଆ, ଦୁଇଟା ନାଲିରଙ୍ଗର ଖୋର୍ଦ୍ଧା ଗାମୁଛା, ଏତିକି ମାତ୍ର ସମ୍ବଳ ସହିତ ଦିନକୁ ଦୁଇ ବକ୍ତ ପଖାଳଭାତ ଖାଇ ଯିଏ ସବୁବେଳେ ହସିପାରୁଛି ସେ ଯେ ନିହାତି ଗୋଟେ ପାଗଳା ଏଥିରେ ଗାଁ ଲୋକଙ୍କର ସନ୍ଦେହ ନଥାଏ ।

ଗାଁରୁ ବାହାରିଲେ ବିଶାଳ ମଶାଣିପଦା ଓ ଗୋଚରଭୂଇଁ ନଈକୂଳକୁ ଲମ୍ବିଥାଏ । ମଡ଼ିକାକା ସବୁଦିନ ସେଠାରେ ଗୋରୁ ଗାଈଗୁଡ଼ିକକୁ ଛାଡ଼ିଦେଇ ବରଗଛ ମୂଳରେ ବସନ୍ତି । ମନକୁ ମନ କଥା ହୁଅନ୍ତି ଆଉ ହିଁ ହିଁ ହୋଇ ହସନ୍ତି । ଦିନେ ମୋତେ ପାଖକୁ ଡାକି ପଚାରିଲେ - କିରେ ଛୁଆ, ମୁହଁ ଶୁକେଇଛୁ କେନେ ?

ମୁଁ କହିଲି - କାକା, ମୋ ପାଠପଢ଼ା ବନ୍ଦ ହେଇଗଲା ।

- ବାଃ, ବଢ଼ିଆ ହେଲା । ତୁ ତ ଖାଲି ଖେଳିବୁ । ମଟର ଟାୟାର ପଛରେ ଧାଇଁବୁ ।

- ନା ନା, ମୁଁ ପଢ଼ିବି ।

- ପଢ଼, କିଏ ମନା କଲା !

- ବହି ଖାତା କିଣିବାକୁ ପଇସା ନାହିଁ ।

ମଡ଼ିକାକା ଏଣେତେଣେ ଚାହିଁ ହୁରି ଛାଡ଼ିଲା - ଏ "ଛୁଆଧରା ବାବୁ, ଏଠିକି ଟିକେ ଆସ ।"

ମଶାଣି ପାଖ ଦେଇ ଗୋଟେ ଧସରା ବାଲି ରାସ୍ତା ହାଟକୁ ପଡ଼ିଥାଏ । ସେଇ ରାସ୍ତାରେ ଯାଉଥିଲେ ଟୋଲବାଡ଼ିର କିରାଣି । ଟୋଲରେ ପଢ଼ିବାକୁ ପିଲା ହେଉ ନଥିବାରୁ ସେ ପ୍ରତିବର୍ଷ ଘର ଘର ବୁଲି ଛୁଆ ଖୋଜନ୍ତି । ସମସ୍ତେ କୁହନ୍ତି, ହେଇ ଆଇଲେ ଛୁଆଧରା ବାବୁ । ମଡ଼ିକାକାଙ୍କ ଡାକ ଶୁଣି ସେ ଆସିଲେ । ମୋତେ ସାଥିରେ ନେଇ ବାପାଙ୍କୁ ଦେଖା କଲେ । ମାଗଣା ବହି ଖାତା ସହିତ ମାସକୁ ଦଶଟଙ୍କା ବୃତ୍ତି ମିଳିବ ଶୁଣି ବାପା ତାଙ୍କ କଥାରେ ରାଜି ହୋଇଗଲେ ।

ଯେ କି ଯୁଗ ହେଲାରେ ! ଶୁଦ୍ରର ଘର ଛୁଆ ସଂସ୍କୃତ ପଢ଼ିବ ! ବଡ଼ ହେଇ କିସ ମନ୍ଦିରରେ ପୂଜାପାଠ କରିବ !

ମୋ' ମନ ପୁଣି ଖରାପ ହୋଇଗଲା । ବରଗଛ ମୂଳରେ ମଡ଼ିକାକାଙ୍କୁ ପଚାରିଲି - ସଂସ୍କୃତ ପଢ଼ି କି କାମ କରିବି ?

ସେ କହିଲେ - ପାଠ ପଢ଼ିବୁ, ଶିଖିବୁ । କିସ କରିବୁ ଭାବୁଚୁ କେନେ ?

ମୁଁ ସଂସ୍କୃତ ପଢ଼ିଲି । ଟୋଲ ପାଠ ସାରି କଲେଜ, ତାପରେ ୟୁନିଭର୍ସିଟିରେ ଆଚାର୍ଯ୍ୟ ପାସ କଲି । ସହରରେ ଗୋଟେ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲି । ଛୁଟିରେ ଗାଁକୁ ଆସିଲି । ଦେଖିଲି ଏଇ ସମୟ ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି । ମଶାଣିଭୂଇଁ ଓ ଗୋଚର ଜାଗାରୁ ଅଧାଅଧି ସରକାର ଓ ସାଧାରଣ ଲୋକ ମାଡ଼ି ବସିଛନ୍ତି । ଗୋଟେ ଇଲେକ୍ଟ୍ରି ଷ୍ଟ୍ରକ୍ଚର, ପୋଲିସ୍ ଫାଣ୍ଡି, ପାଣିଟାଙ୍କି ଓ ପମ୍ପ ହାଉସ୍ । ରାତିରେ ଉଜ୍ଜ୍ୱଳ ବିଜୁଳିବତିରେ ଝଙ୍କା ବରଗଛଗୁଡ଼ିକ ସେମାନଙ୍କ ଅନ୍ଧାରି ରହସ୍ୟ ହରାଇ ବସିଛନ୍ତି । ଧସରା ବାଲିରାସ୍ତା ଏବେ ପିଚୁ ସଡ଼କ । ଛକ ଜାଗାରେ ଦୋକାନ ବଜାର । ମୋ ବାଲିବନ୍ତ ମଫସଲ ଗାଁଟି ଏବେ କୁନି ସହର ହୋଇଯାଇଛି ।

ବରଗଛ ମୂଳରେ ମଡ଼ିକାକା ଆଉ ତାଙ୍କର ଗୋରୁଗୋଠକୁ ଦେଖିଲି ନାହିଁ ।

ବୋଉ କହିଲା- "ସେ ଆଉ ନାହିଁରେ । ବଞ୍ଚିଥିବାବେଳେ ଯେମିତି ହସୁଥିଲା, ସେମିତି ହସହସ ମୁହଁରେ ମରି ଯାଇଛି । ମରିବା ଦିନ ରାତିରେ ଯେଉଁ କାମଟି କରିଯାଇଛି ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବୁ ।"

- କ'ଣ ?

- ଭଲମନ୍ଦରେ ଚଇନ ତାକୁ ଖର୍ଚ୍ଚ କରିବାକୁ ଯେଉଁ ଟଙ୍କା ଦେଉଥିଲା ସେ ତାକୁ ସବୁ ସଞ୍ଚି ରଖିଥିଲା । ଗୋଟିଏ ନାଲି କନାରେ ବାନ୍ଧି ମୁଣ୍ଡତଳେ ରଖି ଶୋଉଥିଲା । ସେ ମରିଯିବା ପରେ ସେଇଟା ମିଳିଲା । ତା' ଭିତରେ ଖଣ୍ଡେ କାଗଜରେ ଅଙ୍କାବଙ୍କା ଅକ୍ଷରରେ ଲେଖିଥିଲା – ସ୍କୁଲ ପିଲାଙ୍କ ପାଇଁ ରଖିଛି ।

- କେତେ ଟଙ୍କା ଥିଲା ?

- ମୁଁ ଜାଣିନି । ସ୍କୁଲ ଆଗରେ ପିଲାଙ୍କ ପାଇଁ ଯେଉଁ ଖେଳ ବଗିଚା ଅଛି, ସେଇଟା ସେଇ ଟଙ୍କାରେ ତିଆରି ହୋଇଛି ।

ମୋ' ଆଖିଆଗରେ ମଡ଼ିକାକାଙ୍କ ହସହସ ମୁହଁଟି ସ୍ପଷ୍ଟ ଦିଶିଲା । ଯିଏ ଗୋଟେ ଛୋଟ ବାକ୍ୟରେ ମୋ' ଭାଗ୍ୟ ବଦଳାଇ ଦେଇଥିଲେ । ଘର ପରିବାର ନଥାଇ ବି ଗାଁଯାକର ପିଲାଙ୍କ ଖୁସି ପାଇଁ ଟଙ୍କା ସଞ୍ଚୁଥିଲେ । ବଳଦ ପରି ନିରବରେ ଖଟୁଥିଲେ ଅଥଚ ଉଦାସ ନହୋଇ ଅନାବିଳ ହସଟିଏ ସବୁବେଳେ ମୁହଁରେ ଧରିରଖିଥିଲେ ।


ମଡ଼ିକାକା ସତରେ ପାଗଳା ଥିଲେ । ■

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

# ପୁସ୍ତକ ପରିଚୟ

## ଚିତ୍ରମୟ ପିଲାଦିନ

### ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର



ବନଫୁଲ
ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭୫୧୦୧୩
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୦ ଟଙ୍କା

ପିଲାଦିନର ସ୍ମୃତି ଅପାସୋରା । ଗାଁର ମନୋରମ ପ୍ରାକୃତିକ ପରିବେଶ, ପର୍ବପର୍ବାଣିର ଆନନ୍ଦ, ସାଙ୍ଗସାଥୀଙ୍କ ନିଷ୍କପଟ ଭଲ ପାଇବା କୈଶୋର କାଳକୁ କରିଦିଏ ମଧୁମୟ । ଏଭଳି ନିଜର ପିଲାଦିନର ସ୍ମୃତିକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର 'ଚିତ୍ରମୟ ପିଲାଦିନ' ପୁସ୍ତକରେ । ବାଲେଶ୍ୱର ଜିଲ୍ଲାର ସମୁଦ୍ରକୂଳବର୍ତ୍ତୀ ଗାଁ ଜଗାଇ ଲେଖିକାଙ୍କ ଜନ୍ମଭୂମି । ଜନ୍ମମାଟିର ବାସ୍ନା ଏବେ ମଧ ତାଙ୍କୁ ଭାବବିଭୋର କରେ । ଗ୍ରାମ୍ୟ ପରିବେଶ, ସରଳ ଗ୍ରାମ୍ୟ ମଣିଷ, ପରିବାର, ସାଙ୍ଗସାଥୀଙ୍କ ଅକପଟ ଭଲ ପାଇବା, ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ଅତି ହୃଦୟସ୍ପର୍ଶୀ ଭାବେ ସେ ଏହି ପୁସ୍ତକରେ ଲିପିବଦ୍ଧ କରିଛନ୍ତି । 'ଚିତ୍ରମୟ ପିଲାଦିନ', 'ପିଲାଦିନ, ଲତାଗିରି ବନଗିରି', 'ପୋଖରୀ ଆଡ଼ିରେ ଗଇଶ ଫୁଲର ଘର', 'କ୍ଷୀରପା ସହ ଯାତ୍ରା ଦେଖା', 'ଶୈଶବର ସୁଗନ୍ଧ ଭିତରେ ଅପାସୋରା ମାମୁଁ ଘର ଗାଁ', 'ମକର ସଂକ୍ରାନ୍ତି ମେଳା ଏବଂ କ୍ଷୀରପା', 'ସ୍ମୃତିର ସିନ୍ଦୂର ଭିତରେ', 'ମୋର ପ୍ରଥମ ଗୀତ ଶିଖିବାର ଦିନ', 'ପ୍ରିୟ ବାନ୍ଧବୀ ସାଳନ୍ଦୀ' ଆଦି ଲେଖାଗୁଡ଼ିକରେ ଲେଖିକା ପିଲାଦିନର ମଧୁର ସ୍ମୃତିଚାରଣ କରିଛନ୍ତି । ମାମୁଁ ଘର ଗାଁ, ସାଳନ୍ଦୀ ନଦୀ, ପୋଖରୀ ପାଣିରେ କଇଁଫୁଲ ତୋଳିବାର ମଜା, ଗଇଶ ଫୁଲର ସୌନ୍ଦର୍ଯ୍ୟ, ଅଜଣା ପକ୍ଷୀଙ୍କ କଳରବ ପିଲାଦିନେ ଲେଖିକାଙ୍କୁ ତନ୍ମୟ କରିଥିଲା । 'ଚିତ୍ରମୟ ପିଲାଦିନ' ପୁସ୍ତକଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ପବନର ଦେହ

### ସେନାପତି ପ୍ରଦ୍ୟୁମ୍ନକେଶରୀ




ଟାଇମ୍ ପାସ୍
ନୀଳକଣ୍ଠ ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର-୭୫୧୦୦୩
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୯୫ ଟଙ୍କା

'ପ୍ରେମର କ୍ଷେତବାଡ଼ି/ ସମ୍ପର୍କର ହାଣ୍ଡିଠେକି/ ବିଶ୍ୱାସର ଘରଡିହ/ ଭରସାର କୂଅମୂଳ/ ଏସବୁ ଭିତରେ ବୋଉ ସୁଖ ପାଏ ।' (ବୋଉର ଖାଲି ବିଛଣା) ଅତୁଳନୀୟ ମା'ର ତ୍ୟାଗ ଓ ତିତିକ୍ଷା । ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣା ଭିତରେ ମଧ ସେ ପାଏ ଅପାର ସୁଖ । ଜୀବନକୁ ତିଳ ତିଳ କରି ଜାଳି ଦେବାରେ ହିଁ ତା'ର ଆନନ୍ଦ । ଏହି ମାନବୀୟ ଭାବାବେଗ ଫୁଟି ଉଠିଛି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ପବନର ଦେହ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ପଇଁଚାଳିଶଟି ମନଛୁଆଁ କବିତା ସଂକଳିତ ହୋଇଛି । କବି କେଉଁଠି ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର ହୋଇଉଠିଛନ୍ତି, ପୁଣି କେଉଁଠି ମଣିଷର ଦୁଃଖ, ଯନ୍ତ୍ରଣାରେ ବିଳପି ଉଠିଛି ତାଙ୍କ ହୃଦୟ । ଆଉ କେବେ ଜୀବନବାଦର ସଙ୍ଗୀତ ଗାନ କରିଛନ୍ତି ସେ ତଲ୍ଲୀନ ହୋଇ । ଏହି ପୁସ୍ତକର 'ବର୍ଷାରାତିରେ', 'ଆକାଶ ପୂଜା', 'ପଦ୍ମତୋଳା', 'ବୁଢ଼ାର ଲାଠି', 'ନିର୍ବୋଧ ଦର୍ପଣ', 'ନଗଡ଼ା କଥା', 'କାଳ ଅକାଳ', 'ସେଇ ଚାଦରଖଣ୍ଡକ', 'ବୋଉର ଖାଲି ବିଛଣା', 'କାଲି ରାତିର ଅନ୍ଧାର', 'ଅଭିନ୍ନ ଛାଇ', 'ବର୍ଷା ଋତୁରେ ନଈ', 'ଯେଉଁଠି ସରିଯାଏ ସମ୍ବାଦ', 'ଅଚିହ୍ନା ପ୍ରାଣୀ', 'ଦୀପ ଜଳିଲେ', 'ଘର' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ ଓ ସମ୍ମୋହନ ସ୍ୱତନ୍ତ୍ର । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍

### ସତ୍ୟବ୍ରତ ପାତ୍ର




ଧାରା ଶ୍ରୀରାଧା ଟ୍ରଷ୍ଟ
ମାତୃ ବିହାର, ରଘୁନାଥପୁର
ଭୁବନେଶ୍ୱର-୭୫୧୦୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୭୫ ଟଙ୍କା

ଶିଶୁମାନଙ୍କ ଭବିଷ୍ୟତ ଗଠନ କରିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଲ୍ୟ ସମୟରୁ ଯଦି ଉପଯୁକ୍ତ ପରାମର୍ଶ ଦିଆଯାଏ, ତେବେ ଭବିଷ୍ୟତରେ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ । ଶିଶୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବା ଉଚିତ, ତାହା ପ୍ରକାଶ ପାଇଛି ସତ୍ୟବ୍ରତ ପାତ୍ରଙ୍କ 'ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍' ପୁସ୍ତକରେ । ଇଂରାଜୀ ଭାଷାରେ ରଚିତ ଏହି ପୁସ୍ତକରେ ଶିଶୁମାନଙ୍କ ବ୍ୟବହାର, ଚରିତ୍ର ଗଠନ, ଶିକ୍ଷା, ଯୌନ ଶିକ୍ଷା ପ୍ରଦାନର ଆବଶ୍ୟକତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ବ୍ୟକ୍ତି ଚରିତ୍ର ଉପରେ ସର୍ବାଧିକ ପ୍ରଭାବ ପକାଇଥାଏ ବାଲ୍ୟ ବୟସ । ଉପଯୁକ୍ତ ବାତାବରଣ ନ ପାଇଲେ ଶିଶୁମାନଙ୍କର ସଂପୂର୍ଣ୍ଣ ବିକାଶ ହୋଇପାରେ ନାହିଁ । ବାଲ୍ୟ ସମୟରୁ ପିଲାର ସମସ୍ତ ଯତ୍ନ ନେବା ସହ ତା'ର ଆଧ୍ୟାତ୍ମିକ ବିକାଶ ଦିଗରେ କିପରି ପିତାମାତା ପଦକ୍ଷେପ ନେବା ଆବଶ୍ୟକ ତା' ଉପରେ ପୁସ୍ତକଟି ପର୍ଯ୍ୟବସିତ । ଦୋଷଗୁଣକୁ ସମାଲୋଚନା ନ କରି ସନ୍ତାନମାନଙ୍କ ଭିତରେ ଥିବା ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଦେଖିବା ପାଇଁ ଲେଖକ ପରାମର୍ଶ ଦେଇଛନ୍ତି । ସତପଥରେ ପରିଚାଳିତ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦିଆଯିବା ଆବଶ୍ୟକ । ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ବର୍ଷା

ଇନ୍ଦିରା ଦାଶ



ଅରଣ୍ୟର ସୀମା ଡେଇଁ
ପର୍ବତର ଚୂଳ ଛୁଇଁ
ଝରି ପଡ଼ ଝରଝର ହୋଇ
ଆକାଶର ଆଚ୍ଛନ୍ନ ସୀମାନ୍ତେ ।

ବଳାକାର ରୂପ ନେଇ
ଭାସି ଚାଲ ଚାରି ମେଘ ହୋଇ
ପକ୍ଷୀର ଆର୍ଦ୍ର ଡେଣାରୁ ସ୍ନେହର
ସନ୍ତକ ହୋଇ ମାଟି ଅଗଣାକୁ ।

କଳା ବଉଦର ଶାଢ଼ି ପିନ୍ଧି
କାଦମ୍ବରୀ ପିଆଲା ଧରି
ଗଭାରେ କଦମ୍ବ ଖୋସି ବିସ୍ତରି ଯାଅ
ଚେତନାର ମୃଣ୍ମୟୀ ସଂଜରେ ।

ପୂର୍ଣ୍ଣଗର୍ଭା କରିବାକୁ
ଶୃଙ୍ଖଳା ନଈକୁ, ମିଶି ଯାଅ
ଅମୁହାଁ ମୁହାଣର ନିର୍ଜନ ସୈକତର
ଅନ୍ଧାରି ଛାତିରେ ।

ଧୂ ଧୂ ନିଦାଘ କ୍ଷେତରେ
ରଚିଦିଅ ସବୁଜ ଶୃଙ୍ଗାର
ତୃପ୍ତ କର ଦେହ ମନ, ପ୍ରାଣ
ନିଖିଳ ନିଃସର୍ଗ ।

ବର୍ଷା କ'ଣ ଏକ ସମ୍ମୋହନ
ସମ୍ଭୋଗର ଋତୁ
ମିଳନର ଅପେକ୍ଷାରେ
ବଂଶୀର ବିଳାପ
ଅବା ଯନ୍ତ୍ରଣାର ଆଦିମ ରୂପକ
ଦୁଃଖକୁ ଭୋଗି ଭୋଗି
ଲୁହ ପିଇ ଯାଇ ଥିବା ଦୁଇ ଓଠ ।

ରହସ୍ୟମୟୀ ନାରୀ ଭଳି
ପ୍ରେମ ଦିଅ, ଶକ୍ତି ଦିଅ
ଧ୍ୱଂସର ଆବର୍ତ୍ତ ଭିତରୁ ଶୁଣାଅ
ସର୍ଜନାର ଗୋପନ ସଂକଳ୍ପ । ■



ଅନୁଗୋଳ ବଜାର, ଅନୁଗୋଳ

# ଅଜଣା ପକ୍ଷୀ

ତ୍ରିନାଥ ସିଂହ



ନିଘୋଡ଼ ରାତିରେ ଆଚ୍କା ଭାଙ୍ଗିଯାଏ
ନିଦ ।

ମନେହୁଏ ଯେମିତି
ଏବେ ଏବେ କେହିଜଣେ ଏଇଠି ଥିଲା
ଓ ଛୁଇଁଦେଲା ଖୁବ୍ ସନ୍ତର୍ପଣରେ ମୋର ନିଦ୍ରିତ ଦେହ ।

ରାତ୍ରୀର ନୀରବତାକୁ ଆଡ଼େଇ
ଝର୍କା ସେପାଖର କୋଉ ଗଛଡହାଳରୁ
ରହି ରହି ଶୁଭିବ ଗୋଟେ ଅଜଣା ପକ୍ଷୀର ଉଚ୍ଛନ୍ନ ରାବ
ଧୀରେ ଧୀରେ ଯାହା ମୋହାଚ୍ଛନ୍ନ କରିଦେବ ମତେ
ଓ କ୍ରମଶଃ ଶୁଭିବ ମୋର ନାଆଁ ଭଳି...

ଯେମିତି ନିହାତି ଚିହ୍ନାଜଣା କେହିଜଣେ
ମତେ ଡାକପାରୁଛି ଥରକୁ ଥର ।

ସେଇ ଆଚ୍ଛନ୍ନତା ଭିତରେ ହିଁ ମୁଁ ଉଠିବସିବି
କର୍ତ୍ତୃତ୍ୱହୀନ
ଓ କେହିଜଣେ ବଶୀଭୂତ କରିନେଉଥିବା ପରି
ବାହାରି ଆସିବି ବାହାରକୁ ।

ଖଇ ବୁଣିଯିବା ପରି ଚିତ୍ରିତ ଆକାଶରେ ଏଣେତେଣେ ଜିକ୍‌ଜିକ୍ କରୁଥିବା
ଓ ନିଜ ଭିତରେ ନିଜେ ଜଳୁଥିବା ତାରାମାନେ
ନିର୍ବାକ କାନେଇଥିବେ ପକ୍ଷୀକୁ...

ଯାହା ସେତେବେଳ ଯାଏଁ
ଅଭିମନ୍ତ୍ରିତ କରିସାରିଥିବ ନିରୀହ ନୀରବତାକୁ ଆଖପାଖର ।

ରାତିର ଅନ୍ଧାରରେ ଉତ୍ତରପାଖର ପାହାଡ଼
ଯାହା ଅତ୍ୟତ ବୃଦ୍ଧ, ଜୀର୍ଣ୍ଣଶୀର୍ଣ୍ଣ ଓ ଏବକୁ ଲୋପପାଇ ଯାଇଥିବା
କୋଉ ପ୍ରାଗୈତିହାସିକ ଜୀବଜନ୍ତୁଙ୍କ କଙ୍କାଳ ପରି ପ୍ରତେ ହେଉଥିବ...

ପକ୍ଷୀର ପ୍ରତି ଡାକର ବ୍ୟବଧାନରେ
ବାରିହେଇ ପଡୁଥିବା ତା'ର କୁନ୍ଥାଣୀ ଓ ଭଙ୍ଗାଭଙ୍ଗା ଛାଇ
ବେଳୁବେଳ ଆହୁରି କ୍ଷୀଣ ଓ ଦୁର୍ବଳ ଲାଗୁଥିବ ।

ମୋ' ନାଆଁ ଭଳି
ଓ ନିହାତି ଚିହ୍ନାଜଣା ଲୋକର ସ୍ୱର ପରି ଶୁଭୁଥିବା
ପକ୍ଷୀର ଡାକ
ଆଉ ଗଛ ଡହାଳରୁ ଶୁଭିବନି ଏଥର...
ଗୁମୁରି ଗୁମୁରି ଆସୁଥିବ
କୋଉ ଯୋଜନ ଯୋଜନ ବର୍ଷ ଦୂର
ଗୋଟେ ସଂକୀର୍ଣ୍ଣ ଓ ଆବଦ୍ଧ ଗମ୍ଭୀରା ଭିତରୁ
ଡେଇଁଡାଇଁ ଅରମା, ବଣ, ପାହାଡ଼, ଶ୍ମଶାନ ଓ ଜନ୍ମଜନ୍ମାନ୍ତର ।

ଅଚାନକ ମୁକୁଳି ଆସିବା ବେଳକୁ
ସେଇ ଅତିନ୍ଦ୍ରୀୟ ଆଲୋକର ନିଗୂଢ଼ ଆଚ୍ଛାଦନରୁ,
ମୁଁ ଚମତ୍କୃତ ହେଇଯିବି...
ଯେତେବେଳେ ମୁଁ ଅନୁଭବ କରିବି ଯେ'
ସେଇ ଅଜଣା ପକ୍ଷୀର କୁହାଟ
ମୋ'ରି ନିକଟରୁ ହିଁ ଶୁଭୁଛି କୋଉଠୁ...
ହୁଏତ ମୋ'ରି ଭିତରୁ..!! ■

ଭବିଷ୍ୟନିଧି କାର୍ଯ୍ୟାଳୟ
ପାନପୋଷ ମାର୍ଗ, ରାଉରକେଲା - ୭୬୯୦୧୨
ମୋ: ୮୮୯୫୦୯୯୪୬୪

# ମୁଁ ତ ଅମୃତ ସାଗର ବିନ୍ଦୁ ...

ପ୍ରଦୀପ୍ତ ଶ୍ରୀଚନ୍ଦନ



ଏ ମାଟିର ମହାକବି ଗଙ୍ଗାଜୀବ ଗଙ୍ଗାଧର ସାରସ୍ୱତ ସାଧନା ଆଉ ଉପାସନା ସହ ଶବ୍ଦ ଶବ୍ଦ ମଧ୍ୟରେ ନିର୍ମାଣ କରିଛନ୍ତି ଶବ୍ଦମୟ ଜଗତ । ତାଙ୍କ କାବ୍ୟକୃତି ପାଠକର ଚେତନାକୁ, ଭକ୍ତି ଭାବନା ଓ ଜୀବନ ଦର୍ଶନକୁ, ମାନବିକ ଓ ସାମାଜିକ ମୂଲ୍ୟବୋଧକୁ ରଞ୍ଜିତ ତଥା ଉଦ୍‌ବେଳିତ କରି ପାରିଛି । ପୁନଶ୍ଚ ଏହି ମହାନ୍ ଋଷିକବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଶିଳ୍ପ ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ତେଣୁ ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଓ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ । ସେଇଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର କବି ଗଙ୍ଗାଧର ପ୍ରବନ୍ଧର ଆରମ୍ଭରେ ଲେଖିଛନ୍ତି, "ସାହିତ୍ୟରେ କବିତାର ସ୍ଥାନ ଓ ସମାଜରେ କବିର ସ୍ଥାନ ବିଷୟରେ ଧାରଣା କ୍ରମଶଃ ବଦଳି ଯାଉଛି । ସାହିତ୍ୟ କ୍ଷେତ୍ରରେ ଏକଦା କବିତାର ସ୍ଥାନ ଥିଲା ସର୍ବଶ୍ରେଷ୍ଠ । ସେହିପରି ସମାଜରେ କବି ଥିଲେ ସର୍ବଶ୍ରେଷ୍ଠ ବ୍ୟକ୍ତି । ଐଶୀଶକ୍ତି ବିନା କବି ହେବା ଅସମ୍ଭବ ବୋଲି ଏକ ସମୟରେ ବିଶ୍ୱାସ ଥିଲା । କବି କହିଲେ ସିଦ୍ଧପୁରୁଷ ବୋଲି ବୁଝାଉଥିଲା । ସାଧନା କରି ଯେଉଁ ସମୟରେ କବିର ପ୍ରତିଷ୍ଠା ଅତି ଅଳ୍ପ ଲୋକେ ଲାଭ କରୁଥିଲେ, ସେତେବେଳେ କବି ଜଣେ ଦାର୍ଶନିକ, ଜଣେ ସମାଜ ବିଧାୟକ, ଜଣେ ଦୂରଦର୍ଶୀ ଓ ଜଣେ ଈଶ୍ୱରଙ୍କର ନିକଟତମ ବ୍ୟକ୍ତି ବୋଲି ସମାଜ ବିଚାରୁ ଥିଲା" । ତେଣୁ ଡକ୍ଟର ମହତାବଙ୍କ ବିଚାରରେ ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ସେହି ଅର୍ଥବୋଧର କବି । ସ୍ୱଚ୍ଛ ହୃଦୟ, ସ୍ୱଚ୍ଛଳ ଭାବାବେଶ, ଭାଷା ଉପରେ ଭାବର ପ୍ରାଧାନ୍ୟ ଓ ସର୍ବୋପରି ଈଶ୍ୱରାଭିମୁଖୀନତା ଏହା ହିଁ ଗଙ୍ଗାଧରଙ୍କର କାବ୍ୟ-କବିତାରେ ପରିସ୍ଫୁଟ ଆଉ ସେଇଥିପାଇଁ ସେ ସମାଜର ସର୍ବଶ୍ରେଷ୍ଠ ବ୍ୟକ୍ତି – କବି ।

ଗଙ୍ଗାଧରଙ୍କର ଏ ଅନନ୍ୟ ପ୍ରତିଭା ଖାଲି ସ୍ୱଭାବଜାତ ନୁହେଁ, ଜୀବନ ଓ ପ୍ରକୃତିର ଗଭୀର ଅନୁଶୀଳନ, ଅଧ୍ୟବସାୟ ଓ ଅଧ୍ୟୟନ ଯୋଗୁଁ ତାହା ଯେତିକି ପରିମାର୍ଜିତ ଆଉ ସ୍ୱଚ୍ଛ ସେତିକି ସଂଯତ ହୋଇ ତାଙ୍କୁ ଆମର ସାଂସ୍କୃତିକ ପ୍ରତୀକ ଭାବରେ ମର୍ଯ୍ୟାଦା ପ୍ରଦାନ କରିଛି । କବି-ରାଧାନାଥଙ୍କ ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସର୍ବାଧିକ ପ୍ରତିଭାଶାଳୀ କବି କେବଳ ନୁହନ୍ତି, ତାଙ୍କର ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ମଧ୍ୟ ଜନସାଧାରଣରେ ସର୍ବାଧିକ ଆଦୃତ । ସେ ସଂଖ୍ୟାଧିକ ସାଧାରଣ ଜନତାଙ୍କ ଅନ୍ତଃସ୍ୱରବାହୀ ସାହିତ୍ୟ ସାଧକ । ଋଷିପ୍ରାଣ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱର ମୂଳଦୁଆ, ତାଙ୍କ ବଞ୍ଚିବାର ଅସଲ ଆଧାର ଈଶ୍ୱର ସମର୍ପିତ ଜୀବନଧାରଣ ଯାହା ଏ ଭୂଖଣ୍ଡର ଅଗଣିତ ଜନତାଙ୍କ ପାଇଁ ସଦୈବ ଜୀବନର ମୂଳଧାର । କବି ମେହେର ବାଲ୍ୟକାଳରୁ ଥିଲେ ଈଶ୍ୱରବିଶ୍ୱାସୀ । ମାନବ ଜୀବନର ଶାଶ୍ୱତ ଅଭିଳାଷ ଭଗବତ୍ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ କବି ବିଶ୍ୱର ବିଚିତ୍ର ଲୀଳାକୁ ଅନୁଧ୍ୟାନ କରିଛନ୍ତି । ସନାତନ ଆର୍ଯ୍ୟବାଣୀ ତାଙ୍କ ପ୍ରାଣରେ ତୋଳିଥିଲା ସାତ୍ତ୍ୱିକ ମୂର୍ଚ୍ଛନା । ସୁଖ ଦୁଃଖର ସଂସାର ବନ୍ଧନରେ ବାନ୍ଧି ହୋଇବି ସେ ଈଶ୍ୱରଙ୍କ ଆଶୀର୍ବାଦକୁ ସଦାସର୍ବଦା ସ୍ମରଣ କରିଛନ୍ତି । ପାପତାପରେ ସନ୍ତୁଳିତ ମଣିଷର ବିଭୁକୃପା ବିନା ଅନ୍ୟ ଗତି ବା କାହିଁ? ସାଂସାରିକ ଜଞ୍ଜାଳ, ଦୁଃଖ, ବ୍ୟଥା ଆଦିକୁ ଅତିକ୍ରମ କରି ସେଇ ପରମ କାରୁଣିକଙ୍କର ପାଦରେ ଶରଣ ପଶି କରୁଣା ଭିକ୍ଷା କଲେ ଆତ୍ମଲାଭର ଆନନ୍ଦ ମିଳେ । ତେଣୁ ସେ ଲେଖିଲେ, "ମନ ଭ୍ରମୁଛୁ କାହିଁକିରେ ନିଜ ଧନେ କରି ହେଳା ।" କବିଙ୍କର କାବ୍ୟ କବିତାର ଅନ୍ୟ ଏକ ଦୃଷ୍ଟିଭଙ୍ଗୀ ହେଉଛି ନୀତିକଥା । ମାନବର କର୍ମର ଉଚିତ୍ ଅନୁଚିତ ବିଚାର କରିବା ନୀତିଶାସ୍ତ୍ରର ଲକ୍ଷ୍ୟ । ଏହି ଦୃଷ୍ଟିକୋଣରୁ ତର୍ଜମା କଲେ କବି ଅତ୍ୟନ୍ତ ସରଳ ଓ ପ୍ରାଣସ୍ପର୍ଶୀ ଢଙ୍ଗରେ ଜୀବନରେ କର୍ମ ଆଉ ପରମ୍ପରାର ନିୟନ୍ତ୍ରଣ ନିମନ୍ତେ ପାଠକ ସମ୍ମୁଖରେ ନୀତିବଚନ ବାଢ଼ି ବସିଛନ୍ତି । ଯେମିତି ତାଙ୍କ ରଚିତ କବିତା 'ମହିମା' । କବିଙ୍କର ସାହିତ୍ୟ ଶିଳ୍ପ, ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଆଉ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ ।

'ମଧୁବାତା ଋତାୟନ୍ତେ, ମଧୁକ୍ଷରନ୍ତି ସିନ୍ଧବଃ'- ଏହି ବେଦବାଣୀରେ ଉଦ୍‌ବୁଦ୍ଧ ହୋଇ କବି ଏ ସୃଷ୍ଟିକୁ ମଧୁମୟ ଆଉ ନିଜକୁ ଅମୃତସାଗରର ବିନ୍ଦୁ ଭାବରେ ଚିତ୍ରଣ କରିଛନ୍ତି । ସେଇଥିପାଇଁ ଅମୃତମୟ କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ପ୍ରକୃତିର ତମୋମୟ ଓ ରଜୋମୟ ରୂପ ଶାନ୍ତପୂତ, ସତ୍ତ୍ୱମୟ ରୂପରେ ପୂର୍ଣ୍ଣତା ଲାଭ କରିଛି । ଏ ସମଗ୍ର ବିଶ୍ୱ ମଧୁମୟ । ସେହି ମଧୁମୟ ଭୂମାର ସୃଷ୍ଟି ଅତୀବ ବିଚିତ୍ର । ସୂର୍ଯ୍ୟ ଚନ୍ଦ୍ର, ଗ୍ରହ, ତାରା, ଅଚଳ, ଅନୀଳ, କୋଇଲିର କୁହୁତାନ-ସର୍ବତ୍ର ସେହି ମହିମାମୟ, ମଧୁମୟଙ୍କର ଆବାସସ୍ଥଳୀ । ପୁଷ୍ପିତ କାନନ, ଶିଶୁର ମୁଖମଣ୍ଡଳ, ନଦୀ, ଝରଣା, ତଡ଼ାପ, ସମୁଦ୍ର-ସବୁରି ମଧ୍ୟରେ ସେଇ ମଧୁମୟଙ୍କର ସାଧୁ ସତ୍ତା କବିଙ୍କର କବିତାରେ ଉପଲବ୍ଧ ।

କବିଙ୍କ ରଚିତ କବିତାଗୁଡ଼ିକରେ ସେ କାଳରେ ଘଟି ଯାଉଥିବା ମୁଖ୍ୟ ଘଟଣାଗୁଡ଼ିକର ପ୍ରତିଫଳନ ଅତ୍ୟନ୍ତ ସ୍ପଷ୍ଟ । ତେଣୁ ସମୟ ସ୍ପନ୍ଦନ ସହିତ ଆଶା, ଆଶଙ୍କା ଆଉ ସୁଖ ଦୁଃଖର ପ୍ରତିବିମ୍ବ ବହନ କରି ଏମାନେ ମେହେରଙ୍କ ସ୍ପନ୍ଦନଶୀଳ ଅନ୍ତରର ସୂଚକ ହେବା ସହିତ ସମକାଳୀନ ଯୁଗ ଚେତନା ଓ ଯୁଗ ଯନ୍ତ୍ରଣାର ବାର୍ତ୍ତାବହ ରୂପେ ଇତିହାସର ଧାରା ଦର୍ଶାଇବାରେ ସହାୟକ ହୋଇଛନ୍ତି । ତେଣୁ ଗବେଷକମାନଙ୍କ ମତରେ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ପରମ୍ପରା ଓ ଆଧୁନିକତାର, ଗତାନୁଗତିକତା ଓ ମୌଳିକ ଚିନ୍ତନ ଶକ୍ତିର, ପରିଶୁଦ୍ଧ ଆଦର୍ଶ ଓ ଗ୍ରାମୀଣ ବାସ୍ତବତାର, ସଚେତନ ଶିଳ୍ପୀତ୍ୱ ଓ ଭାବପ୍ରବଣ କବିତ୍ୱର, ବିନମ୍ର ମାନବ ଓ ଅକୁତୋଭୟ ଆଦର୍ଶ ଋଷିଗତିକର ସଂହତ ଚାରିତ୍ରିକ ବୈଶିଷ୍ଟ୍ୟର ପ୍ରାକୃତିକ ସମାବେଶ । ଏଇଥିରେ ହିଁ ନିହିତ ତାଙ୍କର ଜନପ୍ରିୟତା ଆଉ ଅମରତ୍ୱର ଅସଲ ରହସ୍ୟ । ତେଣୁ ଡକ୍ଟର ମହତାବଙ୍କ ଭାଷାରେ- "ଗଙ୍ଗାଧର ସାହିତ୍ୟର ସମାଲୋଚନା ନାନା ଦିଗରୁ ନାନା ପଣ୍ଡିତମାନେ କରିଲେଣି, କରୁଛନ୍ତି, କରିବେ ମଧ୍ୟ । ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟ ପ୍ରତି ଧାରଣା ମଧ୍ୟ ପରିବର୍ତ୍ତିତ ହୋଇଯିବ । କିନ୍ତୁ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ, ଯାହା ତାଙ୍କର ସାହିତ୍ୟରେ ଫୁଟି ଉଠିଛି, ତାହାହିଁ ରହିଯିବ ଚିରକାଳ ପ୍ରତ୍ୟେକ ଲେଖକର ଅନୁକରଣୀୟ ଆଦର୍ଶ ହୋଇ ।" ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାର ଭାରତୀ
ପଟିଆ, ଭୁବନେଶ୍ୱର



# ‘ସୁଭଦ୍ରା’ର ତୃତୀୟ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ




ଜୟପୁର, ୯।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜୟପୁରଠାରେ ‘ସୁଭଦ୍ରା’ ଯୋଜନାର ତୃତୀୟ କିସ୍ତି ତଥା ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ବାଙ୍କବିଜସ୍ଥିତ ରେଲଷ୍ଟେସନ୍ ନିକଟସ୍ଥ ପଡ଼ିଆରେ ଆୟୋଜିତ ଏକ

- ■ ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର ବନ୍ଦେ ଭାରତ
- ■ ୭୬୨ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ସଭାରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୧ କୋଟି ମହିଳାମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଅର୍ଥ ସିଧାସଳଖ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ‘ସୁଭଦ୍ରା’ ସହାୟତା ପ୍ରଦାନ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି ହେବ। ପରିବାରର ଆର୍ଥିକ ଶକ୍ତି ବୃଦ୍ଧିରେ ମଧ୍ୟ ଏହା ସହାୟକ ହେବ।

ଆଜି ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟପୁର ବିମାନବନ୍ଦରରେ ପହଞ୍ଚିଥିଲେ। ପ୍ରଥମେ ସେ ସ୍ଥାନୀୟ ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରକ୍ଷାବନ୍ଧନ ପୂଜାର୍ଚ୍ଚନା ଏବଂ ଗୋ-ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ଶ୍ରୀରାମ ନଗରରେ ପାର୍କଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେ ବାଙ୍କବିଜସ୍ଥିତ ରେଳଷ୍ଟେସନ ନିକଟସ୍ଥ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସହ ସୁଭଦ୍ରା ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ସେହିପରି, ଜିଲ୍ଲାରେ ୪୫୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ଜୟପୁର-ଭୁବନେଶ୍ୱର ମଧ୍ୟରେ ବନ୍ଦେଭାରତ ଟ୍ରେନ୍‌ର ଅତିଶୀଘ୍ର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇ ଚଳାଚଳ ବ୍ୟବସ୍ଥା, ସ୍ଥାନୀୟ ସେବା ପେପର୍ ମିଲ ପୁନର୍ବାର ଚାଲୁ ଏବଂ ଜୟପୁରଠାରେ ଏକ ନୂତନ ମହାବିଦ୍ୟାଳୟ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ।

**ଶିକ୍ଷାନୁଷ୍ଠାନରେ ପୁଣି ଲଜ୍ଜା!**

# ଆଦିବାସୀ ଶିକ୍ଷୟିତ୍ରୀଙ୍କୁ କିରାଣିଙ୍କ ଦୁର୍ବ୍ୟବହାର

ବାରିପଦା, ୯।୮(ସମିସ): ଶିକ୍ଷାନୁଷ୍ଠାନରେ ପୁଣି ଲଜ୍ଜା। ବାରିପଦା ବିଇଓ ଅଫିସ୍‌ର କିରାଣୀ ଜଣେ ଆଦିବାସୀ ଶିକ୍ଷୟିତ୍ରୀଙ୍କୁ ୬ ମାସ ହେଲା ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ବିଇଓ କାର୍ଯ୍ୟାଳୟର କିରାଣୀ ଶାନ୍ତନୁ କର ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ୬ ମାସର ଏରିଅର କରାଇବା ନିମନ୍ତେ ଫେବର ମାଗିବା ସହ ‘ପଇଡ’ ଦେବାକୁ ସେ ଦାବି କରୁଥିଲେ। ଏନେଇ ଶିକ୍ଷୟିତ୍ରୀଙ୍କ ଅଭିଯୋଗ କ୍ରମେ ଭଞ୍ଜପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏନେଇ ସେ ଆଇସିସିରେ ଜଣାଇବା ପରେ ବି ନ୍ୟାୟ ମିଳି ନ ଥିବା କହିଛନ୍ତି ଶିକ୍ଷୟିତ୍ରୀ।

ଅଭିଯୋଗ ମୁତାବକ, ଗତ ୬ ତାରିଖ ରାତି ୧୦ଟା ୧୪ରେ ବାରିପଦା ଶିକ୍ଷା ଜିଲ୍ଲାର ଏକ ସାଧନ କେନ୍ଦ୍ରର ଜଣେ ଆଦିବାସୀ ଶିକ୍ଷୟିତ୍ରୀଙ୍କୁ ଗତ ୬ ମାସ ହେଲା ବାରମ୍ବାର ଅଭଦ୍ର ଓ ଦ୍ୱିଅର୍ଥବୋଧକ ଭାଷା କରି ଫେବର ମାଗୁଥିଲେ କିରାଣୀ।

- ■ ଏରିଅର୍ ଟଙ୍କା ଦେବା ପାଇଁ ଫେବର୍ ମାଗୁଥିଲେ
- ■ ଥାନାରେ ମାମଲା; ଚାପରେ ଶିକ୍ଷୟିତ୍ରୀ
- ■ ଆଇସିସିରେ ଜଣାଇବା ପରେ ମିଳିଲାନି ନ୍ୟାୟ

ଏଥିସହ ଅଶ୍ଳୀଳ ଇଙ୍ଗିତ ଦେଇ କଥାବର୍ତ୍ତା କରଆସୁଥିଲେ। ଗତ ୨୦୨୪ ମସିହାର ଇନକ୍ରିମେଣ୍ଟ ଏରିଅର ବିଲ କରିବାକୁ ଉକ୍ତ ଶିକ୍ଷୟିତ୍ରୀଜଣଙ୍କ କାର୍ଯ୍ୟାଳୟକୁ ଜଣେ ସିଆରସିସିଙ୍କ ସହ ୬ ତାରିଖରେ ଯାଇଥିଲେ। କିରାଣୀଜଣଙ୍କ ଲାଞ୍ଚ ମାଗିବା ସହ ଦ୍ୱିଅର୍ଥବୋଧକ କଥାବାର୍ତ୍ତା କରିଥିଲେ। ଏନେଇ ଶିକ୍ଷୟିତ୍ରୀଜଣଙ୍କ ୪ତାରିଖରେ ବିଇଓ ଅଭିମନ୍ୟୁ ସେଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଇଓ ସମ୍ପୃକ୍ତ କିରାଣୀଙ୍କଠାରୁ ଲିଖିତ ଘୋଷଣାନାମା ନେବେ ବୋଲି କହିଥିଲେ। ମାତ୍ର ନେଇ ନ ଥିବା ଜଣାପଡିଛି। ଏହାସହ ସେ ଆଇସିସି ନିକଟରେ ଅଭିଯୋଗ ଦେଇଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେ ଥାନାରେ କିରାଣୀଙ୍କ ନାମରେ ଅଭିଯୋଗ କରିବା ସହିତ ଆଦିବାସୀ ହୋଇଥିବାରୁ ଖରାପ ବ୍ୟବହାର କରିବା ସହ ଦ୍ୱିବୋଧକ ଶବ୍ଦ ବ୍ୟବହାରର ଶିକାର ହେଉଥିବା ନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ଅଜୟ କୁମାର ଜେନା କହିଛନ୍ତି।

# ଏମ୍‌ସରେ ଆଖି ବୁଜିଲେ ନବରଙ୍ଗପୁର ନର୍ସିଂ ଛାତ୍ରୀ

■ ଭୁବନେଶ୍ୱର/ନବରଙ୍ଗପୁର, ୯।୮ (ସମିସ): ନାରୀ ନିର୍ଯାତନାର କଳଙ୍କରେ ଓଡ଼ିଶାରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ଦୁର୍ବୃତ୍ତଙ୍କ ଉତ୍ପାତ ସହିତ ପୁଲିସ ପ୍ରଶାସନର ଉଦାସୀନତା ନେଇଛି ଆଜି ଆଉ ଜଣେ ଛାତ୍ରୀଙ୍କ ଜୀବନ। ଛାତ୍ରୀ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀମୁଣ୍ଡା ଗ୍ରାମର ନର୍ସିଂ ଛାତ୍ରୀ କଳ୍ପନା ରାୟ। ଏକତରଫା ପ୍ରେମ କରି ଜଣେ ଯୁବକ ତାଙ୍କୁ ମାଡ଼ ମାରିବା ସହ ଫଟୋ ଭାଇରାଲ କରିଥିଲା। ଲୋକଲଜ୍ଜା ଭୟରେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଆଜି ତାଙ୍କର ପରଲୋକ ଘଟିଛି।

ସୂଚନା ଅନୁସାରେ, ଡୁମୁରିମୁଣ୍ଡା ଗ୍ରାମର କଳ୍ପନା ରାୟଙ୍କୁ ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। କଳ୍ପନା ଜୟପୁରର ଏକ ନର୍ସିଂ କଲେଜରେ ଛାତ୍ରୀ। ସତ୍ୟଜିତ ଭୁବନେଶ୍ୱରର ଏକ କଲେଜରେ କୃଷି ବିଭାଗର ଛାତ୍ର। ଗତ ମାସ ୧୩ ତାରିଖ ଦିନ କଳ୍ପନା ନର୍ସିଂ କଲେଜରୁ ମାର୍କେଟକୁ ଆସିଥିବା ବେଳେ ଅଚାନକ ସତ୍ୟଜିତ ଆସି କଳ୍ପନାଙ୍କୁ ମାରପିଟ୍ କରିଥିଲେ। ସ୍ଥାନୀୟ ପୁଲିସ ଏହି ଘଟଣା ଦେଖିବା ପରେ ଉଭୟଙ୍କୁ ଥାନାକୁ ନେଇଥିଲେ। ଖବର ପାଇ କଳ୍ପନାଙ୍କ ବାପା ଜୟପୁରରେ ପହଞ୍ଚିଥିଲେ। ପରେ କଳ୍ପନାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇଥଲା ପୁଲିସ। ପ୍ରାଥମିକ ଚିକିତ୍ସା ପରେ ଝିଅଙ୍କୁ ସେ ନିଜ ଘରକୁ ନେଇ ଆସିଥିଲେ। ୧୫ ତାରିଖ ଦିନ ସେ ଜୟପୁର ଯାଇ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏତଲା ପାଇବା ପରେ ସତ୍ୟଜିତକୁ ପୋଲିସ ଛାଡ଼ି ଦେଇଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଥିଲେ।

ସତ୍ୟଜିତ କଳ୍ପନାଙ୍କୁ ଜୟପୁର ବଜାରରେ ମାଡ଼ ମାରିବା ସହ କିଛି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲା। ଏହା ଜାଣିବା ପରେ ଗତମାସ ୧୭ ତାରିଖରେ କଳ୍ପନା ନିଜ ଘରେ ଥିବା ଘାସ ମରା ବିଷ ପିଇ ଦେଇଥିଲେ। ପରିବାର ଲୋକେ କଳ୍ପନାଙ୍କୁ ପ୍ରଥମେ ଉମରକୋଟ ପରେ ଛତିଶଗଡ଼ର କଣ୍ଡାଗାଁ ଏବଂ ସେଠାରୁ ରାୟପୁରକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମଏସ୍‌କୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାନ୍ଥପଡ଼ି ୮...

ପ୍ରାଣ ହରାଇଛନ୍ତି। ଏହାସହିତ ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ଅନେକ ଅଣ୍ଡରପାସ ଅଞ୍ଚଳ ବୁଡ଼ି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବର୍ଷାପାଣି ଏକରୁ ଦୁଇ ଫୁଟ୍ ଉଚ୍ଚରେ ଚାଲୁଛି। ଫଳରେ ବିଭିନ୍ନ ରାସ୍ତା ଓ ସଡକରେ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଆଜି ଦିନ ତମାମ ଦିଲ୍ଲୀରେ ବର୍ଷା ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ରେଡ୍ ଆଲର୍ଟ ଜାରି କରାଯାଇଥିଲା। ବର୍ଷା ଯୋଗୁଁ ଯମୁନା ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଦିଲ୍ଲୀ ନିକଟରେ ଯମୁନା ବିପଦ ସଙ୍କେତର ନିକଟତର ହେଉଥିବାରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଆଜି ବର୍ଷା ଯୋଗୁଁ ବିଶେଷ ଭାବେ ବିମାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଇନ୍ଦିରା ଗାନ୍ଧୀ ବାମାନବନ୍ଦରରେ ଆଜି ଅତିକମରେ ୩୦୦ରୁ ଅଧିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେଥିମଧ୍ୟରୁ ଶହେ ବିମାନ ବାତିଲ ହୋଇଥିବା ଜଣାପଡ଼ିଛି। ଏହି ବିମାନବନ୍ଦରରେ ଦୈନିକ ୧୩୦୦ରୁ ଅଧିକ ବିମାନ ଚଳାଚଳ କରୁଛି। ଫଳରେ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସେପଟେ ହିମାଚଳ ପ୍ରଦେଶର କୁଲୁରେ ବାଦଲଫଟା ବର୍ଷା ହୋଇଛି। ଫଳରେ ବନ୍ୟା ଆସିଛି। ଭୂସ୍ଖଳନ ଯୋଗୁଁ ଚଣ୍ଡିଗଡ଼- ମାନାଲି ରାଜପଥର ବନ୍ଦ ରହିଛି। ସେହିପରି ଉତ୍ତର ପ୍ରଦେଶରେ ମଧ୍ୟ ସପ୍ତାହ ସାରା ପ୍ରବଳ ବର୍ଷା ଜାରି ରହିଛି।

### ‘ଉତ୍କଳ’ରେ ଅଧ୍ୟାପକ...

ଜଣେ ହେଲେ କେହି ଅଧ୍ୟାପକ ନାହାନ୍ତି। ଭାଗବାନ ଭରସାରେ ପାଠପଢ଼ା ଚାଲିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ସଚେତନ ହେବା ସହ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଖୁବ୍‌ଶୀଘ୍ର ଆଇନ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗରେ ଆବଶ୍ୟକ ଅତିଥି ଅଧ୍ୟାପକ ନିଯୁକ୍ତ କରାଯିବ।

### ନବଜାତକ ମୃତ୍ୟୁରୁ...

ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା କୁମ୍ଭାରପଡ଼ାର ନବୀନ ରଣା ତାଙ୍କ ସ୍ତ୍ରୀଙ୍କୁ ଲୋଇସିଂହା ବ୍ଲକ୍ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ତ୍ରୀ ଗର୍ଭବତୀ ଥିବା ବେଳେ ନିୟମିତ ଡାକ୍ତରଙ୍କ ପରାମର୍ଶ ନେଇ ଯତ୍ନ କରିଥିଲେ। ସବୁ କିଛି ଠିକ ଥିବା ବେଳେ ଶୁକ୍ରବାର ପ୍ରସବ ବେଦନା ହୋଇଥିଲା। ଫଳରେ ସେ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଭର୍ତ୍ତି କରିବା ପରେ ଅପରାହ୍ନରେ ଡ୍ୟୁଟିରେ ଥିବା ଦୁଇ ଜଣ ନର୍ସ ଆସି ତାଙ୍କୁ ଲେବର ରୁମ୍‌କୁ ନେଇଥିଲେ। ମହିଳାଙ୍କ ସହ ତାଙ୍କ ସମ୍ପର୍କୀୟ ମହିଳା ଓ ଆଶା କର୍ମୀ ମଧ୍ୟ ରହିଥିଲେ। ତେବେ ସଂପୃକ୍ତ ଦୁଇ ଜଣ ନର୍ସ ଡାକ୍ତରକୁ ଅପେକ୍ଷା ନକରି ପ୍ରସବ ଆରମ୍ଭ କରି ଦେଇଥିଲେ। ପ୍ରସବ ସମୟରେ ଅଧାରେ ଶିଶୁ ଅଟକି ଯାଇଥିବାରୁ ବହୁ କଷ୍ଟରେ ଜବରଦସ୍ତି ଶିଶୁକୁ ଟାଣି ବାହାର କରିଥିଲେ। ଶିଶୁକୁ ବାହାର କରିବା ପରେ ସେ କୌଣସି ପ୍ରକାର ପ୍ରତିକ୍ରିୟା କରିନଥିଲା। ଫଳରେ ସଂପୃକ୍ତ ଦୁଇ ନର୍ସ ନିଜ ନିଜ ଭିତରେ ଆଲୋଚନା କରି ଶିଶୁକୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ଶିଶୁକୁ ସ୍ଥାନାନ୍ତର କରିବା ପାଇଁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ପ୍ରଥମେ ଆସିଥିବା ଆମ୍ବୁଲାନ୍ସରେ ଅକ୍ସିଜେନ୍ ବ୍ୟବସ୍ଥା ନଥିବାରୁ ଆଉ ଏକ ଆମ୍ବୁଲାନ୍ସକୁ ଅପେକ୍ଷା କରାଯାଇଥିଲା। ଏହାରି ଭିତରେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଭୀମଭୋଇ ମେଡିକାଲ ଡାକ୍ତରଖାନାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିବା ନବୀନ ଅଭିଯୋଗ କରିଛନ୍ତି। ଏହାସହ ସଂପୃକ୍ତ ଦୁଇ ନର୍ସ ହିଁ ତାଙ୍କ ଶିଶୁକୁ ମାରିଦେଇଥିବା ସେ ଅଭିଯୋଗ କରିଛନ୍ତି।

ତେବେ ଏଠି ପ୍ରଶ୍ନ ଉଠୁଛି, ବିନା ଡାକ୍ତରଙ୍କ ଉପସ୍ଥିତିରେ ପ୍ରସବ କରିବାକୁ ଦୁଇ ଜଣ ନର୍ସ ସାହସ କଲେ କେମିତି? ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର କୁଆଡ଼େ ଯାଇଥିଲେ। ଡାକ୍ତରଖାନାରେ ପ୍ରସୂତି ବିଭାଗ ଡାକ୍ତର ରହିଥିବା ସତ୍ତ୍ୱେ ଦୁଇଜଣ ନର୍ସଙ୍କ ଦ୍ୱାରା ପ୍ରସବ ହେବା କେତେ ଯୁକ୍ତିଯୁକ୍ତ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ନବୀନ ନିଜ ନବଜନ୍ମିତ ଶିଶୁକୁ ହରାଇବା ପଛରେ ଦାୟୀ କିଏ? ଜନ୍ମ ହେବା ପରେ ଗୁରୁତର ଶିଶୁଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ନିୟୋଜିତ ଥିବା ଶିଶୁ ରୋଗ ବିଶେଷଜ୍ଞଙ୍କୁ ସୂଚନା ଦିଆଗଲା ନାହିଁ କାହିଁକି? ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ଏହି ଘଟଣାରେ ସଂପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଡାକ୍ତରଖାନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ଯଦି ଏହି ଡାକ୍ତରଖାନାରେ ଏହିଭଳି ଅବସ୍ଥା, ତେବେ ଜିଲ୍ଲାର ଅନ୍ୟ ଆଭ୍ୟନ୍ତରୀଣ ଡାକ୍ତରଖାନାଗୁଡ଼ିକର ଅବସ୍ଥା କେମିତି ଥିବ, ତାହା ଏଥିରୁ ସହଜରେ ଅନୁମେୟ। ଏନେଇ ମେଡିକାଲ ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହିଭଳି ହେବା କଥା ନୁହଁ। ଯଦି କିଛି ଏମିତି ହୋଇଛି, ଏହାର ଯାଞ୍ଚ କରାଯିବ।

### ରାଜ୍ୟବ୍ୟାପୀ ନକଲି...

ଅଣଦେଖାକୁ ସେମାନେ ସୁଯୋଗରେ ପରିଣତ କରି ଦେଇଛନ୍ତି। ନକଲି ସାର ର୍‌ୟାକେଟ୍ ରୋକିବାକୁ ମାର୍କଫେଡ୍ ଅଧିକାରୀମାନେ ସଜାଗ ରହିଥିବା ସରକାର କହୁଥିବାବେଳେ ବାସ୍ତବରେ ଉପାନ୍ତ ଅଞ୍ଚଳରେ ଏହା ଶୂନ୍ ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ଚାଷୀମାନେ କଂପ୍ଲେକ୍ସ ସାରର ଅଧିକ ବ୍ୟବହାର କରୁଛନ୍ତି। ଏହି ସାର ଏବେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ମିଳୁନି। ଏହାର ଫାଇଦା ଏହି ଅସାଧୁ ବ୍ୟବସାୟୀମାନେ ଉଠାଉଛନ୍ତି। ଏହି ନକଲି ସାର ମାଟିରେ ଠିକ୍ ଭାବରେ ମିଶି ପାରୁ ନ ଥିବାବେଳେ କିଛି ସ୍ଥାନରେ ଟାଣ ହୋଇଯାଉଛି। ଫଳରେ ମୃତ୍ତିକାର ଉର୍ବରତା କମିବା ସହ ପ୍ରଦୂଷଣ ଭୟ ମଧ୍ୟ ବଢୁଛି। ନକଲି ସାର ଯୋଗୁଁ ଚାଷୀ ଖର୍ଚ୍ଚ କରି ମଧ୍ୟ ଏହାର ଲାଭ ପାଇପାରୁ ନାହିଁ। ନକଲି କମ୍ପାନିମାନେ ଡିଲରମାନଙ୍କୁ ବିଭିନ୍ନ ସ୍କିମ ଦେଇ ଆକର୍ଷିତ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ବିଭିନ୍ନ ଉପହାର ଓ ଆର୍ଥିକ ପ୍ୟାକେଜ୍ ଦେଉଥିବା ଯୋଗୁଁ ସେମାନଙ୍କ ଉପରେ ଚଢ଼ଉ ମଧ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ସରକାର ତୁରନ୍ତ ହସ୍ତକ୍ଷେପ କରି ମାର୍କଫେଡ୍ ଜରିଆରେ ଚଢ଼ଉ କଲେ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ଚାଷୀ ମହଲର ଦାବି ହେଉଛି।

ଉଲ୍ଲେଖଥାଉ କି, ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି। ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି। ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି। ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି। ମାତ୍ର ରାଜ୍ୟବ୍ୟାପୀ ସାରକୁ ନେଇ ଚାଷୀମାନେ ତିରୋଟାଭାବର ସାମ୍ନା କରୁଛନ୍ତି। ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି। ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି। ସେଇଠି ହିଁ ସେମାନେ ନକଲି ସାରର ଶିକାର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି।

### ଦେଶକୁ ବର୍‌ବାଦ...

ଯୁଦ୍ଧ ଚାଲିଥିଲା ଏବଂ ପରେ ଚୁକ୍ତି ହୋଇ ଯାଇଥିଲା। ହ୍ୱାଇଟ ହାଉସ୍‌ର ଶୁଳ୍କ ଏବଂ ଅନ୍ୟ ନୀତି ଯୋଗୁଁ ଭାରତ ଚୀନ୍ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛି। ବୋଲ୍ଟଙ୍କ ମତରେ, ଶତ୍ରୁ ଏବଂ ମିତ୍ର ଉପରେ ସମାନ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାର ସେହି ଭରସା ଏବଂ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଇଛି। ଏହାକୁ ବଜାୟ ରଖିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ଏହା ବଦଳରେ ବହୁତ ଆର୍ଥିକ ଲାଭ ମିଳିଛି, କିନ୍ତୁ ବଡ଼ କ୍ଷତି ହେବା ଆଶଙ୍କା ବୃଦ୍ଧି ପାଇଛି।

ସୂଚନାଯୋଗ୍ୟ ଯେ ବୋଲ୍ଟନ ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଥିଲେ। ସେ ଗତ କିଛି ମାସ ହେଲା ଟ୍ରମ୍ପଙ୍କ ନୀତିକୁ ସମାଲୋଚନା କରିଆସୁଛନ୍ତି। ସେହିପରି ଆମେରିକା ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପ୍ୟାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ଶୁଳ୍କ ଭାରତ-ଆମେରିକା ସମ୍ବନ୍ଧ ଉପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଆମେରିକାକୁ ଭାରତ ସନ୍ଦେହ ଦୃଷ୍ଟିରେ ଦେଖିବ ଏବଂ କେବେ ବି ଏହି ଶୁଳ୍କକୁ ଭୁଲିବ ନାହିଁ।

ଅନ୍ୟପକ୍ଷରେ ଟ୍ରମ୍ପ ଦାବି କରିଛନ୍ତି ଯେ ଶୁଳ୍କ ଯୋଗୁଁ ସେୟାର ବଜାରରେ ବଡ଼ ବୃଦ୍ଧି ଦେଖାଦେଇଛି। ପ୍ରତି ଦିନ ନୂଆ ରେକର୍ଡ ସୃଷ୍ଟି ହେଉଛି। ଏହାଦ୍ୱାରା ଶହ ଶହ ବିଲିୟନ ଡଲାର ସରକାରୀ ତହବିଲକୁ ଆସୁଛି।

**‘ବ୍ରେନ୍‌ସ ଆଇକନିକ୍ ଟ୍ରଷ୍ଟ’ ଲୋକାର୍ପିତ**

# ୫ ଆଦିବାସୀ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ




ଭୁବନେଶ୍ୱର, ୯।୮(ସମିସ): ରାଜ୍ୟରେ ମହିଳା, ଛାତ୍ର ଓ ଶାରୀରିକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟ କରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ‘ବ୍ରେନ୍‌ସ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ’। ଏ ନେଇ ଶନିବାର ଗୀତଗୋବିନ୍ଦ ସଦନଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡ୍‌ମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ ରାଜ୍ୟରେ ଆଦିବାସୀ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଟ୍ରଷ୍ଟ ତା’ କାମ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

ବରିଷ୍ଠ ପ୍ରଶାସକ ଡ. ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବାରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଭଳି ଏକ ଉଦ୍ୟମ ପାଇଁ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଭୂୟାଁଙ୍କୁ ଧନ୍ୟବାଦ ଜଣାଇଥିଲେ। କହିଥିଲେ ଯେ ସମାଜରେ ଶିକ୍ଷା ଓ ଦକ୍ଷତାକୁ ମିଶାଇ ଯଦି ମାନବସମ୍ବଳର ସଠିକ୍ ଭାବେ ସଦୁପଯୋଗ କରିପାରିବା ତେବେ ସକ୍ଷମ ଓ ଭିନ୍ନକ୍ଷମ ଭିତରେ ଦୂରତା ରହିବ ନାହିଁ।

# ବଇଣ୍ଡାରେ ରହିବ ୪ଟି ଏକ୍ସପ୍ରେସ ଟ୍ରେନ୍

ବଇଣ୍ଡା, ୯।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନରେ ପୁରୀ-ଦୁର୍ଗ, ଦୁର୍ଗ-ପୁରୀ, ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ହେବ। ଏନେଇ ରେଳ ବିଭାଗ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଚିଠି ନମ୍ବର ୨୦୯/୨୦୨୫ ଜରିଆରେ ଏ ନେଇ ଅବଗତ କରାଯାଇଛି। ଏହି ଟ୍ରେନଗୁଡ଼ିକ ବଇଣ୍ଡା ଷ୍ଟେସନ ଦେଇ ଯାଉଥିଲେ ମଧ୍ୟ ଏଠାରେ ରହଣି କରୁନାହିଁ। କାରୋନା ପୂର୍ବରୁ ଏହି ବଇଣ୍ଡାରେ ରହୁଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ରହୁନଥିଲା। ଏହି ଷ୍ଟେସନ ମାସକୁ ୬ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଦେଉଥିବା ବେଳେ ୧୪ଟି ଟ୍ରେନ ରହୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଏନେଇ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖରୁ ବଇଣ୍ଡାଠାରେ ପ୍ରତ୍ୟେକ ଦିନ ଯାଉଥିବା ପୁରୀ-ଦୁର୍ଗ, ଦୁର୍ଗ-ପୁରୀ ଏକ୍ସପ୍ରେସ ଓ ସାପ୍ତାହିକ ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପରେ ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

**AFFIDAVIT**

I, Pooja Sudhakar Bhosale W/o Amar Bharat Gaikwad, Resident of Flat No-A 602, NBCC Imperia, New Government Colony, PS-Mancheswar, Bhubaneswar, Dist - Khordha, Odisha - 751005, declare by this affidavit No.1526 dtd 08.08.2025 that now onwards I shall be known as **POOJA AMAR GAIKWAD** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, No. 1530, dated- 01/08/2025, I **Muna Panda,** S/o- Bhaskar Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare that I have changed my daughter's name from **Priyanka Priyadarsni Panda to Priyanka Priyadarshani Panda.** Henceforth, my daughter shall be known as **Priyanka Priyadarshani Panda** for all purposes.
**Sd/- Muna Panda**

**AFFIDAVIT**

I, Nisha Pritwani, age about 43 years, W/o- Jeeten Shivani, resident of Plot No. 61, Bhagabanpur Industrial Estate, PO- Patrapada, PS-Tamando, Bhubaneswar, District-Khordha, PIN-751019, Odisha declared by this affidavit No. 105, dated- 08.08.2025 that now onwards I shall be known as **BHAVIKA SHIVANI** for all future purposes.

**AFFIDAVIT**

By virtue of Affidavit No 21 dated 06.08.25 (15AA 346860)before the Executive Magistrate, Bhubaneswar, I, Kala Pattnaik, W/o Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar affirm that, my correct name is 'Kala Pattnaik', but wrongly recorded as 'Kala Das Mohapatra' in my husband's passport no Y7008524. That, I and 'Kala Das Mohapatra' is one and same person i.e. myself and I have signed as 'Kala Pattnaik' for all purposes and records. This affidavit is required to be produced before the Regional Passport Office, Bhubaneswar for correcting my name as 'Kala Pattnaik' in my husband's passport.

**AFFIDAVIT**

By virtue of an affidavit Sl. No.2, dtd.06.08.2025 before the Notary Public, Nuapada, I, Sukanti Mallik of Lachhipur, Po- Sargadi, Dist.- Nuapada have changed my name from Jaksan Mallik to Sukanti Mallik. Henceforth I shall be known as Sukanti Mallik for all purposes.
**Sd/- Sukanti Mallik**

**AFFIDAVIT**

I, Sonya Ray W/o Satyajit Ray, Resident of Chunabhati, OMP Square, PO - College Square, PS-Chauliaganj, Dist-Cuttack, Odisha-753003, declare by this affidavit No.7585 dtd 07.08.2025 that now onwards I shall be known as **SONYA LEANNE RAY** for all future purposes.

**AFFIDAVIT**

I, Rakesh Kuanar, S/o- Late Rajib Kuanr, resident of Plot No. LB-68, Stage-I, B.D.A. Colony, Laxmisagar, Near Laxmisagar Sub Post Office, P.S.- Laxmisagar, Bhubaneswar, Dist- Khordha, Pin-751006, Odisha declare by this affidavit No. 65, dated 21.06.2025 that now onwards I shall be known as **RAKESH KUANR** for all future purposes.

**AFFIDAVIT**

I, Parida Biswajit Sanjay, S/o- Sanjaya Kumar Parida, resident of Vill.- Kabisuryanagar (Trinath Nagar), Po./Ps.- Kabisuryanagar, Dist.- Ganjam declare by this affidavit No.384 dtd.- 08/08/2025 that now onwards I shall be known as **BISWAJIT SANJAYA PARIDA** for all future purposes.

**AFFIDAVIT**

I, Shipra Mandal, H/o- Shivanarayan Mohanty, resident of At- Bankasahi, Po- Bhadrak, Odisha, Pin Code-756100 declared by the affidavit No- 9448, dated- 09/11/2017 that I shall be known as **SHIPRA RAY** for all future purposes.

**AFFIDAVIT**

By virtue of an affidavit No- 119 sworn before the Executive Magistrate, Deogarh on dtd- 15/05/2025, I **Renubala Naik,** aged 36 years, W/o- Late Bijay Kumar Behera, resident of At/Po-Ballam, Ps- Deogarh, Dist- Deogarh, Odisha I have changed my name from Renubala Behera (old name) to Renubala Naik (new name). My real name is Renubala Naik which is mentioned in my Aadhar bearing no- 6864 1308 5058, My Pass book bearing account no- 5278945822. Henceforth, both the names Renubala Behera and Renubala Naik is one & same person she will be known as Renubala Naik for all future purposes.

**Notice**
**(for Minor)**

By virtue of an affidavit sworn before Executive Magistrate, Baripada, Mayurbhanj, dated 08.08.2025, I, Santosh Kumar Behera, At- Bardangua, PO/PS-Khunta, Dist- Mayurbhanj, PIN-757019 declare that I have changed the name of my Son from RONAK KUMAR BEHERA to RANAK KUMAR BEHERA. Henceforth, he shall be known as RANAK KUMAR BEHERA for all purposes.
**Santosh Kumar Behera**

**Notice**
**(for Minor)**

By virtue of an affidavit sworn before Notary Public, Udala, Mayurbhanj, dated 07-08-2025 I, Pani Hembram, Address AT-Kudiakhunta, PO- Ranibandh, PS- Khunta, Dist- Mayurbhanj, PIN-757026 declare that I have changed the name of my daughter from Sara Hembram to Sumati Hembram. Henceforth, she shall be known as Sumati Hembram for all purposes.
**Pani Hembram**

**LOST**

**I, Mrs. Moutusi Ghosh,** aged about 35 years, W/o.: Rajkumar Ghosh, residing At: Sri Ram Bazar, PO.: Dadhibamanpur, 42 Mouza, PS: Bentkar, Dist.: Cuttack-754112, do hereby solemnly affirm that I have purchased property at Khata No.: 263/717, Plot No.: 1860/3745, measuring an Area: A0.056 dec., Situated at Mouza: Dadhibamanpur from Durjyadhan Behera and Ramesh Chandra Behera, Both are sons of Late Mahendra Behera vide Regd. Sale Deed document No.: 10392402223, dtd.15.03.2024 before the learned registering Authority, Cuttack. That, at the time of execution of the above mentioned sale deed the said Durjyadhan Behera had served me the Original Regd. Sale Deed vide document No.:10391606004, dtd.14.12.2016, which was purchased from Ashok Kumar Das & others as well as original ROR in respect of Khata No.: 263/717 at Mouza: Dadhibamanpur, in the name of Durjyadhan Behera and Ramesh Chandra Behera. That, when I have gone through to Cuttack from Sri Ram Bazar the above mentioned original Regd. Sale deed vide document No.:10391606004, dtd.14.12.2016, as well as Original ROR have been misplaced somewhere on 10.07.2025 after best efforts I unable to trace out the same. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that. If any one found the above deed, is in possession or have any claim on the same please contact Advocate **Mr. Santosh Behera, Mob No.: 9937180725** within **7 days** of this publication. If no claim received during this period the validity of above mentioned original deeds is null and void.

## ସମସ୍ୟାରେ ସୁରେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ

# ଗୋଟିଏ ଗୃହରେ ପଢୁଛନ୍ତି ୬ଟି ଶ୍ରେଣୀର ପିଲା



**ବାସୁଦେବପୁର, ୯।୮ (ସମିସ)**

ଡବଲ ଇଞ୍ଜିନ ସରକାରଙ୍କୁ ବର୍ଷେ ପୂରି ଦୁଇ ବର୍ଷ ଚାଲିଲା। ବିକାଶର ବାର୍ତ୍ତା ଦେଇ ସରକାରକୁ ଆସିଥିବା ମୋହନ ସରକାର ରଙ୍ଗ ବଦଳାଇ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ସରକାରୀ ବିଦ୍ୟାଳୟର ବିକଳ ଚିତ୍ର ଆଗାମୀ ଦିନର ଉଦିତ ସୂର୍ଯ୍ୟ କୁନି କୁନି ଶିଶୁମାନଙ୍କୁ ବ୍ୟଥିତ କରିଛି। ଶିଶୁ ବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଗୋଟିଏ ଘରେ ଅଧ୍ୟୟନ କରୁଛନ୍ତି। ସରକାରଙ୍କ ଉଦାସୀନ ମନୋଭାବ ଯୋଗୁଁ ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଇ ନେଉଛନ୍ତି। ଉତ୍ତମ ଶିକ୍ଷା ଗ୍ରହଣ ପାଇଁ ଘରୋଇ ସ୍କୁଲକୁ ଏବେ ମୁହାଁଉଛନ୍ତି। ବାସୁଦେବପୁର ପୌରପାଳିକାର ୪ ନମ୍ବର ୱାର୍ଡ଼ରେ ସୁରେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ରହିଛି। ସରକାରୀ ବାବୁମାନଙ୍କର ବୈମାତୃକ ମନୋଭାବ ଯୋଗୁଁ ପାଞ୍ଚ ଶ୍ରେଣୀକୁ ଗୋଟିଏ ଘର ଦେଇଛନ୍ତି। ଚଳିତ ବର୍ଷ ସରକାର ଶିଶୁ ବାଟିକା ଖୋଲିଛନ୍ତି। ଏହି ସ୍କୁଲର ଛଅଟି ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଗୋଟିଏ ଘରେ ସମସ୍ତଙ୍କୁ ବସାଇ ଦୁଇ ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଲତା ବାରିକ ଅଧୀକାଂଶ ସମୟରେ ରେକର୍ଡ ପତ୍ରରେ ବ୍ୟସ୍ତ ରହୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାରେ ବହୁ ଅସୁବିଧା ହେଉଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ରାଜ୍ୟ ସରକାର ବିକାଶର ଚିତ୍ର ଦେଖାଇବାକୁ ଡିଣ୍ଡିମ ପିଟୁଥିବା ବେଳେ ଛଅଟି ଶ୍ରେଣୀର ଗୋଟିଏ ଘର ମଧ୍ୟରେ ଦେଶର ଭାଗ୍ୟ ଭବିଷ୍ୟତ ନିର୍ଦ୍ଧାରଣ କରୁଛନ୍ତି। ଶିକ୍ଷା ବିଭାଗର ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ବିଦ୍ୟାଳୟ ବର୍ଷ ବର୍ଷ ଧରି ଗୋଟିଏ ରୁମରେ ସୀମିତ ରହିଛି।

## 'ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ଚଳମାନ ହୋଇଉଠେ'




**ଭଦ୍ରକ, ୯।୮ (ସମିସ):** ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟରେ ଜଣେ ମହାନ କବି ଥିଲେ ସ୍ୱଭାୱ କବି ଗଙ୍ଗାଧର ମେହେର। ଗଙ୍ଗାଧର ସଂସ୍କୃତ ଭାଷା ସାହିତ୍ୟରୁ କଥାବସ୍ତୁ ଗ୍ରହଣ କରି ରଚନା କରିଯାଇଛନ୍ତି ଅନେକ କାବ୍ୟ। ତାଙ୍କ କାବ୍ୟ ଗୁଡ଼ିକ ମନୋରମ, ଶିକ୍ଷଣୀୟ ତଥା ସଦୁପଯୋଗୀ। କବିଙ୍କ ଭକ୍ତି, ମଧୁମୟ, ଅମୃତମୟ ଆଦି କବିତା ତାଙ୍କୁ ଜଣେ ବିଶିଷ୍ଟ ଦାର୍ଶନିକ ଭାବରେ ପ୍ରକାଶିତ କରେ। କବିଙ୍କ ବର୍ଣ୍ଣନାରେ ପ୍ରକୃତି ଚଳମାନ ହୋଇଉଠି ଥାଏ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସରରେ ଯୋଗଦେଇ ବିଶିଷ୍ଟ ଗବେଷକ ମାନେ ମତ ପ୍ରକାଶ କରିଛନ୍ତି। ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ପୂର୍ଣ୍ଣିମା ଆସରରେ 'ତ୍ୟାଗଭୂମି'ର ସଭାପତି ଅଜୟ ନାୟକ ସଭାପତିତ୍ୱ କରି ଆଜିର ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ। ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯିବାର ପରମ୍ପରା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ରମାକାନ୍ତ ନାୟକ ଯୋଗଦେଇ ଛନ୍ଦମାଧୁର୍ଯ୍ୟର ଆଧୁନିକୀକରଣ କରି କବି ଗଙ୍ଗାଧର ଓଡ଼ିଆ କାବ୍ୟ ରଚନାକୁ ଏକ ନୂତନ ଉଚ୍ଚତାକୁ ନେଇଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ ଯୋଗଦେଇ ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି ବୋଲି କହିଥିଲେ। କବି ଦିପ୍ତିମୟୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବୈକୁଣ୍ଠ ନାଥ ଓଝା, ବିଜୟ ବହଳି, ବସନ୍ତ ପାତ୍ର, ବିପ୍ଳବ ହୋତା, ରମେଶ ଦାସ, ବିଜୟ ଜେନା, ଅକ୍ଷୟ ଜେନା, ପ୍ରୀତିଲତା ପଣ୍ଡା, ଅରୂପାନନ୍ଦ ନାୟକ, ମନୋରଞ୍ଜନ ଦାସ, ଶାନ୍ତନୁ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ସହ-ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଦେଇଥିଲେ। ସ୍ୱାଗତ ଭାଷଣ ସମ୍ପାଦକ ରୂପକ ବିହାରୀ ରାୟ ଦେଇଥିବା ବେଳେ, ଅନୁଷ୍ଠାନର ଉପଦେଷ୍ଟା ଦୁଃଶାସନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଭଣ୍ଡାରିପୋଖରୀରେ ବଳଦେବ ଜନ୍ମୋତ୍ସବ

ଭଣ୍ଡାରିପୋଖରୀ, ୯।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବଳଦେବ ଜନ୍ମୋତ୍ସବ ଶନିବାର ପାଳନ ହୋଇଯାଇଛି। କୋଟସିରା ଗ୍ରାମର ବ୍ରାହ୍ମଣ ଶାସନ ସାହି ଗ୍ରାମଦେବତୀ ମା' ବୁଢ଼ିଜାଗୁଳାଇ ମନ୍ଦିର ସମୀପରେ ପ୍ରଭୁ ବଳଦେବଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ଜନ୍ମୋତ୍ସବ ପାଳନ ସହ ରକ୍ଷାବନ୍ଧନ କରାଯାଇଥିଲା। ପୂଜକ ନିରଞ୍ଜନ ହୋତା ପୂଜାର୍ଚ୍ଚନା କରିଥିଲେ। ଗ୍ରାମବାସୀ ନାରାୟଣ ପାଣିଗ୍ରାହୀ, ନିରଞ୍ଜନ ଲେଙ୍କା,



ଯଜାତି ଲେଙ୍କା, ଦିଲ୍ଲୀପ ଦାଶ, ବିଦ୍ୟାଧର ମହାପାତ୍ର, ଶ୍ରୀନିବାସ ଲେଙ୍କା, ସନ୍ତୋଷ ପଣ୍ଡା, ଦାଶରଥୀ ବାରିକ ଶେଣ୍ଠ ପ୍ରମୁଖ ଏହି ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ବଳଦେବଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜକ ପ୍ରଫୁଲ୍ଲ ଦାଶ, ଗଦାଧର ମିଶ୍ର, ଶାନ୍ତନୁ ଦାଶ, ଅଭିଜିତ ଦାଶ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏହାସହ କୁରାଢ଼ିଆପଦାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ମଣିନାଥପୁରସ୍ଥିତ ଗୋପୀନାଥଜୀଉ ମଠ ଆଦିରେ ବଳଦେବ ଜନ୍ମୋତ୍ସବ ଓ ରକ୍ଷାବନ୍ଧନ ପାଳିତ ହୋଇଛି।

## ସରଳ ହେଉନି ପଞ୍ଜୀକରଣ; ଧାନ ବିକ୍ରିରୁ ବଞ୍ଚିତ ହେବେ ବହୁ ଚାଷୀ

**ବାରିକପୁର, ୯।୮ (ସମିସ):** ଜୁଲାଇ ୧୮ ତାରିଖରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମଣ୍ଡିରେ ବଂଶାନୁକ୍ରମିକ ତଥ୍ୟ ପ୍ରଦାନକୁ ନେଇ ଚାଷୀ ଭାଇ ମାନେ ଦହଗଞ୍ଜ ହେଉଥିବା ବେଳେ ଭଦ୍ରକ ଜିଲ୍ଲା ପ୍ରଶାସନ ସାଜିଛି ନିରବଦ୍ରଷ୍ଟା। କେବଳ ଗୋଟିଏ ଘୋଷଣା ପତ୍ର ଜରିଆରେ ଚାଷୀ ମାନେ ଧାନ ପଞ୍ଜୀକରଣ କରିପାରିବେ ବୋଲି ଯୋଗାଣ ମନ୍ତ୍ରୀ କହିଥିଲେ ସୁଦ୍ଧା ତାହା କିନ୍ତୁ ଏଠାରେ କାର୍ଯ୍ୟକାରୀ ହେଉନାହିଁ। ପଡୋଶୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଧାନ ପଞ୍ଜୀକରଣ ପାଇଁ ଏଭଳି ସରଳିକରଣ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଭଦ୍ରକ ଜିଲ୍ଲାପାଳଙ୍କ ଲିଖିତ ନିର୍ଦ୍ଦେଶ ନାମା ବିନା ମଣ୍ଡି କର୍ତ୍ତୃପକ୍ଷ କେବଳ ଘୋଷଣାପତ୍ର ଆଧାରରେ ପଞ୍ଜୀକରଣ କରିବାକୁ ସିଧା ସିଧା ମନା କରୁଛନ୍ତି। ତେଣୁ ଅଗଷ୍ଟ ୨୦ତାରିଖ ପୂର୍ବରୁ ଅନେକ ଚାଷୀ ପଞ୍ଜୀକରଣ କରିନପାରି ଖରିଫ ଧାନ କ୍ରୟରୁ ବାଦ ପଡ଼ିପାରନ୍ତି ବୋଲି ଅନୁମାନ କରାଯାଇଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକର ନାଆମୀ ସମବାୟ ସମିତି ଠାରେ ୩୮୩, ନେରଡ଼ା ଠାରେ ୧୯୨, ରହଣିଆ ଠାରେ ୬୯୬, ନାରାୟଣପୁର ଠାରେ ୩୮୩, ତେସିଙ୍ଗା ଠାରେ ୧୭୦, ବାଲିପୋଖରୀ ଠାରେ ୨୫୯, ମାଳଦା ଠାରେ ୩୦୭, ଜଳମଣ୍ଡୁଆ ସମିତି ଠାରେ ୨୯୫ ଜଣ ଚାଷୀ ଅଦ୍ୟାବଧି ନାମ ପଞ୍ଜୀକରଣ କରିଛନ୍ତି। ସେହିଭଳି ଆଦିଶକ୍ତି ଏସଏଚଜି ଠାରେ ୨୯୫, ଆସ୍ଥା ମନ୍ତ୍ରବାସିନୀ ଠାରେ ୩୫୪, ଓଁ ବାବାମଣି ଠାରେ ୨୫୨, ମା ବଡମ୍ବା ଠାରେ ୨୧୫, ମା ଦୁର୍ଗା (କ)ଠାରେ ୨୨୫, ଶିରିଡି ସାଇ ଠାରେ ୨୯୮, ଶକ୍ତି ସ୍ୱରୂପା ଠାରେ ୧୮୧ ଓ ମା ଦୁର୍ଗା ଏସଏଚଜି ଠାରେ ଗତ ଶୁକ୍ରବାର ସୁଦ୍ଧା ୧୮୪ଜଣ ଚାଷୀ ଧାନ କ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏଠାରେ ସୂଚିତ ଗୋଟିଏ ମଣ୍ଡିରେ ପ୍ରାୟତଃ ୮୦୦ ରୁ ୧୦୦୦ ଲେଖାଏଁ ଚାଷୀ ନାମ ପଞ୍ଜୀକରଣ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏବେ ଶତକଡା ୪୦ଭାଗ ମଧ୍ୟ ପୂରଣ ହୋଇପାରିନାହିଁ। ତେଣୁ ବଂଶାନୁକ୍ରମିକ ତଥ୍ୟ ପ୍ରଦାନ ନୀତିକୁ ପ୍ରତ୍ୟାହାର କରିବା ସହ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳିକରଣ ନକଲେ ଅନେକ ଚାଷୀ ସରକାରୀ ଭାବେ ଧାନ ବିକ୍ରୟ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ଜଣାପଡ଼ିଛି। ଏଭଳି ସମସ୍ୟା କେବଳ ଭଣ୍ଡାରିପୋଖରୀ ନୁହେଁ ଜିଲ୍ଲା ତମାମ ଲାଗିରହିଛି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦୃଢ ଦାବି ହୋଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଆରଡି, ୯।୮ (ସମିସ):** ଆରଡିପୀଠ ଆଖଣ୍ଡଳମଣି ବିହାର ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଜ୍ଞାନ ଭିତିକ ୬୦ଗୋଟି ପ୍ରୋଜେକ୍ଟ(ପ୍ରକଳ୍ପ) ସ୍ଥାନ ପାଇଥିଲା। ଉକ୍ତ ଦେଇଥିଲେ। ସେହିପରି ଶିଶୁ ମନ୍ଦିରର ପ୍ରତିଷ୍ଠାତା ତଥା ସମ୍ପାଦକ ସ୍ୱାଧିନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଗୁରୁଜୀ ବିଭୁତି ବିଶ୍ୱାଳ ପରିଚାଳନା କରିୱା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ବିଏସ ଏସ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ



ଜ୍ଞାନ ବିଜ୍ଞାନ ମେଳା ପ୍ରାରମ୍ଭରୁ ଶିଶୁ ମନ୍ଦିର ପରିସରରେ ପହଣା କ୍ଲଷ୍ଟରର ସିଆରସିସି ଦିଲିପ ଶେଖର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପହଣା ଜାଗୁଳାଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ ଯୋଗ ଶିକ୍ଷକ ଶିକ୍ଷକ ପଙ୍କଜ କୁମାର ସାହୁ, ଦଧିବାମନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଜ୍ଞାନବିଜ୍ଞାନ ମେଳାରେ ଗୁରୁଜୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମେଳାରେ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

## ଭଦ୍ରକାଳୀ ଡିଭାଇନ ଲାୟନ୍ସ କ୍ଲବ୍‌ର ୧୪ତମ ଅଧିଷ୍ଠାନ ଉତ୍ସବ



**ଭଦ୍ରକ, ୯।୮ (ସମିସ):** ସଂସ୍କୃତି ଭବନପରିସରେରେ ଭଦ୍ରକାଳୀ ଡିଭାଇନ ଲାୟନ୍ସ କ୍ଲବର ୧୪ତମ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ ଲାୟନ ସନ୍ତୋଷ କୁମାର ପତି ସଭାପତି ଆସନ ଅଳଙ୍କୃତ କରିଥିଲେ। ଲାୟନ ତ୍ରୈଲୋଚନ ବେହୁରିଆ ସମ୍ପାଦକ ଓ ଲାୟନ ପ୍ରଦୀପ ସାବତ କୋଷାଧକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୫-୨୬ ବର୍ଷ ପାଇଁ ସନ୍ତୋଷ କୁମାର ପତିଙ୍କ ନେତୃତ୍ୱାଧୀନ କାର୍ଯ୍ୟବାହିକାଙ୍କୁ ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଲାୟନ ପ୍ରକାଶ ଜେନା ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଲାୟନ୍ସ ଜିଲ୍ଲା ଗଭର୍ଣ୍ଣର ପ୍ରଭାତ ମହାନ୍ତି ଓ ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତି ଯୋଗଦାନ କରି ସଭାମଣ୍ଡନ କରିଥିଲେ। ଲାୟନ ପ୍ରଭାତ ମହାନ୍ତି ସମାଜ ଉପଯୋଗୀ ଆବଶ୍ୟକତାକୁ ଲକ୍ଷ୍ୟ ରଖି ସେବାକାର୍ଯ୍ୟକୁ ଲୋକାଭିମୁଖୀ କରାଇବା ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲ୍ଲାର ଦ୍ୱିତୀୟ ଭାଇସ ଗଭର୍ଣ୍ଣର ଲାୟନ ଅଶୋକ ମହାନ୍ତି ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନରେ ଯୋଗ ଦେଇଥିବା ଏଗାର ଜଣ ସଦସ୍ୟଙ୍କୁ ଶପଥପାଠ ପୂର୍ବକ ଲାୟନ ପରିବାରଭୁକ୍ତ କରାଇଥିଲେ। ଲାୟନ ପଦ୍ମନ ରାୟଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଚେୟାରମ୍ୟାନ ଲାୟନ ପ୍ରଭାତ ଧଳ ଓ ଜଏନ ଚେୟରମ୍ୟାନ ଲାୟନ ନିରଞ୍ଜନ ଲାଲ ଗୁପ୍ତା ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଲାୟନ ସତ୍ୟେନ୍ଦୁ ରାୟ ମହାପାତ୍ର ସଭା ପରିଚାଳନା କରିଥିଲେ। ଲାୟନ ଗୀତାଞ୍ଜଳି ଦ୍ୱିବେଦୀ ଲାୟନ ଅମର ମହାନ୍ତି ଓ ଲାୟନ ତିଳୋତମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଲାୟନ ତ୍ରୈଲୋଚନ ବେହୁରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଲାୟନ ପ୍ରଦୀପ ସାବତ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଲାୟନ ନାରାୟଣ ମିଶ୍ର, ଲାୟନ ରାଜେନ୍ଦ୍ର ପଣ୍ଡା, ଲାୟନ ଅକ୍ଷୟ ଘଡ଼ାଇ, ଲାୟନ ମନୋଜ ନାୟକ, ଲାୟନ କବିତା ପତି, ଲାୟନ ବର୍ଷା ମଙ୍ଗଳ ସନ୍ଧ୍ୟା, ଲାୟନ ସୁରଥ ବଳ ପ୍ରମୁଖ ସହଯୋଗ କରିଥଠିଲେ।

## ସୁଭଦ୍ରା ଯୋଜନାର ୩ୟ କିସ୍ତି ପ୍ରଦାନ

**ଭଦ୍ରକ, ୯।୮ (ସମିସ):** ଆଜି କୋରାପୁଟ ଜିଲ୍ଲା ଜୟପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନା ର ତୃତୀୟ କିସ୍ତି ପ୍ରାୟ ୧ କୋଟି ହିତାଧିକାରୀଙ୍କୁ ପ୍ରତ୍ୟେକ ୫୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଆଜି ଭଦ୍ରକ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସଭାକୁ ସମସ୍ତେ ଦେଖିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରି ରୂପାଲି ମିତ୍ର, ଭଦ୍ରକ ବିଡିଓ ରଶ୍ମୀ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ସୁଭଦ୍ରା ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

**ଅସୁରାଳି, ୯।୮ (ସମିସ):** ଧୂଷୁରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରମାପଦ ରଣା ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଚାର୍ଯ୍ୟା କଳ୍ପନା ଦେବତା, ଦମୟନ୍ତୀ ସାହୁ ଓ ରଶ୍ମିତା ସାହୁ 'ରକ୍ଷା ବନ୍ଧନ' ବିଷୟରେ ବକ୍ତବ୍ୟ ରଖିଥିଲେ। ରଶ୍ମିତା ବେହେରା ଅତିଥି ପରିଚୟ ଓ ରାଧାସ୍ମିତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଭଉଣୀମାନେ ଶିଶୁ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ପିଙ୍କିରାଣୀ ମାଝୀ, ଜ୍ୟୋତି ପ୍ରଭା ସାହୁ, ମନସ୍ମିତା ମାଝୀ, ମାନିନୀ ସାହୁ ଓ ଅନନ୍ୟା ହଜାରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜେଲ୍‌ରେ ୩୫୦ ଅନ୍ତେବାସୀଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମକୁମାରୀ



**ଭଦ୍ରକ, ୯।୮ (ସମିସ):** ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଦ୍ରକ ତରଫରୁ ଆଜି ଜିଲ୍ଲା ମୁଖ୍ୟ କାରାଗାରରେ ୩୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ରକ୍ଷା ବନ୍ଧନ କରାଯାଇଥିଲା। ଜେଲର ଚେତନା ସିଂ ଓ କର୍ମଚାରୀ ଉପସ୍ଥିତ ରହି କ୍ଷା ବନ୍ଧନ କରିଥିଲେ। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବ୍ରହ୍ମାକୁମାରୀ ଅନୁଷ୍ଠାନର ସେବା ପାଇଁ ସାଧୁବାଦ ଜ୍ଞାପନ କରିଥିଲେ। ଉକ୍ତ କାର୍ଯକ୍ରମରେ ବ୍ରହ୍ମା କୁମାରୀ ପ୍ରତିଭା, ବିକେ ଅଳକା ବିକେ ଅଜୟ, ବିକେ ଉତ୍ତମ, ବିକେ ଦିଗମ୍ବର, ବିକେ ସୌଭାଗ୍ୟ ପ୍ରମୁଖ ଉପସ୍ଥିତ ରହି ରାକ୍ଷୀ ବାନ୍ଧିବା ସହ ପ୍ରସାଦ ଓ ଜ୍ଞାନ ଯୋଗ ପଥ ପ୍ରଦର୍ଶନୀ ପୁସ୍ତକ ବଣ୍ଟନ କରିଥିଲେ। ପରେ ଭଦ୍ରକ ଏସ୍‌ପି ଅଫିସ, ଟାଉନ ଥାନା, ରିଜର୍ଭ ପୋଲିସ, ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ, ପୋଷ୍ଟ ଅଫିସ, ହସ୍ପିଟାଲ ଆଦି ଅନେକ ସ୍ଥାନରେ ବ୍ରହ୍ମାକୁମାରୀ ଭଉଣୀ ଓ ଭାଇଙ୍କ ଦ୍ୱାରା ପରମାତ୍ମାଙ୍କ ପବିତ୍ର ରାକ୍ଷୀ ବନ୍ଧା ଯାଇଥିଲା।

## ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ

**ଭଦ୍ରକ, ୯।୮ (ସମିସ):** ଭାଇ ହାତରେ ଭଉଣୀର ରାକ୍ଷୀ। ରଖେ ସାକ୍ଷୀ। ଆପଦ କାଳରେ ଭାଇ ହୁଏ ଆରକ୍ଷୀ। ପୌରାଣିକ ତଥା ଐତିହାସିକ ସତ୍ୟତା ଅବଲମ୍ବନରେ ଏଯାବତ୍ ପରମ୍ପରା ଚଳି ଆସୁଛି ବୋଲି ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ଉପଦେଷ୍ଟା ଗାନ୍ଧି ବିଚାର ମଞ୍ଚର ସଭାପତି ଶାନ୍ତନୁ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଚରମ୍ପା ରାମଚନ୍ଦ୍ର ବିହାରୀ ଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତିଥି ବୃନ୍ଦ ମତ ପୋଷଣ କରିଥିଲେ। ସମ୍ପାଦକ ବାବୁଲାଲ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାଧାପିକା ସୁକାନ୍ତୀ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ସଶ୍ରଦ୍ଧେ ରାକ୍ଷୀ ବାନ୍ଧିଥିଲେ ଚରମ୍ପାସ୍ଥ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ଅନ୍ତେବାସୀବୃନ୍ଦ। ସଭାପତି ଅଶୋକ ମହାନ୍ତି, ମୁଖ୍ୟବକ୍ତା ପ୍ରାକ୍ତନ ଅଧକ୍ଷ ଶିବରାମ ଖାମୁରାଇ, ସମ୍ମାନିତ ଅତିଥି ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଉପସଭାପତି ଶରତଚନ୍ଦ୍ର ମହାନ୍ତି, ସର୍ବୋଦୟ ମଣ୍ଡଳର ନାରାୟଣ ଚନ୍ଦ୍ର ପାଢ଼ୀ ରକ୍ଷାବନ୍ଧନ ତଥା ମେହେର ଜୟନ୍ତୀର



ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କବିତା ପାଠୋତ୍ସବରେ କବି ରମେଶ ଚନ୍ଦ୍ର ବେହେରା, ରମେଶଚନ୍ଦ୍ର ଦାସ, ବିପ୍ଳବ ହୋତା, ବୈକୁଣ୍ଠ ନାଥ ଓଝା, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ଶଶିକାନ୍ତ ବେହେରା, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଗୋକୁଳାନନ୍ଦ ରାଉତ ଯୋଗଦାନ କରିଥିବା ବେଳେ ସହଯୋଗ କରିଥିଲେ ସଂଗ୍ରାମ କେଶରୀ ଦାସ, ଜଗବନ୍ଧୁ ବାରିକ, ଆଇନଜୀବୀ ବିଜନ ଜେନା, ଅମିତା ଆଚାର୍ଯ୍ୟ, ମନୋରଞ୍ଜନ ମହାପାତ୍ର, ମହେଶ ଅଗ୍ରୱାଲ, ଅଭିମନ୍ୟୁ ବେହେରା, ନୀଳାମ୍ବର ଲେଙ୍କା। ଧନ୍ୟବାଦ ଦେଇଥିଲେ ଶରତ ଚନ୍ଦ୍ର ସାହୁ।

## ଗାଁ ଗୋହିରିରେ ଦେଶୀ ଡଙ୍ଗା; ନଦୀରେ ଦେଖିବାକୁ ମିଳୁନି

**ବାରିକପୁର, ୯।୮ (ସମିସ)**



ଏବେ ଆଉ ଆଗଭଳି ନଇ ନାଳରେ ନାଉରୀ ଡଙ୍ଗା ବାହୁଥିବା ଦୃଶ୍ୟ ଦେଖିବାକୁ ମିଳୁନାହିଁ। ସମୟସ୍ରୋତରେ ସବୁ ଯେମିତି ବଦଳି ଯାଉଛି। ବିଗତ ୨୦ ବର୍ଷ ମଧ୍ୟରେ ବଡ ବଡ଼ ନଦୀ ଠାରୁ ଆରମ୍ଭ କରି ଛୋଟ ଓ କ୍ଷୁଦ୍ର ନଦୀ ଉପରେ ଅନେକ ସେତୁ ନିର୍ମାଣ ହୋଇଥିବା ବେଳେ ଗମନାଗମନ ଅତି ସହଜ ହୋଇଛି। ଏପରିକି ଛୋଟ ଛୋଟ ନାଳରେ ମଧ୍ୟ ପୋଲ ନିର୍ମାଣ ହୋଇଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ସ୍ଥାନରେ ବିଗତ ବର୍ଷରେ ଅନେକ ସେତୁ ନିର୍ମାଣ ହୋଇଛି। ନଦୀର ବଳିଘାଇ ଠାରେ ଦୁଇଟି ସେତୁ ନିର୍ମାଣ ହୋଇଥିବା ବେଳେ ବଲ୍ଲଭୀଘାଟ, ବାଲି ପୋଖରୀ, ଆନନ୍ଦପୁର, ଷେଣ୍ଢପୁର, ହସନାବାଦ, ବଦାଳମଢ଼ିଆଳୀ ପ୍ରମୁଖ ସ୍ଥାନରେ ମଧ୍ୟ ପୋଲ ନିର୍ମାଣ ହୋଇଛି। ଏହାଛଡ଼ା ଛୋଟ ମୋଟ ଗେଙ୍ଗୁଟି, ରେବ, କପାଳୀ ଓ କୋଚିଲା ନଦୀ ଉପରେ ମଧ୍ୟ ଛୋଟ ବଡ ସେତୁ ନିର୍ମିତ ହୋଇଛି। ଗନ୍ତବ୍ୟ ସ୍ଥଳକୁ ଯିବା ସକାଶେ ଲୋକେ ଆଉ ଘଣ୍ଟା ଘଣ୍ଟା ଧରି ନଦୀ ଘାଟରେ ଡଙ୍ଗା ପାଇଁ ଅପେକ୍ଷା କରୁନାହାନ୍ତି। ଗୋଟିଏ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତରକୁ ଯାତାୟାତ ପାଇଁ ଅତି ଅଳ୍ପ ସମୟ ଲାଗୁଛି।ଅତି ସୁରୁଖୁରୁରେ ଯାନବାହାନ ଚଳପ୍ରଚଳ ମଧ୍ୟ କରୁଛି। ହାତ ଗଣତି କେତୋଟି ସ୍ଥାନକୁ ଛାଡ଼ିଦେଲେ ସମ୍ପ୍ରତି ନଦୀ ନାଳ ଗୁଡିକରେ ଆଉ ଡଙ୍ଗା ଦ୍ୱାରା ଯାତ୍ରୀ ଓ ଯାନବାହାନ ପରିବହନ ହେଉନାହିଁ। ତେଣୁ ନଦୀ ଘାଟକୁ କୂଳ ବେଉସା କରି ବଞ୍ଚୁଥିବା ନାଉରିଆ ପରିବାର ଡଙ୍ଗା ଚାଳନା ବୃତ୍ତିକୁ କେବେଠାରୁ ଛାଡି ଦେଇଛନ୍ତି। ଯାହା କେବଳ ଏବେ ନଦୀ ସଂଲଗ୍ନ ଗାଁ ଗୋହିରି ଓ କ୍ଷୁଦ୍ର ନାଳରେ ଭଙ୍ଗା ଦଦରା ମାଛଧରା ଡଙ୍ଗା ଖଣ୍ଡିଏ ଲେଖାଏଁ ଦେଖିବାକୁ ମିଳୁଛି। ବର୍ଷା ଝଡି ହେଲେ କ୍ଷୁଦ୍ର ଡଙ୍ଗା ଦ୍ୱାରା କେବଳ ମାଛଧରା କାର୍ଯ୍ୟ ହେଉଥିବା ସୂଚନା ମିଳିଛି।

### ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଜଳାଭିଷେକ ପର୍ବ

# ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ପୀଠରେ ଲକ୍ଷାଧିକ କାଉଡ଼ିଆ

ଚନ୍ଦନେଶ୍ୱର, ୯।୮ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଓ କୁମ୍ଭୀରଗଡ଼ି ଗ୍ରାମରେ ଥିବା ଏସିଆ ମହାଦେଶର ସର୍ବବୃହତ୍ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ପୀଠରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଜଳାଭିଷେକ ପର୍ବ ସମ୍ପନ୍ନ ହୋଇଛି । ଲକ୍ଷାଧିକ କାଉଡିଆ ଭକ୍ତଙ୍କ ସମାଗମ ହୋଇଥିଲା ବେଳେ ବୋଲ ବମ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା । ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରୁ ଲକ୍ଷାଧିକ କାଉଡିଆ ଭକ୍ତ ଚନ୍ଦନେଶ୍ୱରଙ୍କ ପୀଠରେ ଜଳାଭିଷେକ ପାଇଁ ସମବେତ ହୋଇଥିଲେ । ଚନ୍ଦନେଶ୍ୱର ଜିଉଙ୍କର ନୀତିକାନ୍ତି ସରିବା ପରେ ଗତକାଲି ରାତି ୮ ଟାରେ ଗର୍ଭଗୃହର ଦ୍ୱାର ଖୋଲିଥିଲା । ପରେ ଭକ୍ତମାନେ ଗର୍ଭଗୃହ ସମ୍ମୁଖରେ ଥିବା ୩ ଟି ଟିଣର ଚୁଙ୍ଗୀରେ ଜଳାଭିଷେକ କରିଥିଲେ । ଭକ୍ତମାନେ ଲମ୍ବା ଧାଡ଼ିରେ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରି ଚନ୍ଦନେଶ୍ୱରଙ୍କ ଠାରେ ଜଳାଭିଷେକ କରି ସିଂହ ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ । ଆଜି ଶନିବାର ଦିନ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଭକ୍ତ ମାନେ ଲମ୍ବା ଧାଡ଼ିରେ ମନ୍ଦିର ଭିତରକୁ ଯାଇ ଜଳାଭିଷେକ କରିଥିଲେ । ପୂର୍ବରୁ ହେଉଥିବା ବିଦ୍ୟୁତ ବ୍ୟବସ୍ଥା ଚନ୍ଦନେଶ୍ୱର ବସଷ୍ଟାଣ୍ଡ ପାଖରୁ କରଞ୍ଜାଶୋଳ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ବାଉଁଶ ଭଡା ତିଆରି ହୋଇ ଏହା ଉପରେ ଭକ୍ତମାନେ ପାଣି ଭାର ରଖୁଥିଲେ । ମାତ୍ର ଚଳିତ ଶ୍ରାବଣ ପୂର୍ଣ୍ଣିମାରେ ଅସ୍ଥାୟୀ ବାଉଁଶ ଭଡା ନ ଥିବାରୁ ଭକ୍ତ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମନ୍ଦିର ପରିସରରେ ସତ୍ୟସାଇ ସେବା ସଂଘ, ଏବିଭିପି ଛାତ୍ର ସଂଗଠନ ତରଫରୁ ସଫେଇ କାର୍ଯ୍ୟ କରିଥିବା ବେଳେ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଚିକିତ୍ସା ଶିବିରରେ ୨୦୦ ରୁ ଅଧିକ ଅସୁସ୍ଥ ଭକ୍ତ ମାନଙ୍କର ଚିକିତ୍ସା କରାଯାଇଥିବାର ଚିକତ୍ସାକାରୀ ଡାକ୍ତର ପ୍ରକାଶ କରିଛନ୍ତି । ଶ୍ରାବଣ ପୂର୍ଣ୍ଣିମାରେ ବାଲେଶ୍ୱର ଏସପି ରାଜ ପ୍ରସାଦଙ୍କ ନେତୃତ୍ୱରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ, ୭ ଜଣ ଡ଼ିଏସପି, ୩ ଜଣ ଆଡ଼ିସନାଲ ଏସପି, ଏଏସଆଇ ଓ ଏସଆଇ ୭୦ଜଣ, ୬୮ ଜଣ ହୋମଗାର୍ଡ, ୪ ଜଣ ଟ୍ରାଫିକ ପୋଲିସ, ୫୦ ଜଣ ଅଫିସର ଶ୍ରାବଣ ପୂର୍ଣ୍ଣିମାରେ ଶାନ୍ତି ଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିବା ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି । ମେଳାରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଚନ୍ଦନେଶ୍ୱର ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା, ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ମୋ?ରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ସୁପରିଚାଳନା କରିଥିଲେ ।

## ବ୍ରାଉନସୁଗର ବେପାରୀକୁ ଧରି ଅବକାରୀ ପୁଲିସ ଜିମା

ସୋର, ୯।୮ (ସମିସ): ସୋରରେ ଏବେ ବ୍ୟାପକ ମାତ୍ରାରେ ବ୍ରାଉନ ସୁଗର କାରବାର ହେଉଥିବା ବେଳେ ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମରେ ଗ୍ରାମବାସୀ ମାନେ ବେପାରୀ ଏବଂ ଖାଉଟିଙ୍କୁ ସାବାଡ଼ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ଫଳରେ ଆଜି ଅପରାହ୍ଣରେ ଜଣେ ବ୍ରାଉନ ସୁଗର ବେପାରୀକୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଛନ୍ତି । ଗତ ୩ ଦିନ ଧରି ଗ୍ରାମବାସୀ ବ୍ରାଉନ ସୁଗାର ସେବନ କରୁଥିବା ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେବା ଫଳରେ ସେମାନେ ବ୍ରାଉନ ସୁଗାର କିଣୁଥିବା ବେପାରୀଙ୍କ ନାମ କହିଥିଲେ । ଗ୍ରାମବାସୀ ତାଙ୍କ ଘରକୁ ଯାଇ ଖୋଜାଖୋଜି କରିଥିଲେ । ସେହିକ୍ରମରେ ଆଜି ଅପରାହ୍ଣରେ ଗ୍ରାମବାସୀ ବ୍ରାଉନ ସୁଗାର ବିକୁଥିବା ସେକ ରହିମତ ଅଲ୍ଲୀକୁ ଧରିଥିଲେ । ତାଙ୍କ ନିକଟରୁ ବ୍ରାଉନ ସୁଗାର ମିଳିବା ପରେ ପୁଲିସ ଏବଂ ଅବକାରୀ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ସୋର ଅବକାରୀ ଅଧିକାରୀ ସୁରଜ ଟୀଗା ଏବଂ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ରହିମତକୁ ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ । ଅବକାରୀ ପୁଲିସ ତା ନିକଟରୁ ୧୬୦ ଗ୍ରାମ ବ୍ରାଉନ ସୁଗାର ଜବତ କରି ରହିମତକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।



## ବଡରୁଆ ଆଶ୍ରମରେ ରକ୍ଷା ବନ୍ଧନ

ଭଦ୍ରକ/ବାରିକପୁର, ୯ ।୮ (ସମିସ): ଆଜି ସର୍ବତ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସନ୍ଥ ଶ୍ରୀ ଆଶାରାମଜୀ ବାପୁ ଅନୁପ୍ରାଣିତ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଭଦ୍ରକ ନିକଟ ବଡରୁଆ ଆଶ୍ରମଠାରେ ବୈଦିକ ରୀତି ନୀତି ଅନୁଯାୟୀ ଉତ୍ସବ ଆୟୋଜିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ଚରମ୍ପା ଭିନ୍ନକ୍ଷମ ବିଦ୍ୟାଳୟ ଓ ଗେଲପୁର ଭିନ୍ନକ୍ଷମ ବିଦ୍ୟାଳୟ ଠାରେ ମଧ୍ୟ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥିଲା । ସମିତି ସଭାପତି ଶିକ୍ଷାବିତ ଦୈତାରୀ ପଣ୍ଡା ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ତେବାସୀ ଭଉଣୀ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଏହି ଅବସରରେ ମିଷ୍ଟାନ୍ନ ଓ ସତ ସାହିତ୍ୟ ବଣ୍ଟନ ହୋଇଥିଲା । ଆଶ୍ରମ ସଞ୍ଚାଳିକା ବିକେ ସରସ୍ୱତୀ, ବିକେ କିଶୋର ପ୍ରମୁଖ ଥାନା ଓ ଡାକ୍ତରଖାନାରେ ପହଞ୍ଚି କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ।



## ପୋଖରୀରେ ବୁଡ଼ି ଚାଷୀ ମୃତ

ତିହିଡ଼ି, ୯।୮(ସମିସ): ତିହିଡ଼ି ଥାନା ଅଧୀନ ନୂଆନନ୍ଦ ଗ୍ରାମର ଚାଷୀ ଧନେଶ୍ୱର ଜେନା (୪୫) ପୋଖରୀରେ ଗୋଡ଼ ହାତ ଧୋଉଥିବା ବେଳେ ଖସି ପଡ଼ି ପାଣିରେ ବୁଡିଯାଇଥିଲେ । ଦମକଳ ବାହିନୀ ଓ ପୁଲିସକୁ ମଧ୍ୟ ଖବର ଦିଆଯାଇଥିଲା । ଗ୍ରାମବାସୀ ଖୋଜାଖୋଜି କରିବା ପରେ ପୋଖରୀରେ ବୁଡ଼ି ଯାଇଥିବା ଧନେଶ୍ୱରର ମୃତ ଦେହକୁ ଉଦ୍ଧାର କରିଥିଲେ । ଦମକଳ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା । ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଧନେଶ୍ୱର ଶବ ବ୍ୟବଚ୍ଛେଦ କରାଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

## ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ

ବାଲେଶ୍ୱର, ୯ ।୮ (ସମିସ): ସ୍ଥାନୀୟ ଗୋପାଳ ଗାଁ ସ୍ଥିତ ଆୟୁଷ୍ମାନ ମଣ୍ଡପରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଂସଦ ପ୍ରତାପ ଷଡ଼ଙ୍ଗୀ, ସଦର ବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପ ଜିଲ୍ଲାପାଳ ଶିବ ମାଲ୍ଲିୟ, ଉପ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଡିଏସଡବ୍ଲୁଓ ଜ୍ୟୋତ୍ସ୍ନା ମହାନ୍ତି ସହିତ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବ୍ଲକରୁ ବକ୍ତୃତା, କୁଇଜ, ପେଣ୍ଟିଂ ଓ ରଚନା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ୫ଲକ୍ଷ ୬୬ ହଜାର ୮୫୨ ହିତାଧିକାରୀ ଏହି ତୃତୀୟ କିସ୍ତିରୁ ଲାଭାନ୍ୱିତ ହୋଇଥିବା ଅତିଥିମାନେ କହିଥିଲେ ।

## ରାକ୍ଷୀ ବାନ୍ଧିଲେ ନିଶା ନିବାରଣ ପାଇଁ ଶପଥ ନେଲେ

ସୋର, ୯।୮ (ସମିସ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାକ୍ଷୀ ବନ୍ଧନ ନିଶା ନିବାରଣ କାର୍ଯ୍ୟକ୍ରମ ସୋର ଉତ୍ତରେଶ୍ୱର ସ୍ଥିତ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଥର ଶିଳ୍ପୀ ଗୋଲକ ପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ନରେନ୍ଦ୍ର ସାମଲ ଓ ଆଦର୍ଶ ଯୁବ ପରିଷଦର ସଭାପତି ପୃଥିବ ରଞ୍ଜନ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଅଭୟ ପତ୍ରୀ କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ ପ୍ରକାଶ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପସ୍ଥିତ ଆଦର୍ଶ ଯୁବ ପରିଷଦର ସଦସ୍ୟା ମାନେ ସଦସ୍ୟ ମାନଙ୍କ ହାତରେ ରାଖୀ ବାନ୍ଧି ନିଶା ନିବାରଣ ପାଇଁ ଶପଥ ନେଇଥିଲେ ।

## ନାଆମୀ ମହାବିଦ୍ୟାଳୟ +୩ରେ ଖୋଲିବ ବିଜ୍ଞାନ ଓ ବାଣିଜ୍ୟ

ଭଦ୍ରକ, ୯ ।୮ (ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟ ବିଷୟରେ + ୩ ଶିକ୍ଷା ପାଇଁ ଚଳିତ ଶିକ୍ଷା ବର୍ଷରେ ନାମ ଲେଖିବା ପାଇଁ ସୁଯୋଗ ମିଳିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ଏଥିପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ଅନୁମୋଦନ ସହ ଖୁବ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ । ଗତ ୧୯୭୮ ମସିହାରୁ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟରେ +୨ରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ରହିଥିବା ବେଳେ ସ୍ନାତକଶ୍ରେଣୀରେ କେବଳ କଳା ପାଠ୍ୟକ୍ରମ ରହିଥିଲା । ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କ ସହ ପଡୋଶୀ ବନ୍ତ ଓ ହାଟଡ଼ିହି ବ୍ଲକର ବିଭିନ୍ନ ଗ୍ରାମର ଛାତ୍ରଛାତ୍ରୀ ଘରେ ରହି କମ ଖର୍ଚ୍ଚରେ ଏହି ମହାବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସୁଯୋଗ ପାଉଥିବାରୁ ଶିକ୍ଷିତ ହାର ବଢ଼ିବାରେ ସହାୟକ ହୋଇଛି । ଏବେ ଏହି ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ଶିକ୍ଷା ପ୍ରଦାନ କରାଗଲେ ଏହିସବୁ ଅଞ୍ଚଳର ପିଲାମାନେ ଉପକୃତ ହେବେ । ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଏଥିପାଇଁ ଆନନ୍ଦ ପ୍ରକାଶ ପାଇଛି ।

### ହାଇକୋର୍ଟଙ୍କ ଛାଟ ପରେ ପୁଲିସ ତତ୍ପର

## ଅଭିଯୁକ୍ତର ସମ୍ପର୍କୀୟଙ୍କୁ ଉଠାଇ ଆଣି ଜେରା

ଧାମନଗର/ଦୋବଲ, ୯ ।୮ (ସମିସ): ଜଣେ ନାବାଳିକା ଅପହରଣ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଭର୍ତ୍ସନା ପରେ ଧାମନଗର ପୁଲିସ ତତ୍ପର ହୋଇଛି । ଅଭିଯୁକ୍ତ ଯୁବକଙ୍କ ବାପା, ମାଆ, ଭଉଣୀ ଓ ସମ୍ପର୍କୀୟଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି । ଏହାସହ ପଚରାଉଚରା କରି ଅଭିଯୁକ୍ତ ଯୁବକକୁ ଠାବ କରିବାକୁ ଚେଷ୍ଟା କରୁଛି । ଅଗଷ୍ଟ ୫ରେ ଉଚ୍ଚ ନ୍ୟାୟାଳୟ ଏହି ଅପହରଣ ମାମଲାର ଶୁଣାଣି କରିଥିଲେ । ଏହାସହ ଅମାନବୀୟ କାର୍ଯ୍ୟ ପାଇଁ ପ୍ରତ୍ୟକ୍ଷ ଭାବେ ହାଜର ହେବା ଲାଗି ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୧୧ ତାରିଖରେ କୋର୍ଟରେ ହାଜର ହେବା ଲାଗି ଧାମନଗର ଥାନାର ଏଏସ୍ଆଇ ନେପାଳ ଶାହ, ଆଇଆଇସି ଗୋପାଳକୃଷ୍ଣ ଜେନା ଓ ଏମାନଙ୍କ ଉପରିସ୍ଥ ଅଧିକାରୀ ଭାବେ ଭଦ୍ରକ ଏସ୍ପି ମନୋଜ ରାଉତଙ୍କୁ କୁହାଯାଇଛି । ଗତ ଜୁନ୍ ମାସ ୨୫ ତାରିଖରେ ଧାମନଗର ଥାନାରେ କେଶ୍ ନମ୍ବର ୨୨୫ରେ ରୁଜୁ ହୋଇଥିବା ନାବାଳିକା ଅପହରଣ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଆର. ପାଠକ ଏହି ନିର୍ଦ୍ଦେଶ ଦେଇଛନ୍ତି । ଧାମନଗର ଅଞ୍ଚଳର ଜଣେ ନାବାଳିକାକୁ ଧାମନଗର ଏନ୍ଏସ ତାଳପଦା ଅଞ୍ଚଳର ଯୁବକ ରାଜେଶ ଯେନା ୧୭ ଜୁନ୍ ୨୦୨୫ ବିଳମ୍ବିତ ରାତିରେ ଅପହରଣ କରିନେଇଥିଲେ । ଏନେଇ ସମ୍ପୃକ୍ତ ନାବାଳିକାଙ୍କ ବାପାମାଆ ୧୮ ଜୁନରେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୁଲିସ ମାମଲା ରୁଜୁ କରି ଚୁପ୍ ବସିଥିଲା । ପରେ ନାବାଳିକାଙ୍କ ବାପା ମାଆ ଜିଦ କରିବାରୁ ନେପାଳ ତାଙ୍କୁ କିଛି ଟଙ୍କା ଦେବାକୁ ଦାବି କରିଥିଲେ । ଟଙ୍କା ଦେଲେ ଆମେ ଯାଇ ଝିଅକୁ ଧରିବୁ ବୋଲି କହିଥିଲେ । ପୁଲିସ ପାଖରୁ ନିରାଶ ହୋଇ ନାବାଳିକାଙ୍କ ବାପା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଘଟଣାକୁ ଗୁରୁତ୍ୱ ସହ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ଏହାସହ ପ୍ରତ୍ୟକ୍ଷ ହାଜର ହେବା ଲାଗି ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବାମପଦା କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ନେଇ ରକ୍ଷାବନ୍ଧନ ଉତ୍ସବ



ବାଲେଶ୍ୱର, ୯।୮ (ସମିସ): ସାମାଜିକ ଅନୁଷ୍ଠାନ ଈଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ତଥା ବୈଦ୍ୟୁତିକ ଗଣମାଧ୍ୟମ ଶ୍ରୀଈଶ୍ୱର ଟିଭି ପରିବାର ପକ୍ଷରୁ ସ୍ୱର୍ଗତ ଶୁଭଙ୍କର ସ୍ମୃତିରେ ବାମପଦା ସ୍ଥିତ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ନେଇ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଶୋକସଭା ମୁଖ୍ୟ ଟ୍ରଷ୍ଟି ତଥା ସାମ୍ବାଦିକ ଲୋକନାଥ ପିରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ସରସ୍ୱତୀପୁର ପଞ୍ଚାୟତର ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁ, ଯୁବ ସଂଗଠକ ବିକାଶ ପାଢ଼ୀ, ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀଧର ଗାଣ ପ୍ରମୁଖ ଯୋଗଦେଇ ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରିଙ୍କ ତୈଳ ଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଟ୍ରଷ୍ଟର ସଦସ୍ୟ ଓ ସଦସ୍ୟାଙ୍କ ମଧ୍ୟରେ ସଭାପତି ସରୋଜ କୁମାର ସାହୁ, ଅମିତା ପିରି, ଶକ୍ତି କୁମାର ଦାସ, ମଞ୍ଜୁଲତା ଦାସ, ଶୁସ୍ନେହା ମହାରଣା, ଶ୍ରୀଅଂଶୀ ମହାରଣା, ପ୍ରିତିଲତା ପିରି ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ ।

## ବିନା ହେଲମେଟଧାରୀଙ୍କୁ ପିନ୍ଧାଇଲେ ସୁରକ୍ଷା ଡୋରି



ବାଲେଶ୍ୱର, ୯।୮ (ସମିସ): 'ଭାଇ ତୋତେ ମୋର ରହିଲା ରାଣ ସଡକ ସୁରକ୍ଷା ନିୟମ ମାନ' ବାର୍ତ୍ତା ଦେଇ ରାଖି ପୂର୍ଣ୍ଣିମାରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅଭିନବ ପ୍ରୟାସ କରାଯାଇ ସଡ଼କ ସୁରକ୍ଷା ନିୟମ ମାନିବାକୁ ରାଣ ପକାଇ ଏକ କାର୍ଡ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ବାର୍ତ୍ତା ଦେଇ ବାଲେଶ୍ୱରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମଧ୍ୟ ଏପରି ଅଭିନବ ପ୍ରୟାସ କରାଯାଇଛି । ବିଶେଷକରି ହେଲ୍ମେଟ୍ ପିନ୍ଧିନଥିବା ଲୋକଙ୍କୁ ଅଟକାଇ ସେଫ୍ଟି ବ୍ୟାଣ୍ଡ ତଥା ସୁରକ୍ଷା ଡୋରି ପିନ୍ଧାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ସ୍କୁଲ୍ ଛାତ୍ରୀମାନେ ସାମିଲ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ଦଳବେହେରା କହିଛନ୍ତି ।

## ରକ୍ଷା ବନ୍ଧନ ଓ ଚାରାବଣ୍ଟନ କାର୍ଯ୍ୟକ୍ରମ

ଅସୁରାଳି, ୯ ।୮ (ସମିସ): ଧୂଷୁରୀ ସ୍ଥିତ ହୃଦାନନ୍ଦ ପାଠାଗାରରେ କ୍ରାନ୍ତି ଦିବସ ଉପଲକ୍ଷେ ଅନୁକମ୍ପା ମହିଳା ସଙ୍ଗଠନ ପକ୍ଷରୁ ରକ୍ଷା ବନ୍ଧନ ଓ ଚାରାବଣ୍ଟନ କାର୍ଯ୍ୟକ୍ରମ ଧୂଷୁରି ପ୍ରେସ ୟୁନିଅନ ସଭାପତି ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ବରିଷ୍ଠ ବିଜେପି ଜିଲ୍ଲା ଉପ ସଭାପତି ଚତୁର୍ଭୁଜ ନାୟକ ମୁଖ୍ୟ ଅତିଥି, ଧୂଷୁରୀ ଥାନା ଏଏସଆଇ ଆଶିଷ କୁମାର ଦେଓ, ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର, ସହ ସମ୍ପାଦକ ଲକ୍ଷ୍ମୀନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରକ୍ଷା ବନ୍ଧନ ଯୁଗେଯୁଗେ ଭାଇ ଭଉଣୀଙ୍କ ଅତୁଟ ବନ୍ଧନର ଗାଥା ଗାଇଥାଏ । ଏହି ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ମହିଳା ସଙ୍ଗଠନର ସଭାନେତ୍ରୀ କବିତା ସାହୁ, ଉପ ସଭାନେତ୍ରୀ ନମିତା ପଣ୍ଡା, ସହ ସମ୍ପାଦିକା ବିମଳା ନାଥ, ଯୁଗ୍ମ ସହ ସମ୍ପାଦିକା ଗୀତାଞ୍ଜଳି ମଲ୍ଲିକ ପ୍ରମୁଖ ଅତିଥିଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ।



## ଚୋରି ସାମଗ୍ରୀ ଜବତ; ଜଣେ ଗିରଫ, ୩ ଅଟକ

ଧାମନଗର, ୯ ।୮ (ସମିସ): ଧାମନଗର ଅଞ୍ଚଳରେ ବିଭିନ୍ନ ଦେବା ଦେବୀ ମନ୍ଦିରରୁ ଠାକୁରଙ୍କ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ଅହରହ ହେଉଛି । ବିଭିନ୍ନ ସମୟରେ ପୁଲିସ ସନ୍ଧାନୀ କୁକୁର ନେଇ ତଦନ୍ତ କରି ଫେରିଆସନ୍ତି; କୌଣସି ସୁଫଳ ମିଳିଲାନି । ଏପରି ମଧ୍ୟ ଧାମନଗର ଅଞ୍ଚଳରୁ କିଛି ଚୋର ମଧ୍ୟ ଭଣ୍ଡାରିପୋଖରି ଅଞ୍ଚଳରେ ବିଭିନ୍ନ ମନ୍ଦିରରୁ ଚୋରିସହ ବିଭିନ୍ନ ଗାଡ଼ିରୁ ମଧ୍ୟ ବ୍ୟାଟେରୀ ଚୋରିବୃଦ୍ଧି ପାଉଛି । ଏସ୍ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ଥାନା ଅଧିକାରି ଗୋପାଳ ଜେନା ଓ ଭଣ୍ଡାରିପୋଖରୀ ଥାନାଧିକାରୀ କମଳାକାନ୍ତ ଦାସଙ୍କ ମିଳିତ ଭାବେ ଚଢଉ କରିଥିଲେ । ଏହି ଘଟଣାରେ ଧାମନଗର ଅଞ୍ଚଳର କାଜିମହଲା ର ଜଣେ ଚୋରକୁ ଗିରଫ କରାଯାଇଛି । ତା ଠାରୁ ବିପୁଳ ମନ୍ଦିରର ସାମଗ୍ରୀ ଜବତ କରାଯାଇଛି । ପୁଲିସ ଏହି ଘଟଣାରେ ସନ୍ଦେହ କରି ତିନି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା

ଅସୁରାଳି, ୯ ।୮ (ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ସାଆଁଳପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦୁର୍ଯ୍ୟୋଧନ ସାହୁଙ୍କ ଏକାଦଶାହ ଅବସରରେ ତାଙ୍କର ପୈତୃକ ଗ୍ରାମ ଜଗନ୍ନାଥ ବାଡ଼ି ଗାଁରେ ଏକ ସ୍ମୃତିଚାରଣ ସଭା ଅଧ୍ୟାପକ ରବୀନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କୁ ଭଲ ପାଉଥିବା ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ପୂର୍ବତନ ସରପଞ୍ଚ ଅନିଲ ଦାସ, ବରିଷ୍ଠ ସମାଜସେବୀ ଭାଗିରଥି ମହାନ୍ତି, ଯୁବନେତା ରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ମହାନ୍ତି, ବରିଷ୍ଠ ନାଗରିକ ନିମାଇଁ ବାରିକ, କାଶୀନାଥ ମହାନ୍ତି, କିଶୋର ମହାନ୍ତି, ଶିକ୍ଷୟିତ୍ରୀ ମାଳତୀ ସାହୁ, ଚିତ୍ରଭାନୁ ଦାସ, ବରିଷ୍ଠ ସମାଜସେବୀ ରମେଶ ଚନ୍ଦ୍ର ବେହେରା, ସମାଜସେବୀ ରତ୍ନାକର ବେହେରା, ପୀତାମ୍ବର ପରିଡ଼ା, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ତ୍ରିଲୋଚନ ଦାସ, ଶିକ୍ଷା ଅଧିକାରୀ ସତ୍ୟ ସୁନ୍ଦର ପରିଡ଼ା, ଶିକ୍ଷକ ଅଜୟ କୁମାର ବେହେରା, ମାର୍କଣ୍ଡ ଜେନା, ରତ୍ନାକର ବେହୁରିଆ ଓ ଯୁବ ସମାଜସେବୀ ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରି ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ସ୍ମୃତି ଚାରଣ କରିଥିଲେ । ଶେଷରେ ଶିକ୍ଷାବିତ ରାମଚନ୍ଦ୍ର ସାହୁ କୃତଜ୍ଞତା ଅର୍ପଣ କରିଥିଲେ ।

## ଅତିରିକ୍ତ ଜିଲ୍ଲାପାଳଙ୍କୁ ସିପିଆଇ(ଏମ) ର ଦାବିପତ୍ର



ଭଦ୍ରକ, ୯ ।୮ (ସମିସ): ଗୋପାଳପୁର ସମୁଦ୍ର ବେଳାଭୂମି ଛାତ୍ରୀ ଧର୍ଷଣ ଘଟଣା, ଚନ୍ଦକା ଅଭୟାରଣ୍ୟ ଭିତରେ ମହିଳା ଦୁଷ୍କର୍ମ, ଚାନ୍ଦିପୁର ବେଳାଭୂମିରେ ମହିଳା ଧର୍ଷଣ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆନୁଷ୍ଠାନିକ ହତ୍ୟା ଘଟଣା, ବଲଙ୍ଗା ଛାତ୍ରୀ ହତ୍ୟା ଘଟଣା, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡ଼ା କଲେଜରେ ଅଧ୍ୟୟନ କରୁଥିବା କାଠୁଆପଡ଼ା ଗ୍ରାମର ଛାତ୍ରୀ ଙ୍କ ଆତ୍ମହତ୍ୟା ଘଟଣାରେ ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ, ଦ୍ରୁତ ବିଚାର ପ୍ରକ୍ରିୟା ମାଧ୍ୟମରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ସମ୍ପୃକ୍ତ ପୁଲିସ ଅଫିସର, ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଏଫ୍ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବାଲେଶ୍ୱର ସଦର ବିଧାୟକ ଓ ବାଲେଶ୍ୱର ସାଂସଦଙ୍କୁ ନ୍ୟାୟିକ ତଦନ୍ତ ପରିସରଭୁକ୍ତ କରିବା, ପୀଡିତା ଓ ମୃତକାଙ୍କ ପରିବାର ଗୁଡିକୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବା ଆଦି ନେଇ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କୁ ପ୍ରଦାନ କରିଛନ୍ତି । ଦାବି ପୂରଣ ନହେଲେ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନସୁଧୁରିଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ପ୍ରତିନିଧି ଦଳ ତାଙ୍କ ଦାବିପତ୍ରରେ ଚେତାବନୀ ଦେଇଛନ୍ତି ।

### ଅନ୍ଧ ବିଶ୍ୱାସର କରୁଣ ପରିଣତି

## ଘର ଛାଡ଼ି ମନ୍ଦିରରେ ଆଶ୍ରୟ ନେଲେ ପରିବାର

ନୀଳଗିରି/ପଞ୍ଚଲିଙ୍ଗେଶ୍ୱର, ୯।୮ (ସମିସ)



ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାରର ୫ ସଦସ୍ୟ ଘର ଛାଡ଼ି ନୀଳଗିରି ଜଗନ୍ନାଥ ମନ୍ଦିର ପରେ ରାଧାକିଶୋର ମନ୍ଦିରରେ ଆଶ୍ରୟ ନେଇ ପୂଜାର୍ଚ୍ଚନା କରୁଥିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ।

ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ୧ ନମ୍ବର ୱାର୍ଡ ପାତ୍ରସାହିର ସ୍ୱର୍ଗତ ମହେଶ୍ୱର ପାତ୍ରଙ୍କ ସ୍ତ୍ରୀ ଉମାମଣୀ ପାତ୍ର, ପୁତ୍ର ଭରତ କୁମାର ପାତ୍ର (୨୫), ବାଉଁଶବଣିଆ ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କ ବିବାହିତା ବଡ଼ଝିଅ ଅନିତା ମଲ୍ଲିକ, ସାନ ଝିଅ ସବିତା ପାତ୍ର ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ଉପରେ ଅପାଣିଆ ନାମକ ଏକ ସ୍ପିରିଟ ଗତ ଦୁଇ ମାସ ଧରି ଆସୁଥିଲା । ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ପରେ ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ଗୁଣିଆଙ୍କୁ ଆଣି ଦେଖାଇ ପୂଜାର୍ଚ୍ଚନା କରିଥିଲେ । ପୂଜା କରିବା ପରେ ବାଡ଼ିର ମାଟି ତଳୁ ୫ଟି କଳସ ବାହାରି ଥିଲା । ଆଉ ଦୁଇଟି କଳସ ମାଟିତଳେ ଥିବା କଥା ଗୁଣିଆ କହିଥିଲେ । ପରେ ଗୁଣିଆ ଅଧାରୁ ପୂଜା କରି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ ।

ପରିବାରବର୍ଗଙ୍କ କହିବା ଅନୁଯାୟୀ, ସେମାନଙ୍କର ପୂର୍ବରୁ ତାଙ୍କ ଘରେ କୌଣସି ନା କୌଣସି ଅଘଟଣ ଘଟିଛି । ଗାଁରେ ଠାକୁରାଣୀ ଓ ଦେବା ଦେବୀଙ୍କୁ ପୂଜା ଅର୍ଚ୍ଚନା ବୃତ୍ତି ବୋଲି ସାଧାରଣରେ ଜଣାପଡ଼ିଛି । ତେଣୁ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ ଘଟଣାର ତଦନ୍ତ କରି ବୁଝାସୁଝା କରି ଗାଁକୁ ପଠାଇ ଥିଲେ । ପରେ ଉକ୍ତ ପରିବାର ଲୋକଙ୍କ ଉପରକୁ ସ୍ପିରିଟ ଆସି ସମସ୍ତଙ୍କୁ ମାରିଦେବାକୁ ଧମକ ଦେଉଥିଲା ବେଳେ ଜ୍ୱର ହୋଇ ଆଉ ଛାଡ଼ି ନଥିଲା । ଉପାୟ ନ ପାଇ ଜୀବନ ବିକଳରେ ଗତ ୮ ତାରିଖ ଦ୍ୱିପ୍ରହରରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ଆଶ୍ରୟ ନେଇଥିବା ବେଳେ ସନ୍ଧ୍ୟାରୁ ନିକଟସ୍ଥ ରାଧା କିଶୋର ଜୀଉ ମନ୍ଦିରରେ ସପରିବାର ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି । ଅପାଣିଆ କୋପ ଦୃଷ୍ଟିରୁ ମୁକୁଳିବା ପାଇଁ ଗତ କାଲି ଠାରୁ ଖବର ଲେଖା ହେବା ବେଳକୁ ରାଧାକିଶୋର ମନ୍ଦିରରେ ସପରିବାର ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି ।

ଡ୍ରଗ୍ସ କାରବାରରେ ୮ ଗିରଫ

# ୧୪୬ ଗ୍ରାମ ବ୍ରାଉନ୍‌ସୁଗର ଜବତ

କେନ୍ଦୁଝର, ୯।୮ (ସମିସ)



କେନ୍ଦୁଝର ସଦର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବ୍ରାଉନସୁଗର କାରବାରରେ ଜଡିତ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଅମିତ ସାହୁ(୩୬), ଗୋବର୍ଦ୍ଧନ ଗ୍ରାମର ସୁଧିରଚନ୍ଦ୍ର ବେହେରା(୩୭), ବନାଯୋଡି ଗ୍ରାମର ଶାନ୍ତନୁ ବ୍ରହ୍ମ(୪୫), ଟାଉନ ଥାନା ଅନ୍ତର୍ଗତ ମାଇନିଂ ରୋଡ ନିର୍ମଳା କନଭେଣ୍ଟ ସ୍କୁଲ ନିକଟ ବିଶ୍ୱଜିତ୍ ତ୍ରିପାଠୀ(୨୬), ଭାଲୁକିପତଳାର ଶ୍ରବଣ ସାହୁ(୩୦), ବୁଲାଦୁଆର ସାହିର ସାହାରୁଖ ଖାନ(୩୨), ବାବୁଲାଲ କଲୋନୀର ଅଜନ୍ତା ହୋଟେଲ ନିକଟ ସାହିଲ ଖାନ(୨୯), ଡୁରୁମୁଙ୍ଗା ଥାନାଞ୍ଚଳର ଡୁରୁମୁଙ୍ଗା ସାହିର ଅନିଲ ସାହୁ(୩୬)। ସେମାନଙ୍କଠାରୁ ୧୪୬ ଗ୍ରାମର ବ୍ରାଉନସୁଗର, ୪୯୦୦ ଟଙ୍କା, ଗୋଟିଏ ବୁଲେଟ ସହ ୩ଟି ବାଇକ, କାର ଏବଂ ୬ଟି ମୋବାଇଲ ଫୋନ ଜବତ କରିଛି। କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଗତ ୮ ତାରିଖ କେନ୍ଦୁଝର ସଦର ପୁଲିସ ଓ ସ୍ପେସାଲ ସ୍କ୍ୱାଡ ବ୍ରାଉନସୁଗର କାରବାର କରୁଥିବା ଅମିତ ସାହୁ ଓ ସୁଧିରଚନ୍ଦ୍ର ବେହେରାଙ୍କୁ ବାଲିଆଗୋଡା ଛକରୁ ଧରିଥିଲେ। ପୋଲିସ ସେମାନଙ୍କଠାରୁ ୧୪୬ ଗ୍ରାମର ବ୍ରାଉନ ସୁଗାର ଏବଂ ବାଇକ ଜବତ୍ କରିଥିଲା। ବ୍ରାଉନସୁଗର ଅନୁଗୁଳ ଅଞ୍ଚଳରୁ ଆସୁଥିବା ଏବଂ ଅନ୍ୟ ଅଭିଯୁକ୍ତଙ୍କ ଜରିଆରେ ସଦର, ଟାଉନ ଏବଂ ଡୁରୁମୁଙ୍ଗା ଥାନାଞ୍ଚଳରେ ବିକ୍ରି ହେଉଥିବା କହିଥିଲେ। ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନାଧିକାରୀ ଅମିତ ଭୂୟାଁ ସୂଚନା ଦେଇଛନ୍ତି। ଜବତ୍ ୧୪୬ ଗ୍ରାମର ବ୍ରାଉନ ସୁଗାରର ଅନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ।

## ରକ୍ଷାବନ୍ଧନ ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



ବୈଶିଙ୍ଗା, ୯।୮ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମପଞ୍ଚାୟତ ଅଧୀନ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ରକ୍ଷାବନ୍ଧନ ଓ ପରିବେଶ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ନିକଟସ୍ଥ ଶାଳ ଜଙ୍ଗଲରେ ଶତାଧିକ ବୃକ୍ଷରେ ରାକ୍ଷୀ ବାନ୍ଧି ସମାଜକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା ଛାତ୍ରଛାତ୍ରୀ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଭାଇ ଭଉଣୀଙ୍କ ପବିତ୍ର ସଂପର୍କର ଡୋର ସମ୍ବନ୍ଧରେ ଆଲୋଚନା କରିଥଲେ। ଏଥିସହିତ ସହିତ ପ୍ରଭୁ ଶ୍ରୀ ବଳଭଦ୍ରଙ୍କ ଜନ୍ମ ବୃତ୍ତାନ୍ତ ଉପସ୍ଥିତ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଶୁଣାଇଥିଲେ। ଶିକ୍ଷକ ହରେକୃଷ୍ଣ ମହାନ୍ତ ଓ ଶୁଭବନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ରକ୍ଷା ବନ୍ଧନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରୀ ପ୍ରୀତି ପ୍ରତୀକ୍ଷା ବାରିକ୍ ଓ କୃଷ୍ଣାରାଣୀ ଜେନା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ବନସୁରକ୍ଷା ସମିତିର ରକ୍ଷାବନ୍ଧନ ଉତ୍ସବ



କରଞ୍ଜିଆ, ୯।୮ (ସମିସ): କରଞ୍ଜିଆ ବନଖଣ୍ଡ ଅଧୀନ ସିଙ୍ଗଡ଼ା ସେକସନର ବନ ସୁରକ୍ଷା ସମିତି ପକ୍ଷରୁ ଶନିବାର କଦାଡ଼ିହା ନିକଟ ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷରେ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ବନ ସୁରକ୍ଷା ସମିତିର ଦେବେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନପାଳ ହରିଶ ବେହେରା, ଯାଜ୍ଞସେନୀ ମହାନ୍ତ, ମହେଶ୍ୱର ମହାନ୍ତ, ମଧୁସ୍ମିତା ନାୟକ, ଗୋଲାପ ମହାନ୍ତ, ବିମଳା ମହାନ୍ତ, ପିଙ୍କି ନାୟକ, ଲିପୁ ନାୟକ ପ୍ରମୁଖ ଗ୍ରାମବାସୀ ବୃକ୍ଷରେ ରାକ୍ଷୀ ବାନ୍ଧି ଜଙ୍ଗଲ ସମ୍ପଦର ରକ୍ଷା କରିବା ଲାଗି ଶପଥ ନେଇଥିଲେ। ପୂଜକ ଅନାମ ଦେହୁରୀ ପ୍ରଥମେ ଶାଳ ଗଛକୁ ପୂଜା କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଫରେଷ୍ଟର ବେହେରା, ଯାଜ୍ଞସେନୀ, ଦେବେନ୍ଦ୍ର ମହାନ୍ତ ବୃକ୍ଷରେ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଫରେଷ୍ଟର, ଦେବେନ୍ଦ୍ର ମହାନ୍ତ, ଓ ସାମ୍ବାଦିକ ଶ୍ରୀ ଦାସ ଉପସ୍ଥିତ ଥିଲେ। ଜଙ୍ଗଲ କିପରି ସୁରକ୍ଷା କରାଯାଇ ପାରିବ ଓ ଆଗାମୀ ଦିନରେ ବୃକ୍ଷଟିଏ ପାଇଁ ରକ୍ତଦାନ ଶିବିରର ଆୟୋଜନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

## ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ

କେନ୍ଦୁଝର, ୯।୮ (ସମିସ)



ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୁଖ୍ୟଅତିଥି ଭାବେ ଧନୁର୍ଜୟ ନାରାୟଣ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସ୍କାଉଟ, ଗାଇଡ ଓ ଏନ୍‌ସିସି ଛାତ୍ରଛାତ୍ରୀ ମହାପୁରୁଷମାନଙ୍କଠାରେ ମାଲ୍ୟାର୍ପଣ କରିଥିଲେ। ଲମ୍ବୋଦର ମହାନ୍ତ, ସନ୍ତୋଷ କର, ପ୍ରଦୀପ ଦାସ ଓ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

ସେହିପରି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିରରେ ଗୋ-ପୂଜନ ଓ ରକ୍ଷା ବନ୍ଧନ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ରଥ, ବକ୍ତା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ ଯୋଗ ଦେଇଥିଲେ। ଫକିର ମୋହନ ମହାନ୍ତ, ବିନତା ସାହୁ, ସୁଶ୍ରୀ ଅଞ୍ଜଳି ସାହୁ, ପଦ୍ମିନୀ ସାହୁ, ରେବତୀ ସାହୁ, ରେଣୁବାଳା ସାହୁ, ଗାୟତ୍ରୀ ମହାନ୍ତ, ଚିନ୍ମୟୀ ପ୍ରଧାନ, ସ୍ନେହଲତା ବେହେରା, ସରୋଜିନୀ ବେହେରା, ଶର୍ମିଷ୍ଠା ମହାନ୍ତ, ବୀଣାପାଣି ଗିରି, ସଂଯୁକ୍ତା ମହାନ୍ତ, ସାଗରିକା ସାହୁ, ମନ୍ଦାକିନୀ ଦେହୁରୀ, ଦୀପାରାଣୀ ସାହୁ, ରଶ୍ମି ନାୟକ, ଗୁରୁଜୀ ସୁରେଶ ଷଡ଼ଙ୍ଗୀ, ଦିବ୍ୟରଞ୍ଜନ ମହାନ୍ତ, ପ୍ରମୋଦ ରାଉତ, ସହଦେବ ସାହୁ, ସୁଶାନ୍ତ ଖଟୁଆ, ପର୍ଶୁରାମ ନାଏକ, ଗୋଲକ ଦେହୁରୀ, ଅର୍ଜୁନ ଚରଣ ସାହୁ, ସେବକ ସନ୍ତୋଷ ସାହୁ, ସେବିକା ସବିତା ଦେହୁରୀ, ଗୀତା କାରୁଆ ପ୍ରମୁଖ ସହଯୋଗ କରିଥିଲେ।

**ଡୁରୁମୁଙ୍ଗା:** ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କୁ ଶନିବାର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ମହିଳାମାନେ ରାକ୍ଷୀ ବାନ୍ଧିଛନ୍ତି। ଡୁରୁମୁଙ୍ଗାସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ପହଞ୍ଚି ମହିଳାମାନେ ବିଧାୟକଙ୍କ ହାତରେ ସମ୍ପର୍କ ଡୋରିର ପ୍ରତୀକ ଭାବରେ ରାକ୍ଷୀ ବାନ୍ଧି ପବିତ୍ର ଶୁଭେଚ୍ଛା ଜଣାଇଥିଲେ।

ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱର୍ଣ୍ଣକ୍ଷେତ୍ର ଗଦଗଦିରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଉପସଭାପତି ପଦନ ନାଏକ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତଚରଣ ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରଜିତ ମୁନିଙ୍କ ନେତୃତ୍ୱରେ ୧୨ଟି ଗ୍ରାମକୁ ଯାଇ ପ୍ରେତ୍ୟେକ ପରିବାରରେ ରାକ୍ଷୀ ବାନ୍ଧିଥିଲେ। ଶିଶୁମାନେ ଡାକ୍ତରଖାନା, ବ୍ୟାଙ୍କ କର୍ମଚାରୀ ଆଦିଙ୍କୁ ରାକ୍ଷୀ ବାନ୍ଧିବା ସହିତ ଗୋମାତାଙ୍କୁ ଏବଂ ବୃକ୍ଷ ଦେବତାଙ୍କୁ ରାକ୍ଷୀ ବାନ୍ଧି ଜନ ସାଧାରଣଙ୍କୁ ପର୍ଯ୍ୟାବରଣ ଓ ଗୋ ବଂଶର ସୁରକ୍ଷା ବିଷୟରେ ଲୋକମାନଙ୍କୁ ସଚେତନ କରିଥିଲେ। ସହପ୍ରଧାନଆଚାର୍ଯ୍ୟ ଦଶରଥ ମହାନ୍ତ, ଗୁରୁମା ମନିଷା ସାହୁ, ଗୁରୁଜୀ ସନାତନ ମହାନ୍ତ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅନ୍ୟାନ୍ୟ ସେବାରତୀ ସାମିଲ ହୋଇଥିଲେ।

**ଯୋଡ଼ା:** କେନ୍ଦୁଝର ଜିଲ୍ଲା ଯାଦବ ମହାସଭାର ପକ୍ଷରୁ ଜିଲ୍ଲା ଯାଦବ ମହାସଭା ସଂସ୍କୃତି ବିଭାଗ ଜିଲ୍ଲା ସଂଯୋଜକ ଏବଂ ଯୋଡା ବ୍ଲକ ଯାଦବ ସମିତି ତଥା ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ଦଶରଥ ବାରିକଙ୍କ ତତ୍ତ୍ୱାବଧାନରେ କାଟେସାହି ସଙ୍କଟ ମୋଚନ ହନୁମାନ ମନ୍ଦିରରେ ବଳଦେବ ଜନ୍ମୋତ୍ସବ ତଥା ଗହ୍ମା ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ଦ୍ୱାରା ମନ୍ଦିରରେ ନୂତନ ଭାଗବତ ଗାଦି ସ୍ଥାପନ କରାଯାଇ ଏକ ଭାଗବତ ଟୁଙ୍ଗି ଉନ୍ମୋଚନ କରାଯାଇଛି। ଭାଗବତ ପାରାୟଣ ଆରମ୍ଭ କରିଥିଲେ ପୁରାଣ ପଣ୍ଡା ବଳରାମ ଦେବତା। ଆଚାର୍ଯ୍ୟ ଦାଶରଥି ପ୍ରଧାନ ବଳରାମ ଜନ୍ମ ଉତ୍ସବ ଆନୁକୂଲ୍ୟରେ ବଳଭଦ୍ର ଜନ୍ମ ପ୍ରସଙ୍ଗ ଆଲୋଚନା କରିଥିଲେ। ମନ୍ଦିର ପରିସରରେ ଗୋ-ପୂଜା କରାଯାଇଥିଲା। ପରେ କାଟେସାହି ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସମାବେଶରେ ରକ୍ଷାବନ୍ଧନ ମହୋତ୍ସବ ପାଳନ କରାଯାଇଥିଲା। କେନ୍ଦୁଝର ଜିଲ୍ଲା ଡିଏଫ୍‌ଓ ଯୋଗାଇ ଦେଇଥିବା ଫଳବୃକ୍ଷ ରୋପଣ କରାଯିବା ସହ ବୃଦ୍ଧବୃଦ୍ଧାଙ୍କୁ ଛତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା କ୍ଷେତ୍ରବାସୀ ମହାକୁଡ, ପୁରୁଷୋତ୍ତମ ଦାସ, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସହକାରୀ ସମ୍ପାଦକ ଅକ୍ଷୟ ଦାସ, ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପ୍ରସନ୍ନ ଦାସ, ମହେଶ୍ୱର ଘଣା ଯାଦବ, ଧବଳେଶ୍ୱର ନାୟକ, ଡବର ମୁଣ୍ଡା ସହଯୋଗ କରିଥିଲେ।

ସରକାର ଓ ପ୍ରଶାସନର ଅବହେଳା

## ରାସ୍ତା ମରାମତି ପାଇଁ ବିଡିଓଙ୍କୁ ଛାତ୍ରଙ୍କ ନିବେଦନ

ବେତନଟୀ, ୯।୮ (ସମିସ): ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହା କେବଳ କାଗଜକଲମରେ ସୀମିତ ରହିଛି। ବିଶେଷକରି ଏହି ବ୍ଲକରେ ରାସ୍ତାଘାଟ ଅବସ୍ଥା ଅତି ଗୁରୁତର ଅବସ୍ଥାରେ ରହିଛି। ବୈଶିଙ୍ଗା-ମାଣତ୍ରୀ ରାସ୍ତାର ପଦ୍ମପୁର ଛକଠାରୁ ଦଲଦଲି ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ୨୫ ବର୍ଷ ପୂର୍ବେ ଅଧା ମେଟାଲ ଓ ଅଧା ମୋରମ ପକାଇ ନିର୍ମାଣ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇନାହିଁ। ଏହି ରାସ୍ତା ଦେଇ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟକୁ ପ୍ରତିଦିନ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ସାଇକଲ ଏବଂ ପାଦରେ ଚାଲି ଚାଲି ଯାତାୟାତ କରନ୍ତି। ଏଥିସହିତ ଏହି ଅଞ୍ଚଳରେ ପରିବା ଚାଷ ପ୍ରଚୁର ହେଉଥିବାରୁ ଚାଷୀମାନେ ସାଇକଲରେ ପରିବା ବୋଝେଇ କରି ବୈଶିଙ୍ଗା ଓ ନିକଟବର୍ତ୍ତୀ ବଜାରକୁ ନେଇଥାନ୍ତି। କିନ୍ତୁ ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ଚାଷୀ ବଜାରକୁ ଯିବା ବହୁ କଷ୍ଟକର ହେଉଛି। ଏବେ ରାସ୍ତାସାରା କାଦୁଅ ପଚ ପଚ ହୋଇଥିବାରୁ ପିଲାମାନେ ପଡି ଖଣ୍ଡିଆ ଖାବାରା ହେଉଥିବା ନିଜର ରହିଛି। ରାସ୍ତା ଅବସ୍ଥା ନେଇ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଓମ୍ କ୍ରିଷ୍ଣା ମହାର୍ଣ୍ଣ ବିଡିଓଙ୍କୁ ଆକୁଳ ନିବେଦନ କରିଛନ୍ତି। ସ୍ଥାନୀୟ ଜନସାଧାରଣ ମଧ୍ୟ ଏହି ରାସ୍ତାର ମରାମତି ବା ନିର୍ମାଣ ପାଇଁ ଜୋରଦାର ଦାବି କରିଛନ୍ତି। ଶୀଘ୍ର ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର, ୯।୮ (ସମିସ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ୨୦ ନଂ ଜାତୀୟ ରାଜପଥ ଟାଙ୍ଗରାଣୀ ଛକ ନିକଟରେ ରାତି ସାଢେ ୮ଟା ବେଳେ କାର୍-ବାଇକ୍ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଇଡା ଅଞ୍ଚଳର ପେଟେଲ ମୁଣ୍ଡା(୨୬)। ହରିଚନ୍ଦନପୁର କାଦଡିହା ଗ୍ରାମର ସତ୍ୟଜିତ ସାହୁ ଆହତ ହୋଇଛନ୍ତି। କାରଟି ବାଇକକୁ ଅତିକ୍ରମ କରିବାକୁ ଯାଇ ବାଇକ୍ ପଛରେ ଧକ୍କା ଦେଇଥିଲା। ପଳାସପଙ୍ଗା ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ପଣ୍ଡା ଦୁର୍ଘଟଣାଗ୍ରସ୍ତ କାର ଏବଂ ବାଇକକୁ ଜବତ କରି ଏକ ମାମଲା ରୁଜୁ କରିଛନ୍ତି। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଆକ୍ରମଣ ଘଟଣାରେ ୩ କୋର୍ଟ ଚାଲାଣ

ରାମଚନ୍ଦ୍ରପୁର, ୯।୮ (ସମିସ): ଗତକାଲି ପିଲା ଚୋରି ସନ୍ଦେହ କରି ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରିବା ଘଟଣାରେ ରାମଚନ୍ଦ୍ରପୁର ପୁଲିସ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୂଆଗାଁର ବନମାଳି ମହାନ୍ତି, କାମେଶ୍ୱର ମାଝୀ, ବସନ୍ତ ସା। ନୂଆଗାଁ, ଖଲଣା ଗାଁର ଶତାଧିକ ଯୁବକ କଟକ ଆଠଗଡ ଅଞ୍ଚଳର ଜଣେ ଅଚିହ୍ନା ଯୁବକଙ୍କୁ ମରଣାତ୍ମକ କରି ଲହୁଲୁହାଣ କରି ପକାଇଥିଲେ। ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା ବେଳେ ଏନେଇ ଏକ ଅପରାଧିକ ମାମଲା ରୁଜୁକରି ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପିକ୍‌ଅପ୍ ଓଲଟିବା ଘଟଣା; ଜଣେ ମୃତ, ୩ କଟକ ସ୍ଥାନାନ୍ତର

ମୋରଡା, ୯।୮ (ସମିସ): ମୋରଡ଼ା ଥାନା ଅନ୍ତର୍ଗତ ଚିକିଟାମାଟିଆଠାରେ ଶୁକ୍ରବାର ରାତିରେ ଏକ ପିକ୍‌ଅପ୍ ଓଲଟି ୩୫ ଜଣ ଶ୍ରମିକ ଆହତ ହୋଇଥିଲେ। ହେଲେ ଶନିବାର ଜଣେ ଶ୍ରମିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗୁରୁତର ଥିବା ୩ ଜଣ ଶ୍ରମିକଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଶ୍ରମିକ ହେଲେ ଉକ୍ତ ଥାନା ଅଧିନ ସାନମୁଣ୍ଡାବଣି ପଞ୍ଚାୟତର ବାଲି ମାରାଣ୍ଡି। ଗତ ତିନିବର୍ଷ ମଧ୍ୟରେ ମାଲବାହି ଗାଡ଼ିରେ ଶ୍ରମିକଙ୍କୁ ନେଇ ଆସୁଥିବା ପିକଅପ ଏବଂ ଟାଟାଏସିଗୁଡିକରେ ୪ଟି ଦୁର୍ଘଟଣା ଘଟିଲାଣି।

## ପୋଖରୀରେ ବୁଡ଼ି ଜଣେ ମୃତ

ଡୁରୁମୁଙ୍ଗା, ୯।୮ (ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ବାଉଁଶୁଳି ଗ୍ରାମରେ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସମୀର ମହାନ୍ତ (୩୮)। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ହଠାତ ମୁଣ୍ଡ ବୁଲାଇବାରୁ ପଡି ବୁଡି ଯାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତ୍ୟୁ ପରେ ଡୁରୁମୁଙ୍ଗା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ।

## ମିଳିଲା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି

କେନ୍ଦୁଝର, ୯।୮ (ସମିସ): କେନ୍ଦୁଝର ପାର୍କଲାଇନସ୍ଥିତ ପ୍ରେକ୍ଷାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କରାଯାଇଛି। ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପାଟଣା ଅଖିଳଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବର ଅଂଶ ସ୍ୱରୂପ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। କୋରାପୁଟରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ସେନା କର୍ମଚାରୀଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା

ମହୁଲଡିହା, ୯।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଶାଳବୁଆ ଗ୍ରାମପଞ୍ଚାୟତ ବାଲିଡିହା ଗ୍ରାମର ମଙ୍ଗଲ ଶୁଣ୍ଡିଙ୍କ ପୁତ୍ର ସଦାନନ୍ଦ ଭାରତୀୟସେନାରେ ଯୋଗଦାନ କରିଛନ୍ତି। ପ୍ରଶିକ୍ଷଣ ସାରି ଗାଁକୁ ଫେରିଥିବା ସଦାନନ୍ଦଙ୍କୁ ଗାଁରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମବାସୀ ଖୁସିରେ ଏକ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ। ସଦାନନ୍ଦଙ୍କ ଶିକ୍ଷାଜୀବନ



ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ପ୍ରାଥମିକ ପଢ଼ାରୁ ଆରମ୍ଭ କରି ଠାକୁରଗୋଡା ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରେ ଭଦ୍ରକ ସ୍ୱୟଂଶାସିତ କଲେଜରୁ ସ୍ନାତକ ଡ଼ିଗ୍ରୀ ହାସଲ କରିଛନ୍ତି। ସ୍ନାତକ ପରେ ଦେଶସେବା ପ୍ରତି ଦୃଢ଼ ସଂକଳ୍ପ କରି ଭାରତୀୟସେନାରେ ଯୋଗଦାନ କଲେ। ପ୍ରଶିକ୍ଷଣ ସମାପ୍ତ କରି ସଦାନନ୍ଦ ନିଜ ଗାଁକୁ ଫେରିଥିଲେ। ତାଙ୍କ ଆଗମନରେ ଗ୍ରାମବାସୀ, ସରପଞ୍ଚ ଓ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। ସମସ୍ତେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେନାରେ ପ୍ରବେଶ କରିଥିବା ସଦାନନ୍ଦଙ୍କ ସାହସିକ ପଦକ୍ଷେପ କେବଳ ପରିବାରକୁ ନୁହେଁ ସମଗ୍ର ଅଞ୍ଚଳକୁ ଗର୍ବିତ କରିଛି। ତାଙ୍କ ଦେଶପ୍ରେମ, ଶୃଙ୍ଖଳାବଦ୍ଧତା ଓ ସମର୍ପଣ ଯୁବପିଢି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ ପାଳିତ

କରଞ୍ଜିଆ, ୯।୮ (ସମିସ): କରଞ୍ଜିଆ ଆଦିବାସୀ ସଂସ୍କୃତି କେନ୍ଦ୍ର (ସଂଗୀତ ମହାବିଦ୍ୟାଳୟ) ପରିସରରେ ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ସମାଜର ସଭାପତି ପଦ୍ମଲୋଚନ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ




ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଦସ୍ୟା ମିନତି ନାଏକ, ସମ୍ମାନିତ ଅତିଥି ଭାବେ ବାଳକ ରାମ ବାସ୍କେ, ଅଧ୍ୟାପିକା ସୁକାନ୍ତି ନାୟକ, ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ରଂଜିତ କୁମାର ଶୋଂଖୀଆଲ, ଯୋଗଦୀଶ ଚନ୍ଦ୍ର ନାଏକ, ଗହ୍ମା ସିଂ ଯୋଗଦେଇ ଓଡିଶାରେ ଆଦିବାସୀ ପରାମର୍ଶଦାତା ପରିଷଦ ଗଠନ, ପେସା ଆଇନ, ଜଙ୍ଗଲ ଅଧିକାର ଆଇନ ୨୦୦୬, ଆଦିବାସୀଙ୍କ ସଂରକ୍ଷଣ, ଅନୁସୂଚିତ କ୍ଷେତ୍ରକୁ ସଂପ୍ରସାରଣ, ବିବାହିତ ମହିଳାଙ୍କ ନାମ ଜମିପଟ୍ଟାରେ ଦରଜ ନ କରିବା, ଆଦିବାସୀ ଜମିକୁ ଅଣ ଆଦିବାସୀଙ୍କ ଖାତାକୁ ହସ୍ତାନ୍ତର ନ କରିବା, ଆଦିବାସୀଙ୍କ ଧାର୍ମିକସ୍ଥଳର ସୁରକ୍ଷା, ବିଦ୍ୟାଳୟରେ ଚାନ୍ଦା ଆଦାୟ ଉପରେ ରୋକ ଲଗାଇବା ଆଦି ନେଇ ସରକାରଙ୍କ ନିକଟରେ ଦାବି କରିଥିଲେ। ପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କରଞ୍ଜିଆ ବିଧାୟକ ଶ୍ରୀ ହାଇବ୍ରୁରୁଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମେ ଆଦିବାସୀମାନେ ପାରମ୍ପରିକ ପୋଷାକ ପରିଧାନ କରି ସହର ପରିକ୍ରମା କରି ସଙ୍ଗୀତ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ସଂଗଠନର ଉପସଭାପତି ଗୁନାରାମ ସୟ, ମନୋଜ କୁମାର ଟୁଡୁ, ସାନ୍ତାଳ ସମାଜର ପୁରନ୍ଦର ହାଁସଦା, ବାଥୁଡି ସମାଜର ପଞ୍ଚାନନ ନାଏକ, ଗଣ୍ଡ ସମାଜର ଦିବାକର ନାୟକ, କରୁଣାକର ନାୟକ, ହୋ ସମାଜର ବାଗୁନ ଶୁନ୍ଧି, ଭୂୟାଁ ସମାଜର କୃଷ୍ଣଚନ୍ଦ୍ର ନାଏକ, ଶବର ସମାଜର ମାଧବ ଦେହୁରୀ ସମେତ ଶତାଧିକ ଆଦିବାସୀ ଯୋଗଦେଇଥିଲେ।

**କପ୍ତିପଦା:** କପ୍ତିପଦା ବ୍ଲକରେ ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଭାରତ ଜାକାତ ମାଝୀ ପାର୍ଗାନା ମହଲ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଥିଲେ। ଏହି ଅବସରରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଆଦିବାସୀମାନେ ନାଚ ଗୀତ ଓ ସ୍ଲୋଗାନ ଦେଇ ଏକ ରାଲିକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଦିବାସୀ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବା ସହିତ ପେସା







ଆଇନ ଲାଗୁକରିବା, ପାରମ୍ପରିକ ଆଦିବାସୀ ଗାଁ ମୁଖିଆଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସାର୍ଣ୍ଣା ଧର୍ମ କୋଡ଼ ଲାଗୁ କରାଯିବା, ସାନ୍ତାଳୀ ଭାଷାକୁ ସଂଖ୍ୟା ଲଘୁ ଭାଷାର ମାନ୍ୟତା, ଆଦିବାସୀଙ୍କୁ ବିନା ଗ୍ରାମ ସଭାରେ ବିସ୍ଥାପନ ନ କରିବା ଇତ୍ୟାଦି ଦାବ ରହିଛି। ସେହିପରି ଧଡ଼ାସାହି ନାଳ ଉପରେ ପୋଲ ନିର୍ମାଣ, ଜଡ଼ିଦା ହାଇସ୍କୁଲ ଛକରୁ ଜାମପଦା ରାସ୍ତାର ଉନ୍ନତି, ବଡଗୁଡ଼ୁ ଗୁଡ଼ିଆଠାରୁ ହିଲବ୍ଲକ ଦେଇ ଯାଇଥିବା ଝରଣାଘାଟୀ ରାସ୍ତାର ଉନ୍ନତି, ଜାମଶୁଳୀ ବଉଳ ଛକରୁ ପୋଖରୀ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ବ୍ୟବସ୍ଥା, କପ୍ତିପଦା ପଞ୍ଚାୟତ ବନ୍ଧମାଳ ପ୍ରାଥମିକ ବିଦ୍ୟାଳୟ ମରାମତି ଓ ମଝିଗଡିଆ ଗ୍ରାମ ପଞ୍ଚାୟତର ମହିଁସିଡୁଭା ତଳସାହିରେ ନଳକୂପ ବ୍ୟବସ୍ଥା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ମୁଖ୍ୟ ଅତିଥିଭାବେ ଉଦଳା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଯୋଗଦେଇ ସରକାର ଆଦିବାସୀଙ୍କୁ ଉପେକ୍ଷା ନ କରି ସେମାନଙ୍କ ଦାବିକୁ ମାନିନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଆୟୋଜକ ଭାବେ ରମେଶ ହାଁସଦା, ଖୋଦିରାମ ସୋରେନ, ଶଙ୍କର ମୁର୍ମୁ, ପାର୍ଥୀ ମାର୍ଣ୍ଡି, ଶୈଳେନ୍ଦ୍ର ହେମ୍ବ୍ରମ, ବିଜୟ କୁମାର ଟୁଡୁ, ବିଜୁ ହେମ୍ବ୍ରମ, ରବୀନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

**ବଡସାହି:** ବଡ଼ସାହି ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ସଂଗଠନ ଆନୁକୂଲ୍ୟରେ ବିର୍ସାମୁଣ୍ଡା ଛକରେ ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ସଂଗଠନର ସଭାପତି ଚୈତନ୍ୟ ସୋରେନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଦିବାସୀଙ୍କ ଏକତା, ଶିକ୍ଷା, ସାମାଜିକ, ଅର୍ଥନୈତିକ, ଜଳସମ୍ପଦ, ଜଙ୍ଗଲ ସମ୍ପଦ, ଜମି ସମ୍ପଦର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ରଧୁ ମାର୍ଣ୍ଡି, ନନ୍ଦକିଶୋର ହାଁସଦା, ରମେଶଚନ୍ଦ୍ର ବେଶ୍ରା, ରମେଶଚନ୍ଦ୍ର ସିଂହ, ବାଦଲ ସିଂହ, ଚିନ୍ତାମଣି ଟୁଡୁ, ରାଜେନ୍ଦ୍ର ସିଂ, ବିଶ୍ୱନାଥ ସିଂ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।

**ବାରିପଦା:** ସାଧନା ଓ ସହଯୋଗ ଅନୁଷ୍ଠାନ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ସଂଗଠନର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ଉତ୍ସବ ଉଦଘାଟନ କରିଥିବା ବେଳେ ପ୍ରୋଗ୍ରାମ ମ୍ୟାନେଜର ସମୀରଣ ଘୋଷ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଡା. ସୁଧୀର କୁମାର କିସ୍କୁ, ସମାଜ ସେବିକା ବାସନ୍ତୀ ମୁଣ୍ଡା, ମୁଣ୍ଡାରୀ କଳାକାର ଦୀପା ସିଂ, ସାନ୍ତାଳୀ କଳାକାର ସାଗୁନ ଶିଙ୍ଗଲ ହାଁସଦା, ଶିକ୍ଷୟିତ୍ରୀ ରିତୁପର୍ଣ୍ଣା ମଲ୍ଲିକ, ସମାଜସେବିକା ରୂପାଲୀ ହାତୀ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କଳାକାରଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିବା ସହ ପୁରସ୍କାର ବିତରଣ କରାଯାଇଥିଲା।



# ପରିଚୟ ଦେଇଛି ଫୁଲକରୀ

ଆଧୁନିକତାର ଯୁଗରେ ଲୋକେ ଏବେ ହାତ ତିଆରି ଜିନିଷ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ବିଶେଷ କରି ଫୁଲକରୀ ଡିଜାଇନ ପ୍ରତି ମହିଳାଙ୍କର ସଉକ୍ ରହିଥାଏ । ଏହା ପଞ୍ଜାବର ଏକ ପାରମ୍ପରିକ ଏମ୍ବ୍ରୋଡରୀ କଳା । ଅବଶ୍ୟ ମେସିନ୍ ନିର୍ମିତ ପୋଷାକ ପରିଧାନ ହେତୁ, ଫୁଲକରୀ ଧୀରେ ଧୀରେ ଲୁପ୍ତ ହେବାକୁ ବସିଲାଣି ; କିନ୍ତୁ ଏହି କଳାକୁ ଜୀବନ୍ତ ରଖି, ଭଳିକି ଭଳି ଫୁଲକରୀ ସୁଟ୍, ଟପ୍‌ସ, ଜ୍ୟାକେଟ୍, ଓଢ଼ଣୀ ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ପଞ୍ଜାବ ପଟିଆଲାର ଲାଜବନ୍ତୀ ଛାବଡ଼ା । ଏହାଦ୍ୱାରା ସେ ଫୁଲକରୀ କଳାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର, କରିବା ସହ ଗାଁ ମହିଳାଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।



୬୫ ବର୍ଷୀୟା ଲାଜବନ୍ତୀ ଫୁଲକରୀ କଳାକାର ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର କାରୁକାର୍ଯ୍ୟ ମାଧ୍ୟମରେ ଫୁଲକରୀକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ମାତ୍ର ଛଅବର୍ଷ ବୟସରେ ସେ ଫୁଲକରୀ ଏମ୍ବ୍ରୋଡୋରୀ ଆରମ୍ଭ କରିଥିଲେ । ୧୯୪୭ ମସିହା ବିଭାଜନ ସମୟରେ ଲାଜବନ୍ତୀଙ୍କ ପରିବାର ପାକିସ୍ତାନ ମୁଲତାନରୁ ଭାରତ ଆସିଥିଲେ । ସେବେଠୁ ଏହି ପାରମ୍ପରିକ ଫୁଲକରୀ କଳା ତାଙ୍କ ପରିବାରରେ ରହିଥିଲା । ଘରେ ସେ ଜେଜେ ମାଆଙ୍କୁ ଏହି କାର୍ଯ୍ୟ କରିବାର ଦେଖିଥିଲେ । ଧୀରେ ଧୀରେ ଏହି କଳା ଶିଖିଥିଲେ । ଏଥିପାଇଁ ସେ କୌଣସି ସ୍ଥାନରୁ ପ୍ରଶିକ୍ଷଣ ନେଇ ନଥିଲେ । ପ୍ରଥମେ ପରିବାରରେ ଏହାକୁ ସଉକ୍ ଭାବେ ତିଆରି କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ଏହା ତାଙ୍କ ଜୀବିକା ପାଲଟିଥିଲା ।

ଫୁଲ୍‌କରୀ ପଞ୍ଜାବର ଏକ ପ୍ରସିଦ୍ଧ ପାରମ୍ପରିକ ଏମ୍ବ୍ରୋଡୋରୀ କଳା । ଏହା ଦୁଇଟି ଶବ୍ଦରୁ ତିଆରି ହୋଇଛି । 'ଫୁଲ' ଏବଂ 'କରୀ' । ଏହାର ଅର୍ଥ 'ଫୁଲର କାର୍ଯ୍ୟ' । ଏଥିରେ ସୂତା କପଡ଼ାରେ ରଙ୍ଗିନ୍ ସୂତାକୁ ବ୍ୟବହାର କରି ଭଳିକି ଭଳି ଫୁଲ, ପତ୍ର, ସହ ଅନ୍ୟାନ୍ୟ ଆକର୍ଷଣୀୟ ଚିତ୍ର ଏମ୍ବ୍ରୋଡୋରୀ କରାଯାଇଥାଏ । ଏହି କଳା ପଞ୍ଜାବ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପଞ୍ଜାବରେ ବିବାହରେ ଏହାକୁ ଉପହାର ସ୍ୱରୂପ ଝିଅକୁ ଦିଆଯାଏ ।



ସେ ଫୁଲ୍‌କରୀରୁ ଭଳିକି ଭଳି ସୁଟ୍, ଶାଢ଼ି, ଓଢ଼ଣୀ ଆଦି ତିଆରି କରନ୍ତି । ଏହାକୁ ବିଭିନ୍ନ ହସ୍ତତନ୍ତ ପ୍ରଦର୍ଶନୀରେ ବିକ୍ରି କରିଥାନ୍ତି । ଏଥିସହ ଅନଲାଇନ ମାଧ୍ୟମରେ ମଧ୍ୟ ସେ ନିଜର ବ୍ୟବସାୟ ଜାରି ରଖିଛନ୍ତି । ତାଙ୍କ କହିବାନୁଯାୟୀ, ମହିଳାମାନେ ଫୁଲକରୀ ନିର୍ମିତ ସୁଟ୍ ଶାଢ଼ି ଆଦି ପିନ୍ଧିବାକୁ ସେତେ ପସନ୍ଦ କରନ୍ତିନି । କିନ୍ତୁ ଏଥିରୁ ନିର୍ମିତ ସାର୍ଟ, ଟପ୍ସ, କୁର୍ତ୍ତୀ ପିନ୍ଧିବାକୁ ପସନ୍ଦ କରନ୍ତି । ତେଣୁ ସେ ଫୁଲକରୀରୁ ଭଳିକି ଭଳି ଡିଜାଇନର ପୋଷାକ ତିଆରି କରନ୍ତି । ପ୍ରଥମେ କେବଳ ରେଶମ ସୂତାରେ ଏହି ଫୁଲକରୀ କଳାକୃତି ହେଉଥିଲା, କିନ୍ତୁ ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଦେଖାଯାଇଛି । ଏହି କଳାକୃତି ଦ୍ୱାରା ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ତାଲିମ୍ ପ୍ରଦାନ କରୁଛନ୍ତି । ଏହାଦ୍ୱାରା ଗାଁର ମହିଳାମାନେ ରୋଜଗାରକ୍ଷମ ହେବା ସହ ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି । ବିଦେଶୀ ମହିଳାମାନେ ମଧ୍ୟ ଏହି କଳାକୁ ପସନ୍ଦ କରୁଛନ୍ତି, ବୋଲି ଲାଜବନ୍ତୀ କୁହନ୍ତି । ସେହିପରି ବଲିଉଡ ଅଭିନେତ୍ରୀଙ୍କ ମଧ୍ୟରେ ଏହି ଫୁଲକରୀର ଚାହିଦା ରହିଛି । ଫୁଲକରୀ ଭାରତୀୟ ହସ୍ତତନ୍ତରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁ ୨୦୨୧ ମସିହାରେ ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ବିନା ଫାଉଣ୍ଡେସନ୍‌ରେ ଚମକିବ ଚେହେରା



ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ ଚାହାନ୍ତି । ଏଥିପାଇଁ ଫାଉଣ୍ଡେସନ, ସିରମ, ଆଦି ମେକ୍‌ଅପ୍ ପ୍ରସାଧନ ଲଗାଇଥାନ୍ତି । କିନ୍ତୁ ଅନେକ ସମୟରେ ବାହାରକୁ ଯିବାବେଳେ ଫାଉଣ୍ଡେସନ୍ ସରିଯାଏ । ଏପରିସ୍ଥଳେ, ଘରେ ଥିବା ଜିନିଷକୁ ଲଗାଇ ଏକ ଚମକଯୁକ୍ତ ଚେହେରା ପାଇପାରିବେ ।

- ମେକ୍‌ଅପ୍ ପୂର୍ବରୁ ତ୍ୱଚାକୁ ପରିଷ୍କାର କରି ଧୁଅନ୍ତୁ । ପରେ ଏକ ଟୋନର୍ କିମ୍ବା ଗୋଲାପଜଳ ଲଗାଇ ତ୍ୱଚାର ପିଏଚ୍ ସେଟ୍ କରନ୍ତୁ । ଏହାପରେ ଏକ ହାଲୁକା ମଏଶ୍ଚରାଇଜର୍ ଲଗାଇ ମୁହଁକୁ କୋମଳ କରନ୍ତୁ ।
- ଫାଉଣ୍ଡେସନ ଆବଶ୍ୟକତା ପୂରା କରିବା ପାଇଁ ତ୍ୱଚା ଅନୁଯାୟୀ, ଅଳ୍ପ କନସିଲର୍, ବିବି, ସିସି କ୍ରିମ୍ ଲଗାଇପାରିବେ । ଏହା ନଥିଲେ ଏକ କମ୍ପାକ୍ଟ ପାଉଡର୍‌ରେ ଅଳ୍ପ ମଏଶ୍ଚରାଇଜର୍ ମିଶାଇ ଏକ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଫାଉଣ୍ଡେସନ୍ ଭଳି ଲଗାନ୍ତୁ । ଏହି ଉପାୟ ମୁହଁରେ ଏକ ଉଜ୍ଜ୍ୱଳତା ଆଣିଥାଏ ।
- ଏଥିସହ ଚାହିଁଲେ, ଲିକୁଇଡ୍ ହାଇଲାଇଟର୍ କିମ୍ବା ଆଲୋଭେରା ଜେଲ୍‌ରେ ସାମାନ୍ୟ ହଳଦୀ ପକାଇ ଏହାକୁ ତ୍ୱଚାରେ ଲଗାଇପାରିବେ, ଏହାଦ୍ୱାରା ତ୍ୱଚାରେ ଏକ ପ୍ରାକୃତିକ ଚମକ ଆସିଥାଏ ।
- ସେହିପରି ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ଲଶ୍ ବ୍ୟବହାର କରିପାରିବେ । ବ୍ଲଶ୍ ନଥିଲେ, ଲିପ୍‌ଷ୍ଟିକ୍‌କୁ ହାଲୁକା ଗାଲରେ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ । ଏହା ତ୍ୱଚାକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ ।

ମୋ ହାଣ୍ଡିଶାଳରୁ...

# ପଣସମଞ୍ଜି ତରକାରି

## ଆବଶ୍ୟକ ସାମଗ୍ରୀ


ପଣସମଞ୍ଜି- ୨୦୦ ଗ୍ରାମ, ବେସନ – ଅଧା କପ୍, କାଜୁ-ପାଞ୍ଚ, ଛଅଟି, ରସୁଣ ବୁଦା - ଗୋଟିଏ, ଅଦା – ଖଣ୍ଡେ, କଟା ଟମାଟୋ- ଅଧା କପ୍, କଟା ପିଆଜ – ଏକ କପ୍, ତେଜପତ୍ର– ଦୁଇଟି, କଞ୍ଚାଲଙ୍କା – ଦୁଇଟି, ରାଶି – ଏକ ଚାମଚ, ଜିରା – ଅଧା ଚାମଚ, ଗରମ ମସଲା– ଏକ ଚାମଚ, ହଳଦୀଗୁଣ୍ଡ –ଅଧା ଚାମଚ, କସୁରୀ ମେଥି –ଅଳ୍ପ, ଦନିଆ ପତ୍ର – ଅଳ୍ପ, ଗୋଟା ଗରମ ମସଲା – ଅଳ୍ପ, ଲୁଣ – ସ୍ୱାଦାନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।



## ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ପଣସ ମଞ୍ଜିରୁ ଚୋପା ଚଢ଼ାଇ ଧୋଇ ରଖନ୍ତୁ । ଏହାକୁ ଏକ ଜାର୍‌ରେ ଦେଇ ସେଥିରେ ବେସନ, କାଜୁ, ରସୁଣ, ଅଦା, କଞ୍ଚାଲଙ୍କା, କସୁରୀମେଥି, ଗରମମସଲା, ଲୁଣ ଓ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ପଣସମଞ୍ଜି ବଟାକୁ ଦେଇ ଅଳ୍ପ ସମୟ ଜନ୍ତନ୍ତୁ । ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଏହାକୁ ଥାଳିରେ କାଢ଼ିଦିଅନ୍ତୁ । ଥଣ୍ଡା ହୋଇଗଲେ ଛୋଟ, ଛୋଟ ଖଣ୍ଡରେ ଏହାକୁ କାଟନ୍ତୁ । ଆଉ ଗୋଟେ କଡ଼େଇରେ ତେଲ ଦେଇ କାଟି ରଖିଥିବା ପଣସମଞ୍ଜି ବଟାକୁ ପକାଇ ଛାଣନ୍ତୁ । ଏହାପରେ ଏକ ପ୍ୟାନରେ ଅଳ୍ପ ତେଲ ଦେଇ ସେଥିରେ ଜୀରା, ତେଜପତ୍ର, ଲବଙ୍ଗ ପିଆଜ ପକାଇ ଭାଜନ୍ତୁ । ଏହାପରେ ଟମାଟୋ, ଅଦା ରସୁଣ ପେଷ୍ଟ ଦେଇ କଷନ୍ତୁ । ଏଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଛାଣି ରଖିଥିବା ପଣସମଞ୍ଜିକୁ ଦେଇ ମସଲାରେ ମିଶାନ୍ତୁ । ପରେ ଏଥିରେ ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ ଫୁଟାନ୍ତୁ । ଫୁଟିଗଲା ପରେ ଗରମ ମସଲା, ଧନିଆ ପତ୍ର ପକାଇ ପରଷନ୍ତୁ 'ପଣସ ମଞ୍ଜି ତରକାରି' ।

# ବାଥ୍ରୁମ୍ ପାଇଁ ଡିଜାଇନର୍ ମିରର୍



ସାଧାରଣତଃ ଘର ସଜାଇବାକୁ ସମସ୍ତେ ଚାହାନ୍ତି । ଏଥିପାଇଁ ଲୋକେ ବିଭିନ୍ନ ଇଣ୍ଟେରିୟର ଡିଜାଇନ୍ କରିଥାନ୍ତି । ଘର ପରି ବାଥ୍‌ରୁମ୍ ସାଜସଜ୍ଜା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ବାଥରୁମ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆକର୍ଷୀୟ କରିବାକୁ ଚାହୁଁଥିଲେ, ବଜାରରେ ମିଳୁଥିବା ଡିଜାଇନର୍ ମିରର୍ ଲଗାଇପାରିବେ ।

## ବ୍ରାସ ମିରର୍

ବାଥ୍‌ରୁମ୍‌କୁ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ବ୍ରାସ ମିରର୍ ଲଗାଇପାରିବେ । ଏହା ବାଥ୍‌ରୁମ୍‌କୁ ଗୋଲ୍‌ଡ ରୟାଲ୍ ଲୁକ୍ ଦେଇଥାଏ । ଏଥିସହ ଗାଢ଼ ରଙ୍ଗ ଟାଇଲ କିମ୍ବା ୱାଲ୍‌ପେପର୍ ମଧ୍ୟ ଲଗାଇପାରିବେ । ଏହା ବାଥ୍‌ରୁମ୍‌କୁ ସୁନ୍ଦର କରିଥାଏ ।

## ଛାଡ଼ନ୍ତୁ ଆକାରର ଚିନ୍ତା

ବାଥ୍‌ରୁମ୍ ଡିଜାଇନ୍‌କୁ ଭିନ୍ନ କରିବାକୁ ଚାହୁଁଥିଲେ, ଏହାକୁ କାନ୍‌ଭାସ ଷ୍ଟାଇଲ୍‌ରେ ସଜାନ୍ତୁ । ଏଥିରେ ଦୁଇ କିମ୍ବା ଅଧିକ ମିରର ବ୍ୟବହାର କରିପାରିବେ । ବାଥ୍‌ରୁମ୍ ଆକାର ଅନୁସାରେ ମିରର୍ ଚୟନ କରନ୍ତୁ । ଏଥିସହ ଚାହିଁଲେ, ବଲ୍‌ବ ଲଗାଇପାରିବେ ।

## ଭିନ୍‌ଟେଜ୍ ଲୁକ୍

ବାଥ୍‌ରୁମ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଭିନ୍‌ଟେଜ୍ ମିରର ବ୍ୟବହାର କରିପାରିବେ । ବାଥ୍‌ରୁମ୍ ଟାଇଲ୍ସ ଗାଢ଼ ହେଉ କିମ୍ବା ଫିକା ଏହା ସବୁଥିରେ ସୁନ୍ଦର ଦିଶିଥାଏ । ବାଥରୁମ୍ ଆକାର ଅନୁସାରେ ମିରର୍ ଲଗାଇବା ଆବଶ୍ୟକ । ଅବଶ୍ୟ ବଡ଼ ମିରର ବାଥରୁମକୁ ସୁନ୍ଦର କରିଥାଏ ।

## ମଲ୍‌ଟିପଲ୍ ମିରର୍

ବାଥରୁମ୍ ଛୋଟ ଥିଲେ ଏହାକୁ ବଡ଼ ଆକାର ଦେବାପାଇଁ, ମଲ୍‌ଟିପୁଲ୍ ମିରର୍ ପାଟର୍ଣ୍ଣ ବ୍ୟବହାର କରିପାରିବେ । ଏଥିରେ ଏକା ସହିତ ଦୁଇ ବା ତାଠୁ ଅଧିକ ମିରର ଲଗାଯାଇଥାଏ । ଏଥିପାଇଁ ଛୋଟ ବାଥ୍‌ରୁମ୍ ବଡ଼ ଦେଖାଯାଏ । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଏକ ମଡର୍ଣ୍ଣ ଲୁକ୍ ଦେଇଥାଏ ।

# ବୟସ ଅନୁସାରେ ଲଗାନ୍ତୁ ସନ୍‌ସ୍କ୍ରିନ୍


ତ୍ୱଚା ପାଇଁ ସନ୍‌ସ୍କ୍ରିନ୍ ବେଶ ଜରୁରୀ ହୋଇଥାଏ । ଏହାକୁ ସଭିଏଁ, ଘରେ ଓ ବାହାରକୁ ଯିବା ସମୟରେ ଲଗାଇଥାନ୍ତି । ସାଧାରଣତଃ ତେଲିଆ, ଶୁଷ୍କ, ତ୍ୱଚା ଅନୁସାରେ ମହିଳାମାନେ ଏହାକୁ ଲଗାଇଥାନ୍ତି । କିନ୍ତୁ ଏହା ତ୍ୱଚା ପାଇଁ ଯଥେଷ୍ଟ ହୋଇ ନଥାଏ । ବୟସ ବଢ଼ିବା ସହ ତ୍ୱଚାରେ ନାନା ପରିବର୍ତ୍ତନ ଦିଶିଥାଏ, ତେଣୁ ବୟସ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

## ୧୩ ରୁ ୧୯ ବର୍ଷ

ସାଧାରଣତଃ କିଶୋରବସ୍ଥାରେ ପିଲାଙ୍କଠାରେ ହରମୋନ୍ ପରିବର୍ତ୍ତନ ହୋଇଥାଏ । ଏପରିସ୍ଥଳେ ତ୍ୱଚାର ଯତ୍ନ ପାଇଁ ଜେଲ୍ କିମ୍ବା ୱାଟର୍ ବେସ୍‌ଡ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ । ବାହାରକୁ ଯିବାର ୨୦ ମିନିଟ୍ ପୂର୍ବରୁ ଏହାକୁ ଲଗାଇପାରିବେ । ଧ୍ୟାନ ରଖିବେ ସର୍ବଦା ଫେସ୍‌ୱାସ୍ ପରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

## ୨୦ ରୁ ୩୦ ବର୍ଷ

ଏହି ସମୟରେ ତ୍ୱଚାରେ ପିଗ୍‌ମେଣ୍ଟେସନ୍, ଟ୍ୟାନିଂ, ଚର୍ମ କୁଞ୍ଚନ, ଆଦି ସମସ୍ୟା ରହିଥାଏ । ଏଥିପାଇଁ ହାଇଡ୍ରେଟିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏଥିରେ ଏସ୍‌ପିଏଫ୍ ୫୦ ଥିବା ଆବଶ୍ୟକ । ଏଥିସହ ସହ ଚାହିଁଲେ, କ୍ରିମ୍ କିମ୍ବା ଜେଲ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏହାକୁ ଆଖି ତଳେ ଲଗାଇବା ଆବଶ୍ୟକ । ସେହିପରି ଏହାକୁ ଭିଟାମିନ୍ ସି ସିରମ ସହ ଲଗାଇଲେ ଦ୍ୱିଗୁଣା ଲାଭ ମିଳିଥାଏ ।



## ୪୦-୫୦ ବର୍ଷ

ଏହି ସମୟରେ ତ୍ୱଚାର ଇଲାଷ୍ଟିସିଟି କମିଯାଏ । କଳାଦାଗ ଆଦି ସମସ୍ୟା ବଢ଼ିଥାଏ । ତେଣୁ ଏହି ବୟସରେ ଆଣ୍ଟି ଏଜିଙ୍ଗ ଗୁଣଥିବା ମଏଶ୍ଚରାଇଜିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇ ଭଲ ।

# ପାଦକୁ ସୁନ୍ଦର ସରୁ ପାଉଁଞ୍ଜି

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମହିଳାମାନେ ସାଧା ଓ ଆକର୍ଷଣୀୟ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହାକୁ ଧ୍ୟାନ ଦେଇ ଏବେ ବଜାରରେ ମିନିମାଲିଷ୍ଟ ଡିଜାଇନର ପାଉଁଞ୍ଜି ଓ ଆଙ୍କ୍‌ଲେଟ୍ ମିଳୁଛି । ଏହା ଦେଖିବାକୁ ସିମ୍ପଲ ଓ ଆକର୍ଷଣୀୟ ହୋଇଥାଏ । କେବଳ ସେତିକି ନୁହେଁ, ଏହା ଫେଶନ ଷ୍ଟେଟ୍‌ମେଣ୍ଟ ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏଥି ସହ ଏହା ବିଭିନ୍ନ ଆଉଟ୍‌ଫିଟ୍‌କୁ ମାନିଥାଏ ।



## ସାଧା ଚେନ୍

ସାଧା ସହ ପାଦକୁ ଏକ କ୍ଲାସି ଲୁକ୍ ଦେବାକୁ ଚାହୁଁଥିଲେ, ପତଳା ଚେନ୍ ପାଉଞ୍ଜି ପିନ୍ଧିପାରିବେ । ଏହାକୁ ଅଫିସ୍, ସ୍କୁଲ୍, ଯିବା ସହ ନିତିପିନ୍ଧା ମଧ୍ୟ କରିପାରିବେ । ଏହା ପାଦକୁ ସୁନ୍ଦର କରିଥାଏ ।

## ବିଡସ୍

ଷ୍ଟାଇଲିସ ସହ ରଙ୍ଗିନ ମାଳି ଚାହୁଁଥିଲେ, ବିଡ୍‌ସ ପାଉଞ୍ଜି କିଣିପାରିବେ । ଏଥିରେ ଚେନ୍ ସାଙ୍ଗକୁ ଛୋଟ ମାଳି ରହିଥାଏ । ଏହା ସିମ୍ପୁଲ ସହ ଅଧିକ ଷ୍ଟାଇଲିଶ୍ ଲାଗିଥାଏ । ଏଥିନିକ୍‌ରୁ ନେଇ ୱେଷ୍ଟର୍ଣ୍ଣ ଏହା ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ ।

## ଡବଲ୍ ଲେୟାର୍ଡ

ଏହି ପାଉଞ୍ଜି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏଥିରେ ଦୁଇଟି ପତଳା ଚେନ୍ ଲାଗିଥାଏ । ଏହା ଚାଲିବା ସମୟରେ ପାଦରେ ଝୁଲି ରହିଥାଏ । ଏହା ପାଦ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ପୂଜା ପର୍ବରେ ଏ ପ୍ରକାର ପାଉଞ୍ଜି ପିନ୍ଧିଲେ ଏହା ଖୁବ୍ ସୁନ୍ଦର ଦେଖାଯାଏ ।

■ ଭାରତରେ ଡୋପ୍ ଟେଷ୍ଟ

## ୨୦୨୪ରେ ଧରାପଡ଼ିଛନ୍ତି ୨୬୦

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତରେ ଅନୁବନ୍ଧିତ ଡ୍ରଗ୍ସ ସେବନକାରୀ ଆଥ୍‌ଲେଟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ମଧ୍ୟରେ ୨୦୨୪ରେ ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ୭,୪୬୬ଟି ଡୋପ୍ ଟେଷ୍ଟରୁ ୨୬୦ଟି କେସ ପଜିଟିଭ୍ ହୋଇଛନ୍ତି। ଭାରତରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଏହା ସର୍ବାଧିକ କେସ୍। ୨୦୧୯ରେ ଏହି ସଂଖ୍ୟା ୨୨୪ ଥିଲା। ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାରେ ଦିଆଯାଇଥିବା ତଥ୍ୟରୁ ଏହା ଜଣାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ବିଭାଗ ଅବଗତ ଅଛନ୍ତି ଓ କ୍ରୀଡ଼ାବିତ୍‌ଙ୍କୁ ଡ୍ରଗ୍ସମୁକ୍ତ କରିବାକୁ ବଦ୍ଧ ପରିକର ଅଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

■ ଜାତୀୟ ଜୁନିଅର ମହିଳା ହକି

## ପୁଣି ଓଡ଼ିଶାକୁ କ୍ୱାର୍ଟର ଝଟ୍‌କା

ଭୁବନେଶ୍ୱର, ୯।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଦଳ କ୍ୱାର୍ଟରରେ ନିରାଶ କରିଛି। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ମହିଳା ଦଳ ୧-୪ ଗୋଲରେ ହରିୟାଣା ନିକଟରୁ ହାରି ଅଭିଯାନ ଶେଷ କରିଛି। ଓଡ଼ିଶା ପକ୍ଷରୁ ଅମିଶା ଏକ୍କା ୪୭ତମ ମିନିଟ୍‌ରେ ଏକମାତ୍ର ଗୋଲଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ, ଚଣ୍ଡିଗଡ଼ ଓ ଉତ୍ତର ପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ, ଏଥିପୂର୍ବରୁ ନିକଟରେ ତାମିଲନାଡୁରେ ଶେଷ ହୋଇଥିବା ୧୫ତମ ଜାତୀୟ ସବ୍‌ଜୁନିଅର ବାଳକ ହକିରେ ଓଡ଼ିଶା ଦଳ ମଧ୍ୟ କ୍ୱାର୍ଟର ଫାଇନାଲରେ ହାରି ଅଟକିଯାଇଥିଲା।

■ ଭାରତ-ଏ' ବିପକ୍ଷ ଟି-୨୦ ସିରିଜ୍

## ଅଷ୍ଟ୍ରେଲିଆ ଆଗୁଆ ବିଜୟୀ

ମ୍ୟାକୟ, ୯।୮ (ଏଜେନ୍ସି): ଅନ୍ତର୍ଜାତୀୟ ତାରକା ଅଲିଶା ହିଲି (୪୪ ବଲରେ ୭୦ ରନ୍)ଙ୍କ ଅର୍ଦ୍ଧଶତକ ଓ କିମ୍ ଗାର୍ଥ (୭ ରନ୍‌ରେ ୪ ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଅନ୍‌ଅଫିସିଆଲ ମହିଳା ଟି-୨୦ରେ ଅଷ୍ଟ୍ରେଲିଆ-ଏ ୧୧୪ ରନ୍‌ର ବିଶାଳ ବ୍ୟବଧାନରେ ଭାରତ-ଏ'କୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ଜିତିନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ-ଏ' ୧୩ ରନ୍‌ରେ ଜିତିଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଆସନ୍ତାକାଲି ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୪ ୱିକେଟରେ ୧୮୭ ରନ୍‌ର ବଡ଼ ସ୍କୋର କରିଥିଲା। ଜବାବରେ ଭାରତ-ଏ ୧୫.୧ ଓଭରରେ ମାତ୍ର ୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଦୁଇଜଣ ବ୍ରିନ୍ଦା ଦିନେଶ ୨୧ ଓ ମିନୁ ମାନି ୨୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅଧିନାୟିକା ରାଧା ଯାଦବଙ୍କୁ ପ୍ରତିପକ୍ଷ ଇନିଂସରେ ୨ଟି ୱିକେଟ ମିଳିଥିଲା।

## ପ୍ରଥମ ଦିନିକିଆରେ ପାକିସ୍ତାନ ବିଜୟୀ

ତାରୋବା, ୯।୮ (ଏଜେନ୍ସି): ଅଧିନାୟକ ମହମ୍ମଦ୍ ରିଜୱାନ୍ ଓ ହାସନ ନୱାଜ୍‌ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପାକିସ୍ତାନ ଘରୋଇ




ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୪୦ ଓଭରରେ ୨୮୦ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଏଭିନ ଲୁଇସ୍ ସର୍ବାଧିକ ୬୦, ଅଧିନାୟକ ସାଇ ହୋପ୍ ୫୫ ଓ ରୋଷ୍ଟୋନ ଚେଜ୍ ୫୩ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାହିନ୍ ଆଫ୍ରିଦୀ ୪ଟି ଓ ନସୀମ ଶାହ ୩ଟି ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୪୮.୫ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ନୱାଜ୍ ୫୪ ବଲ୍‌ରେ ଅପରାଜିତ ୬୩, ହୁସେନ ତଲତ ଅପରାଜିତ ୪୧, ଅଧିନାୟକ ରିଜୱାନ୍ ୫୩ ଓ ବାବର ଆଜମ ୪୭ ରନ୍ କରିଥିଲେ। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ପାକିସ୍ତାନ ୧-୦ରେ ଆଗୁଆ ରହିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ଟି-୨୦ ସିରିଜ୍‌କୁ ପାକିସ୍ତାନ ୨-୧ ବ୍ୟବଧାନରେ ଜିତିନେଇଥିଲା।

ଆଜି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ୍

# କଳିଙ୍ଗରୁ ଟୋକିଓକୁ ଯୋଗ୍ୟତା ଲକ୍ଷ୍ୟ



ଭୁବନେଶ୍ୱର, ୯।୮ (ସମିସ):

ଭାରତୀୟ କ୍ରୀଡ଼ା ଇତିହାସରେ ରବିବାର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ପ୍ରଥମଥର ଲାଗି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ଭାରତରେ ଆୟୋଜିତ ହେବାକୁ ଯାଉଛି। ଆଇକନିକ କଳିଙ୍ଗ ଷ୍ଟାଡିୟମ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ଦୁଇ ଦୁଇଥର ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩), ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ (୨୦୧୭), ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ (୨୦୨୨) ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିଥିବା କଳିଙ୍ଗ କ୍ରୀଡ଼ା ଇତିହାସରେ ମଧ୍ୟ ଆଉ ଏକ ନୂଆ ପର୍ବ ଯୋଡ଼ି ହେବ।

ରବିବାର ଅପରାହ୍ଣରେ ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌କୁ ବିଶ୍ୱ ଆଥ୍‌ଲେଟିକ, ଭାରତୀୟ ଆଥଲେଟିକ ମହାସଂଘ ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରୁଛନ୍ତି। ସାଢ଼େ ୩ ଘଣ୍ଟାର ଏହି ଦୌଡ଼କୁଦ ପ୍ରତିଯୋଗିତାରେ ବିଶ୍ୱର ୧୭ ଦେଶର ୧୬୦ଜଣ ଆଥଲେଟ ଭାଗନେବେ। ଯେଉଁଥିରେ ଆୟୋଜକ ଭାରତରୁ ସର୍ବାଧିକ ୯୭ଜଣ ରହିଛନ୍ତି। ୧୯ଟି ମେଡାଲ ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଓ ମହିଳାରେ ୯ଟି ଲେଖାଏ କ୍ରୀଡ଼ା ଇଭେଣ୍ଟ ରହିଥିବାବେଳେ ଗୋଟିଏ ମିକ୍ସଡ ରିଲେ ରେସ୍ ରହିଛି। ଆଥ୍‌ଲେଟଙ୍କ ପାଇଁ ଏହା ଯେ କେବଳ ଏକ ପଦକ ପ୍ରତିଯୋଗିତା ନୁହେଁ ବରଂ ଏଠାରେ ଭଲ ପ୍ରଦର୍ଶନ କରି ଅଧିକରୁ ଅଧିକ ୱାର୍ଲ୍ଡ ର୍‌ୟାଙ୍କିଂ ପଏଣ୍ଟ ହାସଲ କରିବା ମୂଳ ଉଦ୍ଦେଶ୍ୟ ରହିଛି। ଯାହା ଫଳରେ ସେମାନଙ୍କୁ ଆସନ୍ତା ମାସରେ ଜାପାନର ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପକୁ ଯୋଗ୍ୟତା ଅର୍ଜନ କରିବାରେ କଳିଙ୍ଗ ଇଭେଣ୍ଟ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି।

### ଅନିମେଶଙ୍କ ଉପରେ ସମସ୍ତଙ୍କ ନଜର

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇଛନ୍ତି। ସେ ବିଶ୍ୱ ଚାମ୍ପିଅନସିପ୍‌କୁ ଆଗୁଆ ଯୋଗ୍ୟତା ଅର୍ଜନ କରିଥିବାରୁ ଏବେ ୟୁରୋପରେ ତାଙ୍କ ପ୍ରସ୍ତୁତି ଚଳାଇଛନ୍ତି। ନୀରଜ ଭାଗନେଉ ନ ଥିବାରୁ ଏବେ ସମସ୍ତଙ୍କ ଫୋକସରେ ରହିଛନ୍ତି ଦେଶର ତଥା ରାଜ୍ୟର ତାରକା ସ୍ପ୍ରିଣ୍ଟର ଅନିମେଶ



କୁଜୁର। ଭୁବନେଶ୍ୱରରେ ଦୀର୍ଘ ବର୍ଷ ଧରି ପ୍ରଶିକ୍ଷଣ ନେଉଥିବା ଅନିମେଶ ଘରୋଇ ପଡ଼ିଆ ଓ ଦର୍ଶକଙ୍କ ସାମ୍ନାରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତ ନଜର ରହିଛି। ଅନିମେଶ ବର୍ତ୍ତମାନ ଉଭୟ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଉଭୟ ରେକର୍ଡକୁ ସେ ଚଳିତ ବର୍ଷ ହାସଲ କରିଛନ୍ତି। ୧୦୦ ମିଟରକୁ ସେ ୧୦.୧୮ ସେକେଣ୍ଡରେ ଓ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ଶ୍ରେଷ୍ଠତ୍ୱ ଦେଇଛନ୍ତି। ଆଗାମୀ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ୧୦୦ ମିଟରରେ ୧୦ ସେକେଣ୍ଡ ଓ ୨୦୦ ମିଟରରେ ୨୦.୧୬ ସେକେଣ୍ଡ ଯୋଗ୍ୟତା ଟାଇମିଂ ରହିଛି। ଅନିମେଶ ଏହାକୁ ଏଠାରେ ହାସଲ କରି ଟୋକିଓକୁ ଯୋଗ୍ୟତା ଅର୍ଜନ କରନ୍ତୁ ବୋଲି ଓଡ଼ିଶା କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି। ଅନିମେଶଙ୍କ ବ୍ୟତୀତ ଓଡ଼ିଶାରୁ ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ ମଧ୍ୟ ଏଥିରେ ଭାଗନେବେ।

### ଦର୍ଶକଙ୍କ ଲାଗି ୩ଟି ପ୍ରବେଶ ପଥ

ଏହି ମେଗା ଇଭେଣ୍ଟ ଲାଗି ଦର୍ଶକଙ୍କ ପାଇଁ ମାଗଣା ପ୍ରବେଶ ବ୍ୟବସ୍ଥା କରାଯାଇଛି। ୩ଟି ଫାଟକ ଦେଇ ଦର୍ଶକ କଳିଙ୍ଗ ଷ୍ଟାଡିୟମକୁ ଯାଇପାରିବେ। ଯେଉଁମାନେ ଚାଲିକି ଯିବେ ସେମାନେ ଫାଟକ ନଂ-୩, ଦୁଇ ଚକିଆରେ ଯେଉଁମାନେ ଯିବେ ସେମାନେ ଗେଟ୍ ନଂ-୪ ଓ ଚାରି ଚକିଆ ଧରି ଆସିଥିବା ଦର୍ଶକ ଗେଟ ନଂ-୮ ବିରେ ପ୍ରବେଶ କରିବେ।

### ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ କ'ଣ

ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ୨୦୨୦ରେ ପ୍ରଥମେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍' ଆରମ୍ଭ କରାଯାଇଥିଲା। ଇଣ୍ଟରନ୍ୟାସନାଲ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକାଧିକ ଇଭେଣ୍ଟକୁ ନେଇ ଏହା ଆୟୋଜିତ ହୋଇଥାଏ। ଏହା ଏକ ଏକଦିବସୀୟ ଇଭେଣ୍ଟ। ଡାଇମଣ୍ଡ ଲିଗରୁ ଏହାର ର୍‌ୟାଙ୍କ ନିମ୍ନ। କଣ୍ଟିନେଣ୍ଟାଲ ଟୁର୍ ୪ଟି ସ୍ତରରେ ଅନୁଷ୍ଠିତ ହୋଇଥାଏ। ଯଥା ଗୋଲ୍ଡ, ସିଲଭର, ବ୍ରୋଞ୍ଜ ଓ ଚ୍ୟାଲେଞ୍ଜର। ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ବ୍ରୋଞ୍ଜ ଲେଭଲ୍‌ରେ ମୋଟ୍ ୨୫ ହଜାର ଡଲାର (ପାଖାପାଖି ୨୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ରହିଛି। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମ ସ୍ଥାନରେ ରହିଥିବା ଖେଳାଳି ୭୦ ହଜାର ଟଙ୍କା ପାଇବେ।

୧୩ ବର୍ଷରୁ କମ୍ ଚେସ୍ |

## ଓପନ୍‌ରେ ୩, ବାଳିକାରେ ୪ ଆଗୁଆ

ପୁରୀ, ୯।୮ (ସମିସ): ଓଡ଼ିଶା ରାଜ୍ୟ ଓ ପୁରୀ ଜିଲ୍ଲା ଚେସ ସଂଘର ମିଳିତ ଆନୁକୂଲ୍ୟରେ ପୁରୀ କ୍ରିକେଟ ଷ୍ଟାଡିୟମ୍ ପରିସରରେ ଚାଲିଥିବା ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍‌ର ୪ର୍ଥ ରାଉଣ୍ଡ ଶନିବାର ଶେଷ ହୋଇଛି। ୪ର୍ଥ ରାଉଣ୍ଡ ଶେଷରେ ଓପନ ବିଭାଗରେ ୩ଜଣ ଖେଳାଳି ୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଖେଳାଳିମାନେ ହେଲେ ଶିୟାମ ସତ୍ୟାଂଶ, ଆର୍ଯ୍ୟନ ବେହେରା ଓ ସ୍ୱସ୍ତିକ ଶୁଭ ପଟ୍ଟନାୟକ। ଏମାନଙ୍କ ପଛକୁ ଆଦିତ୍ୟ ଜେନା, ଆଦର୍ଶ କୁମାର ବେରିହା, ବିନୀତ ନାୟକ ଓ ରାଘବ ବିଶ୍ୱାଳ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଳିକା



ବିଭାଗରେ ନିଭ୍ରିତା ପଟ୍ଟନାୟକ, ଲବ୍ଧି ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଅନିଶା ଆଚାର୍ଯ୍ୟ ଓ ନୟନିକା ସାହୁ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଆର୍ଣ୍ଣିକା ଦାଶ, ଅଦିତି ମହାରଣା, ଇଶାନୀ ଦାସ ଓ ଯଶସ୍ୱୀ ବିବେକ ବାରୱେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୪ଟି ଜିଲ୍ଲାରୁ ମୋଟ ୧୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓପନରରେ ୮୮ ଓ ବାଳିକାରେ ୪୦ଜଣ ପ୍ରତିଯୋଗୀ ରହିଛନ୍ତି। ଏଥିରେ ମୋଟ ୫୨ଟି ଟ୍ରଫି ସହ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

## ୧୦ ବର୍ଷରୁ କମ୍ ଓପନ୍ ଚେସରେ ଆୟୁଷ ଚାମ୍ପିଅନ




ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ଷ୍ଟେଟ୍ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଏକଦିବସୀୟ ୧୦ ବର୍ଷରୁ କମ୍ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲରେ ଆୟୋଜିତ ଏହି ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆୟୁଷ ଦାସ (ସେଣ୍ଟ ଜାଭିଅର ସ୍କୁଲ, ଭୁବନେଶ୍ୱର) ଚାମ୍ପିଅନ ହୋଇଛନ୍ତି। ସେହିଭଳି ଅର୍ନବ ଦାଶ, ସତଭିକ ମହାନ୍ତି, ସନ୍ଦୀପ ବେହେରା ଓ ଆୟୁଷମାନ ମହାନ୍ତି ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ବିଭିନ୍ନ ବୟସବର୍ଗରେ ଭେଦିକା ସିଂ, ଆଦିତ୍ୟ ନାରାୟଣ ମହାପାତ୍ର, ପ୍ରଣତୀ ଦାସ, ସାଏଶ ସାହୁ ଓ ଶ୍ରାଗଭି ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ଆଉ ୩ ପଦକ



ଭୁବନେଶ୍ୱର, ୯।୮ (ସମିସ): କେରଳରେ ଚାଲିଥିବା ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ଟି ପଦକ ମିଳିଛି। ଶନିବାର ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ସହ ମୋଟ ୩ଟି ପଦକ ଜିତିଛି। ୯୩ କିଗ୍ରା ଓଜନବର୍ଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ୬୩ କିଗ୍ରାରେ ନିହତି ବର୍ମନ ନାୟକ ଓ ୭୬ କିଗ୍ରା ମୌସୁମୀ ତର୍କି କାଂସ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ବିଜୟୀ ହୋଇଥିଲା। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଅଂଶଗ୍ରହଣ କରିଛନ୍ତି।

## ଓସିଏର ସ୍କୋରର୍ ପ୍ରଶିକ୍ଷଣ ଶିବିରରେ ଭାଗନେଲେ ୬୮

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ପରିସରରେ ଏକ ସ୍କୋରର୍ ପ୍ରଶିକ୍ଷଣ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ଏଥରେ ରାଜ୍ୟର ୬୮ଜଣ ସ୍କୋରର୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ଜଣ ନବାଗତ ସ୍କୋରର୍ ରହିଥିଲେ। ଓସିଏର ଆଗାମୀ ଘରୋଇ ସିଜନରେ ଏମାନେ ସ୍କୋରିଂରେ ସହାୟତା କରିବେ। ବିସିସିଆଇ ସ୍ୱିକୃତୀପ୍ରାପ୍ତ ସ୍କୋରର୍ ସିଡି ସୁନିଲଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଓସିଏର ଡାଟା ମ୍ୟାନେଜମେଣ୍ଟ ମୁଖ୍ୟ ଗଣେଶ କର, ସିଇଓ ସୁବ୍ରତ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍

## ଫାଇନାଲରେ ରମେଶ ବୁଦ୍ଧିଲାଲ୍

ଚେନ୍ନଇ, ୯।୮ (ଏଜେନ୍ସି):

ସର୍ଫିଙ୍ଗ୍‌ରେ ବିରାଟ ଢେଉକୁ ସାମ୍ନା କରିବା ଓ ବିପୁଳ ଅର୍ଥବ୍ୟୟ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାକୁ ସଫଳତାର ସହ ମୁକାବିଲା କରିବାରେ ସମର୍ଥ ହୋଇଛନ୍ତି ଜଣେ ଭାରତୀୟ ରମେଶ ବୁଦ୍ଧିଲାଲ। ମହାବଳିପୁରମରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଫାଇନାଲରେ ପ୍ରବେଶ କରି ରମେଶ ଭାରତୀୟମାନେ ଏଭଳି କରିପାରିବେ ବୋଲି ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇଛନ୍ତି। ଏହି ରେସ୍‌ରେ ଇଣ୍ଡୋନେସିଆର ପାଜାର ଆରିୟାନା ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ ଦ୍ୱିତୀୟ ସ୍ଥାନିତ ଖେଳାଳି ମଧ୍ୟ ଫାଇନାଲରେ ପ୍ରବେଶ କରିପାରିବେ। ଚୀନ୍‌ର ଶିଡୋଙ୍ଗ ଉ ଓ ଭାରତର କିଶୋର କୁମାରଙ୍କୁ ପଛରେ ପକାଇ ରମେଶ ଦ୍ୱିତୀୟ ସ୍ଥାନ ଅଧିକାର କରି ପାଜାରଙ୍କ ସହ ଫାଇନାଲରେ ପ୍ରବେଶ କରିଛନ୍ତି। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ



ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ରମେଶ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ଫାଇନାଲରେ ପ୍ରବେଶ କରିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

ମ୍ୟାଚ୍‌ରେ କନୱେ, ସିରିଜ୍‌ରେ ହେନରୀ ଶ୍ରେଷ୍ଠ

## ନ୍ୟୁଜିଲାଣ୍ଡର ଟେଷ୍ଟ କ୍ଲିନ୍ ସ୍ୱିପ୍




ବୁଲାୱାୟୋ, ୯।୮ (ଏଜେନ୍ସି): ଘରୋଇ ଜିମ୍ବାୱେ ଦଳକୁ ଏକ ଇନିଂସ ଓ ୩୫୯ ରନ୍‌ରେ ପରାସ୍ତ କରି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଏଠାରେ ଶନିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ଏହା ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନ୍ୟୁଜିଲାଣ୍ଡ କ୍ଲିନ୍ ସ୍ୱିପ୍ କରିଛି। ପୂର୍ବରୁ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ନ୍ୟୁଜିଲାଣ୍ଡ ୯ ୱିକେଟରେ ଜିତିଥିଲା। ଦ୍ୱିତୀୟ ଟେଷ୍ଟରେ ୧୫୩ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନର ଡେଭନ କନୱେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୨ଟି ଟେଷ୍ଟରେ ୧୬ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ମ୍ୟାଟ୍ ହେନରୀଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଦ୍ୱିତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୧୨୫ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩ ୱିକେଟରେ ୬୦୧ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ୪୭୬ ରନ୍‌ରେ ପଛୁଆ ଥିବା ଜିମ୍ବାୱେ ଦ୍ୱିତୀୟ ଇନିଂସରେ ୧୧୭ ରନ୍ କରିଥିଲା। ନିକ୍ ୱେଲଚ ୪୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପେସ୍ ବୋଲରଙ୍କୁ ସମସ୍ତ ୧୦ଟି ଯାକ ୱିକେଟ ମିଳିଥିଲାବେଳେ ଡେବ୍ୟୁଟାଣ୍ଟ ଜାକାରି ଫୋଲ୍କସ ସର୍ବାଧିକ ୫ଟି ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS